

ତନ୍ୱୀ ପତ୍ରୀଙ୍କୁ ଟାଇଟଲ୍

▸ପୃଷ୍ଠା ୧୨ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-312 ◆MONDAY ◆11 MAY 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୩୧୨ ◆ସୋମବାର ◆୧୧ ମେ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦






Talk to our jewellery expert to know more 1800 2966 677 | Buy online at **tanishq.co.in** | or Download our App | *Conditions apply, For T&C visit our website.

Chandrasekharpur, Bhubaneswar, Mob-7205050700 | Master Canteen Square, Bhubaneswar, Mob-9238307043

Amalapada, Lane-2, Angul, Mob-9090066000, 8147485152 | Cantonment Road, Cuttack, Mob-9238307044

ପରାଜୟ ପରେ ଟିଏମ୍‌ସିରେ ବିଦ୍ରୋହ

# ୩ ମୁଖପାତ୍ର ନିଲମ୍ବିତ

କୋଲକାତା,୧୦।୫(ଏଜେନ୍ସି): ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ଶୋଚନୀୟ ପରାଜୟ ପରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ମଧ୍ୟରେ କଳହ ତେଜିବାରେ ଲାଗିଛି। ଦଳ ବିରୋଧୀ ମନ୍ତବ୍ୟ ଦେବା ଅଭିଯୋଗରେ ଶନିବାର ଦଳ ତିନିଜଣ ପ୍ରମୁଖ ମୁଖପାତ୍ରଙ୍କୁ ୬ ବର୍ଷ ପାଇଁ ନିଲମ୍ବିତ କରିଛି। ନିଲମ୍ବିତ ନେତାମାନେ ହେଲେ କୋହିନୂର ମଜୁମଦାର, ରିଜୁ ଦତ୍ତ ଏବଂ କାର୍ତ୍ତିକ ଘୋଷ। ଏହି ନେତାମାନେ ନିର୍ବାଚନ ପରାଜୟ ପାଇଁ ଦଳର ରଣନୀତି ଏବଂ ଶୀର୍ଷ ନେତୃତ୍ୱଙ୍କ କାର୍ଯ୍ୟଶୈଳୀ ଉପରେ ସର୍ବସାଧାରଣରେ ପ୍ରଶ୍ନ ଉଠାଇଥିଲେ। ମୁଖପାତ୍ର କୋହିନୂର ମଜୁମଦାର ଅଭିଯୋଗ କରିଥିଲେ ଯେ ସାଧାରଣ ସମ୍ପାଦକ ଅଭିଷେକ ବାନାର୍ଜୀଙ୍କୁ ଭେଟିବା ପାଇଁ ନେତାମାନଙ୍କୁ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡୁଛି। ସେହିଭଳି ରିଜୁ ଦତ୍ତ ସୋସିଆଲ ମିଡିଆରେ ବିଜେପି ସରକାରଙ୍କ ପ୍ରଶଂସା କରିଥିବା ଜଣାପଡ଼ିଛି। ଉଲ୍ଲେଖଥାଉ କି, ପଶ୍ଚିମବଙ୍ଗର ୨୯୪ଟି ଆସନ ମଧ୍ୟରୁ ବିଜେପି ୨୦୭ଟି ଆସନ ସହ ବହୁମତ ହାସଲ କରିଛି। ଟିଏମ୍‌ସି ମାତ୍ର ୮୦ଟି ଆସନକୁ ଖସି ଆସିଛି। ଅନୁଶାସନ ଭଙ୍ଗ କଲେ କଠୋର ଦଣ୍ଡ ମିଳିବ କହି ଦଳୀୟ ଶୃଙ୍ଖଳା କମିଟିର ସଦସ୍ୟ ଡେରେକ୍ ଓ'ବ୍ରାଏନ୍ ପୂର୍ବରୁ ୫ ଜଣଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ତନ୍ମଧ୍ୟରୁ ଏହି ୩ ଜଣଙ୍କୁ ବହିଷ୍କାର କରାଯାଇଛି।

# କେନ୍ଦ୍ରମନ୍ତ୍ରୀ ବନ୍ଦୀ ସଞ୍ଜୟଙ୍କ ପୁଅ ବିରୋଧରେ ପକ୍ସୋ ମାମଲା



ନାବାଳିକାକୁ ଯୌନ ନିର୍ଯାତନା ଅଭିଯୋଗ

ହାଇଦ୍ରାବାଦ,୧୦।୫(ଏଜେନ୍ସି): ତେଲଙ୍ଗାନାର ଭାଜପା ସାଂସଦ ତଥା କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ବନ୍ଦୀ ସଞ୍ଜୟ କୁମାରଙ୍କ ପୁଅ ବନ୍ଦୀ ଭଗୀରଥଙ୍କ ନାମରେ ଏକ ଗୁରୁତର ଅଭିଯୋଗ ଆସିଛି। ଜଣେ ୧୭ ବର୍ଷୀୟା ନାବାଳିକାକୁ ଯୌନ ନିର୍ଯାତନା ଦେବା ଅଭିଯୋଗରେ ପୁଲିସ ତାଙ୍କ ବିରୋଧରେ ପକ୍ସୋ ଆଇନ ଅନୁଯାୟୀ ମାମଲା ରୁଜୁ କରିଛି। ନାବାଳିକାଙ୍କ ମା'ଙ୍କ ପକ୍ଷରୁ ଦିଆଯାଇଥିବା ଅଭିଯୋଗ ଅନୁଯାୟୀ, ଭଗୀରଥ ଏବଂ ଉକ୍ତ ନାବାଳିକା ଗତ ୭-୮ ମାସ ଧରି ପରସ୍ପର ସହ ସମ୍ପର୍କରେ ଥିଲେ। କିନ୍ତୁ ଗତ ଡିସେମ୍ବର ୩୧ ରାତିରେ ମୋଇନାବାଦ ସ୍ଥିତ ଏକ ଫାର୍ମହାଉସରେ ଭଗୀରଥ ନାବାଳିକାଙ୍କୁ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଛି। ହାଇଦ୍ରାବାଦର ପେଟ ବଶୀରବାଗ ପୁଲିସ ଏନେଇ ଏକ ମାମଲା ପଞ୍ଜିକୃତ କରି ପ୍ରାଥମିକ ତଦନ୍ତ ଜାରି ରହିଛି। ପୀଡ଼ିତା ନାବାଳିକାଙ୍କ ବୟାନ ଏପର୍ଯ୍ୟନ୍ତ ରେକର୍ଡ କରାଯାଇ ନାହିଁ, ଯାହା ତଦନ୍ତ ପ୍ରକ୍ରିୟାରେ ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼ ହେବ ବୋଲି ଆଶା କରାଯାଉଛି।

# ଇରାନ ବିରୋଧରେ ଇସ୍ରାଏଲର ବଡ଼ ରଣନୀତି

ଇରାକ ମରୁଭୂମିରେ ଗୁପ୍ତ ଘାଟି ନିର୍ମାଣ କରିଥିବା ରିପୋର୍ଟ

ନୂଆଦିଲ୍ଲୀ,୧୦।୫(ଏଜେନ୍ସି): ଇରାନ ବିରୋଧରେ ଆକାଶମାର୍ଗରୁ ଆକ୍ରମଣକୁ ସଫଳ କରିବା ପାଇଁ ଇସ୍ରାଏଲ, ଇରାକ ମରୁଭୂମିରେ ଏକ ଗୁପ୍ତ ସାମରିକ ଘାଟି ନିର୍ମାଣ କରିଥିବା 'ଦି ୱାଲ୍ ଷ୍ଟ୍ରିଟ୍ ଜର୍ଣ୍ଣାଲ' ରିପୋର୍ଟରେ ପ୍ରକାଶ ପାଇଛି। ଆମେରିକାର ପୂର୍ବ ସୂଚନା ଏବଂ ସହଯୋଗରେ ଫେବ୍ରୁଆରୀ ୨୮ରେ ଯୁଦ୍ଧ ଆରମ୍ଭ ହେବା ପୂର୍ବରୁ ଏହି ଘାଟି ନିର୍ମାଣ କରାଯାଇଥିଲା। ଏହି ଗୁପ୍ତ ସ୍ଥାନରେ ଇସ୍ରାଏଲର ସ୍ପେଶାଲ୍ ଫୋର୍ସ ରହିବା ସହ ଏହା ଏକ ଯୋଗାଣ କେନ୍ଦ୍ର (ଲଜିଷ୍ଟିକ୍ ହବ୍) ଭାବେ କାର୍ଯ୍ୟ କରୁଥିଲା। ଯଦି ଇରାନ ମଧ୍ୟରେ କୌଣସି ଇସ୍ରାଏଲି ପାଇଲଟ୍ ବିପଦରେ ପଡ଼ନ୍ତି, ତେବେ ସେମାନଙ୍କୁ ଉଦ୍ଧାର କରିବା ପାଇଁ ଏଠାରେ ଏକ ଦଳ ମୁତୟନ କରାଯାଇଥିଲା। ମାର୍ଚ୍ଚ ମାସରେ ଜଣେ ମେଣ୍ଢା ଚରାଳିଙ୍କଠାରୁ ସୂଚନା ପାଇ ଇରାକୀ ସେନା ଏହି ଅଞ୍ଚଳରେ ଯାଞ୍ଚ ଆରମ୍ଭ କରିଥିଲେ। ସେମାନଙ୍କୁ ଅଟକାଇବା ପାଇଁ ଇସ୍ରାଏଲ ଆକ୍ରମଣ କରିଥିଲା। ସେଥିରେ ଜଣେ ଇରାକୀ ସୈନ୍ୟଙ୍କ ମୃତ୍ୟୁ ଘଟିଥିଲା। ଆସନ୍ତା ସପ୍ତାହରେ ପାକିସ୍ତାନର ଇସଲାମାବାଦରେ ଆମେରିକା ଏବଂ ଇରାନ ମଧ୍ୟରେ ପୁଣିଥରେ ଆଲୋଚନା ସମ୍ଭାବନା ସୃଷ୍ଟି ହୋଇଛି। ଉତ୍ତେଜନା ହ୍ରାସ କରିବା ପାଇଁ ଏକ ୧୪-ଦଫା ସମ୍ମତି ପତ୍ର (ଏମ୍‌ଓୟୁ) ଉପରେ ଗୁରୁତ୍ୱ ଦିଆଯାଉଛି। ରାଷ୍ଟ୍ରପତି ଟ୍ରମ୍ପଙ୍କ ନିର୍ଦ୍ଦେଶରେ ଏବେ ଏହି ଅଞ୍ଚଳରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଅସ୍ତ୍ରବିରତି ବଳବତ୍ତର ରହିଛି।

# ସ୍କଟ୍‌ଲ୍ୟାଣ୍ଡ ସଂସଦରେ ତାମିଲନାଡୁର କ୍ୟୁ ମଣିଭାନ୍ନନ

ଏଡିନବର୍ଗ,୧୦।୫(ଏଜେନ୍ସି): ତାମିଲନାଡୁରେ ଜନ୍ମିତ ଟ୍ରାନ୍ସଜେଣ୍ଡର ତଥା ଅଣ-ବାଇନାରୀ (ନନ୍-ବାଇନାରୀ) ନେତା କ୍ୟୁ ମଣିଭାନ୍ନନ ସ୍କଟଲ୍ୟାଣ୍ଡ ସଂସଦକୁ ନିର୍ବାଚିତ ହୋଇଛନ୍ତି। ସ୍କଟିସ୍ ଗ୍ରୀନ୍ ପାର୍ଟିର ପ୍ରାର୍ଥୀ ଭାବେ ସେ ଏଡିନବର୍ଗରୁ ଏହି ବିଜୟ ହାସଲ କରିଛନ୍ତି। ମଣିଭାନ୍ନନ ତାମିଲନାଡୁର ମୂଳ ବାସିନ୍ଦା। ସେ ଦିଲ୍ଲୀର ଓପି ଜିନ୍ଦଲ ବିଶ୍ୱବିଦ୍ୟାଳୟରୁ ଶିକ୍ଷା ସମାପ୍ତ କରି ୨୦୨୧ରେ ପାଠ ପଢ଼ିବା ପାଇଁ ସ୍କଟଲ୍ୟାଣ୍ଡ ଯାଇଥିଲେ। ସେ ଜଣେ କବି ଏବଂ ନୃତତ୍ତ୍ୱବିଜ୍ଞାନୀ ଭାବେ ମଧ୍ୟ ପରିଚିତ। ଆଶ୍ଚର୍ଯ୍ୟର କଥା ଯେ, ମଣିଭାନ୍ନନଙ୍କ ପାଖରେ ବ୍ରିଟିଶ ନାଗରିକତ୍ୱ କିମ୍ବା ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର ନାହିଁ। ସେ ଜଣେ କମନୱେଲଥ ନାଗରିକ ଏବଂ ବୈଧ ଭିସାରେ ସେଠାରେ ରହୁଥିବାରୁ ନିର୍ବାଚନ ଲଢ଼ିବାକୁ ଯୋଗ୍ୟ ବିବେଚିତ ହୋଇଥିଲେ। ୨୦୨୫ରେ ସ୍କଟଲ୍ୟାଣ୍ଡ ସରକାର ଏହି ନିୟମ ବଦଳାଇଥିଲେ। ନିଜ ବିଜୟ ଭାଷଣରେ ସେ ନିଜକୁ ଜଣେ 'ତାମିଲ ପ୍ରବାସୀ' ବୋଲି ପରିଚୟ ଦେଇଛନ୍ତି। ତାଙ୍କର ଏହି ବିଜୟକୁ କେତେକ ସ୍ୱାଗତ କରିଥିବା ବେଳେ ବ୍ରିଟେନର କିଛି ଗୋଷ୍ଠୀ ଏହାକୁ ସମାଲୋଚନା କରିଛନ୍ତି। ବିଦେଶୀ ନାଗରିକଙ୍କୁ କିପରି ବ୍ରିଟିଶ ନିର୍ବାଚନରେ ଲଢ଼ିବାକୁ ଅନୁମତି ଦିଆଗଲା, ସେ ନେଇ ସୋସିଆଲ ମିଡିଆରେ ଅନେକ ପ୍ରଶ୍ନ ଉଠାଇଛନ୍ତି। ସ୍କଟଲ୍ୟାଣ୍ଡ ରାଜନୀତିରେ ଏହା ଏକ ବିରଳ ଘଟଣା, ଯେଉଁଠି ଜଣେ ଅଣ-ସ୍ଥାୟୀ ବାସିନ୍ଦା ଜନପ୍ରତିନିଧି ଭାବେ ନିର୍ବାଚିତ ହୋଇଛନ୍ତି।



ରଷ-ୟୁକ୍ରେନ ଯୁଦ୍ଧର ଅନ୍ତ ନିକଟତର

# ଶାନ୍ତି ପାଇଁ ପ୍ରସ୍ତୁତ ବୋଲି ସଙ୍କେତ ଦେଲେ ପୁଟିନ



ମସ୍କୋ,୧୦।୫(ଏଜେନ୍ସି): ଦୀର୍ଘ ଚାରି ବର୍ଷରୁ ଅଧିକ ସମୟ ଧରି ଚାଲିଥିବା ରଷ ଏବଂ ୟୁକ୍ରେନ ମଧ୍ୟରେ ଭୟଙ୍କର ସଂଘର୍ଷ ଏବେ ସମାପ୍ତି ଆଡ଼କୁ ଗତି କରୁଥିବା ପରି ମନେହେଉଛି। ରଷର ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଶନିବାର ଏକ ବଡ଼ ବୟାନ ଦେଇ କହିଛନ୍ତି ଯେ, ଏହି ଯୁଦ୍ଧ ଏବେ 'ଶେଷ ପର୍ଯ୍ୟାୟ'ରେ ପହଞ୍ଚିଛି। ଏଥିସହ ସେ ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କିଙ୍କ ସହ ଏକ ତୃତୀୟ ଦେଶରେ ସାକ୍ଷାତ କରିବାକୁ ପ୍ରସ୍ତୁତ ଥିବା ସଙ୍କେତ ଦେଇଛନ୍ତି। ବିଜୟ ଦିବସ ପରେ ସାମ୍ବାଦିକମାନଙ୍କୁ ସମ୍ବୋଧିତ କରି ପୁଟିନ କହିଛନ୍ତି ଯେ, ୟୁରୋପରେ ଏକ ନୂତନ ସୁରକ୍ଷା ବ୍ୟବସ୍ଥା ଗଠନ ପାଇଁ ସେ ମୁକ୍ତ ଭାବେ ଆଲୋଚନା କରିବାକୁ ଚାହାଁନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ପକ୍ଷରୁ ଶାନ୍ତି ପ୍ରକ୍ରିୟା ପାଇଁ ପ୍ରସ୍ତାବିତ ତିନି ଦିନିଆ ଅସ୍ତ୍ରବିରତିକୁ ଉଭୟ ଦେଶ ସମର୍ଥନ କରିଛନ୍ତି।

ଶନିବାରଠାରୁ ସୋମବାର ପର୍ଯ୍ୟନ୍ତ ଏହି ଅସ୍ତ୍ରବିରତି ଜାରି ରହିଛି ଏବଂ ଏପର୍ଯ୍ୟନ୍ତ କୌଣସି ପକ୍ଷରୁ ନିୟମ ଉଲ୍ଲଂଘନ ହୋଇଥିବା ଖବର ମିଳିନାହିଁ। ତେବେ ପୁଟିନ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ, ରଷର ମୂଳ ଲକ୍ଷ୍ୟ ପୂରଣ ହେବା ପରେ ହିଁ ସମ୍ପୂର୍ଣ୍ଣ ଶାନ୍ତି ପ୍ରତିଷ୍ଠା ହେବ। ଜେଲେନସ୍କିଙ୍କ ସହ ସାକ୍ଷାତକାର କେବଳ ସେତେବେଳେ ସମ୍ଭବ ହେବ, ଯେତେବେଳେ ଏକ ଦୀର୍ଘକାଳୀନ ଶାନ୍ତି ଚୁକ୍ତିର ରୂପରେଖ ସ୍ଥିର ହେବ। ଏହି ଯୁଦ୍ଧ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରଠାରୁ ୟୁରୋପର ସବୁଠାରୁ ବଡ଼ ସଙ୍କଟ ଭାବେ ଉଭା ହୋଇଥିବା ବେଳେ ରାଷ୍ଟ୍ରପତି ଟ୍ରମ୍ପ ଏହାକୁ ଶେଷ କରିବା ପାଇଁ ବ୍ୟକ୍ତିଗତ ଭାବେ ଆଗ୍ରହ ପ୍ରକାଶ କରିଛନ୍ତି। ପୁଟିନଙ୍କର ଏହି ନମନୀୟ ମନୋଭାବ ବିଶ୍ୱ ରାଜନୀତିରେ ଏକ ଆଶାର କିରଣ ଦେଖାଇଛି। ଯଦିଓ ଯୁଦ୍ଧଭୂମିରେ ସାମରିକ ଗତିବିଧି ସମ୍ପୂର୍ଣ୍ଣ ବନ୍ଦ ହୋଇନାହିଁ, ତଥାପି କୂଟନୈତିକ ସ୍ତରରେ ଆଲୋଚନା ପାଇଁ ପୁଟିନଙ୍କ ପ୍ରସ୍ତୁତି ଏବଂ ଆମେରିକାର ମଧ୍ୟସ୍ଥତା ଯୁଦ୍ଧ ପ୍ରଭାବିତ ଅଞ୍ଚଳରେ ଶାନ୍ତି ଫେରାଇ ଆଣିବାରେ ସହାୟକ ହୋଇପାରେ। ସମଗ୍ର ବିଶ୍ୱ ଏବେ ଏହି ସମ୍ଭାବ୍ୟ ଶାନ୍ତି ଚୁକ୍ତି ଏବଂ ଦୁଇ ନେତାଙ୍କ ମଧ୍ୟରେ ହେବାକୁ ଥିବା ସାକ୍ଷାତକାର ଉପରେ ନଜର ରଖିଛି।

■ ଲେବର ପାର୍ଟିରେ ବିଦ୍ରୋହ

# ବ୍ରିଟେନ ପ୍ରଧାନମନ୍ତ୍ରୀଙ୍କୁ ଗାଦିଚ୍ୟୁତ କରିବା ପାଇଁ ଚେତାବନୀ



ଲଣ୍ଡନ,୧୦।୫(ଏଜେନ୍ସି): ସ୍ଥାନୀୟ ନିର୍ବାଚନରେ ଶୋଚନୀୟ ପରାଜୟ ପରେ ବ୍ରିଟେନ ପ୍ରଧାନମନ୍ତ୍ରୀ କିର ଷ୍ଟାରମର ନିଜ ଦଳ 'ଲେବର ପାର୍ଟି' ମଧ୍ୟରେ ତୀବ୍ର ବିରୋଧର ସମ୍ମୁଖୀନ ହୋଇଛନ୍ତି। ଦଳର ସାଂସଦ କ୍ୟାଥରିନ ୱେଷ୍ଟ ସୋମବାର ସୁଦ୍ଧା ଷ୍ଟାରମରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନହେଲେ ନେତୃତ୍ୱ ପରିବର୍ତ୍ତନ ପାଇଁ ଆନୁଷ୍ଠାନିକ ଆହ୍ୱାନ ଦେବେ ବୋଲି ଧମକ ଦେଇଛନ୍ତି। ସାଧାରଣ ନିର୍ବାଚନ ପରେ ଏହା ଲେବର ପାର୍ଟିର ସବୁଠାରୁ ଖରାପ ପ୍ରଦର୍ଶନ। ଦଳ ପ୍ରାୟ ୧,୪୦୦ରୁ ଅଧିକ କାଉନସିଲ୍ ଆସନ ହରାଇଛି। ପ୍ରାୟ ୨୪ରୁ ଅଧିକ ସାଂସଦ ଷ୍ଟାରମରଙ୍କ ଇସ୍ତଫା ଦାବି କରିଛନ୍ତି। ସ୍ୱାସ୍ଥ୍ୟ ସଚିବ ୱେସ୍ ଷ୍ଟ୍ରିଟିଙ୍ଗ୍ ଏବଂ ମାଞ୍ଚେଷ୍ଟର ମେୟର ଆଣ୍ଡି ବର୍ନହମ୍‌ଙ୍କ ନାମ ନୂଆ ନେତା ଭାବେ ଚର୍ଚ୍ଚା ହେଉଛି। ନିଜ ସ୍ଥିତିକୁ ସଜାଡ଼ିବା ପାଇଁ ଷ୍ଟାରମର ପୂର୍ବତନ ପ୍ରଧାନମନ୍ତ୍ରୀ ଗର୍ଡନ ବ୍ରାଉନଙ୍କୁ ପରାମର୍ଶଦାତା ଭାବେ ନିଯୁକ୍ତ କରିଛନ୍ତି। ଜନସାଧାରଣଙ୍କ ବିଶ୍ୱାସ ଜିତିବା ପାଇଁ ସୋମବାର ସେ ଏକ ସ୍ୱତନ୍ତ୍ର ଭାଷଣ ଦେବାକୁ ଯାଉଛନ୍ତି, ଯାହାକୁ ସରକାରଙ୍କ 'ରିସେଟ୍' ବୋଲି କୁହାଯାଉଛି। ଯଦି ୮୧ ଜଣ ସାଂସଦ ଷ୍ଟାରମରଙ୍କ ବିରୋଧରେ ଯାଆନ୍ତି, ତେବେ ବ୍ରିଟେନରେ ପୁଣିଥରେ ନେତୃତ୍ୱ ପରିବର୍ତ୍ତନ ପାଇଁ ନିର୍ବାଚନ ହେବାର ସମ୍ଭାବନା ରହିଛି।

ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ବଡ଼ ଧରଣର ସୁରକ୍ଷା ଅଘଟଣ

# ସଭାସ୍ଥଳ ନିକଟରୁ ବିସ୍ଫୋରକ ଜବତ

ବେଙ୍ଗାଲୁରୁ,୧୦।୫(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବେଙ୍ଗାଲୁରୁ ଗସ୍ତ ପୂର୍ବରୁ ଏକ ବଡ଼ ଧରଣର ସୁରକ୍ଷା ବିଭ୍ରାଟ ସାମ୍ନାକୁ ଆସିଛି। ସହରର ଉପକଣ୍ଠରେ ଆୟୋଜିତ ହେବାକୁ ଥିବା ପ୍ରଧାନମନ୍ତ୍ରୀଙ୍କ ସଭାସ୍ଥଳ ନିକଟରୁ ରବିବାର ସକାଳେ ବିସ୍ଫୋରକ ସାମଗ୍ରୀ ଉଦ୍ଧାର କରାଯାଇଛି। ଏହି ଘଟଣା ପରେ ସମଗ୍ର ଅଞ୍ଚଳରେ ହାଇ-ଆଲର୍ଟ ଜାରି କରାଯିବା ସହ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଛି। ବେଙ୍ଗାଲୁରୁ କେନ୍ଦ୍ରୀୟ ରେଞ୍ଜର ଡିଆଇଜିଙ୍କ ସୂଚନା ଅନୁଯାୟୀ, ରବିବାର ସକାଳେ ସୁରକ୍ଷା ଯାଞ୍ଚ ସମୟରେ ମୁଖ୍ୟ ସଭାସ୍ଥଳଠାରୁ ମାତ୍ର ୩ କିଲୋମିଟର ଦୂରରେ ରାସ୍ତା କଡ଼ରୁ ଦୁଇଟି ଜେଲାଟିନ୍ ଷ୍ଟିକ୍ (ବିସ୍ଫୋରକ) ମିଳିଥିଲା। ପ୍ରଧାନମନ୍ତ୍ରୀଙ୍କ ଆଗମନର କିଛି ଘଣ୍ଟା ପୂର୍ବରୁ ଏହି ବିସ୍ଫୋରକ ମିଳିବା ନିରାପତ୍ତା ବ୍ୟବସ୍ଥା ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୁଲିସ ଏବଂ ଗୋଇନ୍ଦା ବିଭାଗ ପକ୍ଷରୁ ଏହି ଘଟଣାର ତଦନ୍ତ ଆରମ୍ଭ ହୋଇଛି। ଉଲ୍ଲେଖଯୋଗ୍ୟ, ଗତକାଲି ଗୋଇନ୍ଦା ସଂସ୍ଥା ପକ୍ଷରୁ ସମ୍ଭାବ୍ୟ ଆତଙ୍କବାଦୀ ଆକ୍ରମଣ ନେଇ ସତର୍କ ସୂଚନା ଜାରି କରାଯାଇଥିଲା। ବିଶେଷ କରି ଦିଲ୍ଲୀ ଏବଂ ଅନ୍ୟାନ୍ୟ ପ୍ରମୁଖ ସହରରେ ସୁରକ୍ଷା ଏଜେନ୍ସିଗୁଡ଼ିକ ଅଧିକ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସନ୍ଦେହଜନକ ଗତିବିଧି, ଅପରିଚିତ ବସ୍ତୁ ଏବଂ ପାର୍କିଂ କରାଯାଇଥିବା ଯାନବାହନ ଉପରେ ତୀକ୍ଷ୍ଣ ନଜର ରଖିବାକୁ ପ୍ରଶାସନ ପକ୍ଷରୁ କୁହାଯାଇଛି। ପ୍ରଧାନମନ୍ତ୍ରୀଙ୍କ ଭଳି ଅତି ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିଙ୍କ ଗସ୍ତ ସମୟରେ ଏଭଳି ବିସ୍ଫୋରକ ମିଳିବା ଏକ ଗମ୍ଭୀର ବିଷୟ। ପୁଲିସ ବର୍ତ୍ତମାନ ସ୍ଥାନୀୟ ଅଞ୍ଚଳର ସିସିଟିଭି ଫୁଟେଜ୍ ଯାଞ୍ଚ କରିବା ସହ ଏହି ଷଡ଼ଯନ୍ତ୍ର ପଛରେ କାହାର ହାତ ଅଛି, ସେ ନେଇ ଖୋଳତାଡ଼ ଜାରି ରଖିଛି। ସୁରକ୍ଷା ବାହିନୀ ପକ୍ଷରୁ ସଭାସ୍ଥଳ ଏବଂ ଏହାର ଆଖପାଖ ଅଞ୍ଚଳକୁ ସମ୍ପୂର୍ଣ୍ଣ ରୂପେ ସିଲ୍ କରାଯାଇ ତଲାସି ଅଭିଯାନକୁ ଜୋରଦାର କରାଯାଇଛି।

# 'ବନ୍ଦେ ମାତରମ୍' ଗାନ ସହ ଆରମ୍ଭ ହେଲା ବିଜୟଙ୍କ ନୂଆ ଶାସନ



ଚେନ୍ନଇ,୧୦।୫(ଏଜେନ୍ସି): ତାମିଲନାଡୁର ନୂତନ ମୁଖ୍ୟମନ୍ତ୍ରୀ ଭାବେ ସି. ଜୋସେଫ ବିଜୟ ଆଜି ଚେନ୍ନାଇର ଜବାହରଲାଲ ନେହେରୁ ଷ୍ଟାଡିୟମରେ ଶପଥ ଗ୍ରହଣ କରିଛନ୍ତି। ଏହି ଉତ୍ସବରେ କେନ୍ଦ୍ର ସରକାରଙ୍କ ନୂତନ ନିୟମ ଅନୁଯାୟୀ ପ୍ରଥମେ ସମ୍ପୂର୍ଣ୍ଣ 'ବନ୍ଦେ ମାତରମ୍' ଗାନ କରାଯାଇଥିଲା, ଯାହା ପରେ ଜାତୀୟ ସଙ୍ଗୀତ ଏବଂ ରାଜ୍ୟ ସଙ୍ଗୀତ ପରିବେଷଣ ହୋଇଥିଲା। ଶପଥ ଗ୍ରହଣ ପରେ ବିଜୟ ମଞ୍ଚରେ ଉପସ୍ଥିତ ଥିବା ରାହୁଲ ଗାନ୍ଧୀ, ଅଭିନେତ୍ରୀ ତ୍ରିଶା ଏବଂ କ୍ୟାବିନେଟ ସହଯୋଗୀଙ୍କ ସହ ଏକ ସେଲଫି ନେଇ କାର୍ଯ୍ୟକ୍ରମ ଶେଷ କରିଥିଲେ। ରାଜ୍ୟରେ କେବଳ ସେ ନିଜେ ହିଁ ଶକ୍ତିର କେନ୍ଦ୍ରବିନ୍ଦୁ ହେବେ ଏବଂ କୌଣସି ପ୍ରକାର ଦୁର୍ନୀତିକୁ ପ୍ରଶ୍ରୟ ଦେବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ଦାୟିତ୍ୱ ନେଉ ନେଉ ବିଜୟ ୨୦୦ ୟୁନିଟ୍ ମାଗଣା ବିଦ୍ୟୁତ ଏବଂ ମହିଳାଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ବାହିନୀ ଗଠନ ଫାଇଲରେ ସ୍ୱାକ୍ଷର କରିଛନ୍ତି। ବିଜୟ ନିଜକୁ ଜଣେ ସାଧାରଣ ମଣିଷ ଏବଂ ଜନତାଙ୍କ 'ଭାଇ' ବୋଲି ଅଭିହିତ କରି ତାମିଲନାଡୁରେ ଏକ ସ୍ୱଚ୍ଛ ଓ ଧର୍ମନିରପେକ୍ଷ ଶାସନର ପ୍ରତିଶ୍ରୁତି ଦେଇଛନ୍ତି।

# ସାମରିକ ଅବରୋଧ ଯୋଗୁଁ ସମୁଦ୍ରରେ ତେଲ ଢାଳୁଛି କି ତେହେରାନ?

ଇରାନର ବଡ଼ ସଙ୍କଟ

ନୂଆଦିଲ୍ଲୀ,୧୦।୫(ଏଜେନ୍ସି): ଆମେରିକାର ନୌସେନା ଅବରୋଧ ଏବଂ ଇସ୍ରାଏଲ ସହ ଯୁଦ୍ଧ ପରିସ୍ଥିତି ଯୋଗୁଁ ଇରାନ ଏବେ ଏକ ଅଭାବନୀୟ ସଙ୍କଟର ସମ୍ମୁଖୀନ ହୋଇଛି। ଉପଗ୍ରହ ଚିତ୍ର ଅନୁଯାୟୀ, ଇରାନର ପ୍ରମୁଖ ତୈଳ ରପ୍ତାନି କେନ୍ଦ୍ର ଖାର୍ଗ ଦ୍ୱୀପ ନିକଟରେ ସମୁଦ୍ର ମଧ୍ୟରେ ବିଶାଳ କଳା ଦାଗ ଦେଖିବାକୁ ମିଳିଛି, ଯାହା ଅଶୋଧିତ ତୈଳ ବୋଲି ସନ୍ଦେହ କରାଯାଉଛି। ଆମେରିକାର ସାମରିକ ଅବରୋଧ ଯୋଗୁଁ ଇରାନରୁ ତେଲ ବାହାରକୁ ଯାଇପାରୁ ନାହିଁ। ଫଳରେ ସ୍ଥଳଭାଗରେ ଥିବା ଟାଙ୍କି ଏବଂ ସମୁଦ୍ରରେ ଥିବା ପୁରୁଣା ଜାହାଜ ସବୁ ତେଲରେ ଭର୍ତ୍ତି ହୋଇରହିଛି। ବୈଷୟିକ କାରଣରୁ ଇରାନ ନିଜର ତୈଳ କୂଅଗୁଡ଼ିକୁ ବନ୍ଦ କରିପାରିବ ନାହିଁ। ଯଦି ଉତ୍ପାଦନ ବନ୍ଦ ହୁଏ, ତେବେ ମାଟି ତଳେ ଥିବା ତୈଳ ଭଣ୍ଡାର ସ୍ଥାୟୀ ଭାବେ ନଷ୍ଟ ହୋଇଯିବାର ଭୟ ରହିଛି। ସାଇତିବା ପାଇଁ ସ୍ଥାନ ନଥିବାରୁ ଇରାନ ବାଧ୍ୟ ହୋଇ ଉଦ୍‌ବୃତ୍ତ ତେଲକୁ ସମୁଦ୍ରରେ ଢାଳୁଥିବା ଅନୁମାନ କରାଯାଉଛି। ଏକ ସାଟେଲାଇଟ୍ ଚିତ୍ରରେ ପ୍ରାୟ ୧୨୦ ବର୍ଗ କିଲୋମିଟର ବ୍ୟାପୀ ଅଞ୍ଚଳରେ ତେଲ ଭାସୁଥିବା ଦେଖାଯାଇଛି। ସମୁଦ୍ରରେ ତେଲ ମିଶିବା ଯୋଗୁଁ ମାଛ ଏବଂ ଅନ୍ୟାନ୍ୟ ଜଳଜ ପ୍ରାଣୀ ମୃତ୍ୟୁବରଣ କରୁଛନ୍ତି। ଓମାନର ଉପକୂଳରେ ହଜାର ହଜାର ମୃତ ଚିଙ୍ଗୁଡ଼ି ଭାସୁଥିବା ଦେଖାଯାଇଛି। ହରମୁଜ ପ୍ରଣାଳୀରେ ଅବରୋଧ ଯୋଗୁଁ ବିଶ୍ୱ ବଜାରରେ ତେଲ ଦର ବଢ଼ିବାରେ ଲାଗିଛି, ଯାହାର ପ୍ରଭାବ ଭାରତ ଉପରେ ମଧ୍ୟ ପଡ଼ିବ। ଅବରୋଧ ସତ୍ତ୍ୱେ ଇରାନ ଗୁପ୍ତ ଭାବେ (ଶିପ୍ ଟୁ ଶିପ୍ ଟ୍ରାନ୍ସଫର) ଚୀନ୍ ଭଳି ଦେଶକୁ ତେଲ ପଠାଇବାକୁ ଚେଷ୍ଟା କରୁଛି। ଏହା ଏକ ବିଡ଼ମ୍ବନା ଯେ ଗୋଟିଏ ପଟେ ବିଶ୍ୱ ବଜାରରେ ତୈଳ ଅଭାବ ଦେଖାଦେଉଛି, ଅନ୍ୟପଟେ ଷ୍ଟୋରେଜ୍ ନଥିବାରୁ ଇରାନ ଲକ୍ଷ ଲକ୍ଷ ବ୍ୟାରେଲ୍ ତେଲ ସମୁଦ୍ରରେ ନଷ୍ଟ କରୁଛି।

ଉତ୍ତର କୋରିଆର 'ଡେଡ୍ ହ୍ୟାଣ୍ଡ' ନୀତି

# କିମ୍ ଜୋଙ୍ଗ୍-ଉନ୍‌ଙ୍କ ହତ୍ୟା ହେଲେ ସ୍ୱୟଂକ୍ରିୟ ପରମାଣୁ ଆକ୍ରମଣ

ପ୍ୟୋଙ୍ଗୟାଙ୍ଗ୍,୧୦।୫(ଏଜେନ୍ସି): ଉତ୍ତର କୋରିଆ ନିଜ ସମ୍ବିଧାନରେ ଏକ ବଡ଼ ଧରଣର ପରିବର୍ତ୍ତନ କରିଛି। ଯଦି ଦେଶର ସର୍ବୋଚ୍ଚ ନେତା କିମ୍ ଜୋଙ୍ଗ୍-ଉନଙ୍କୁ ହତ୍ୟା କରାଯାଏ କିମ୍ବା ସେ ଶାରୀରିକ ଭାବେ ଅକ୍ଷମ ହୋଇପଡ଼ନ୍ତି, ତେବେ ଶତ୍ରୁ ପକ୍ଷ ଉପରେ ସ୍ୱୟଂଚାଳିତ ପରମାଣୁ ଆକ୍ରମଣ କରାଯିବ। ଇରାନର ସର୍ବୋଚ୍ଚ ନେତା ଆଲି ଖାମେନେଇଙ୍କ ମୃତ୍ୟୁ ପରେ କିମ୍ ଜୋଙ୍ଗ୍-ଉନ୍ ନିଜ ସୁରକ୍ଷାକୁ ନେଇ ଭୟଭୀତ ହୋଇପଡ଼ିଛନ୍ତି। ଏହି ପରିପ୍ରେକ୍ଷୀରେ ନୂତନ ସମ୍ବିଧାନ ସଂଶୋଧନ ଅନୁଯାୟୀ, କୌଣସି ଆଦେଶ ବିନା ମଧ୍ୟ ପରମାଣୁ ମିସାଇଲ୍ ଶତ୍ରୁ ଦେଶ ଉପରେ ଆକ୍ରମଣ କରିବ। ଏହାକୁ ରୁଷର ଶୀତଳ ଯୁଦ୍ଧ ସମୟର 'ଡେଡ୍ ହ୍ୟାଣ୍ଡ' ସିଷ୍ଟମ ସହ ତୁଳନା କରାଯାଉଛି। ଏହି ନୀତି ଅନୁସାରେ ନେତୃତ୍ୱ ନଷ୍ଟ ହେଲେ ମଧ୍ୟ ପ୍ରତିଶୋଧମୂଳକ ପରମାଣୁ ଆକ୍ରମଣ ଜାରି ରଖିଥାଏ। ଉତ୍ତର କୋରିଆ ସୀମା ନିକଟରେ ୧୫୫ ମିଲିମିଟର ବିଶିଷ୍ଟ ଏକ ନୂଆ ପ୍ରକାରର ସେଲଫ୍-ପ୍ରୋପେଲଡ୍ ବନ୍ଧୁକ ମୁତୟନ କରିଛି, ଯାହା ଦକ୍ଷିଣ କୋରିଆର ରାଜଧାନୀ ସିଓଲକୁ ସହଜରେ ଟାର୍ଗେଟ୍ କରିପାରିବ। ପ୍ୟୋଙ୍ଗୟାଙ୍ଗ ନିଜ ସମ୍ବିଧାନରୁ 'କୋରିଆ ଏକୀକରଣ' ଶବ୍ଦକୁ ହଟାଇ ଦେଇଛି ଏବଂ ଦକ୍ଷିଣ କୋରିଆକୁ ନିଜର ମୁଖ୍ୟ ଶତ୍ରୁ ଭାବେ ଘୋଷଣା କରିଛି। ବିଶେଷଜ୍ଞଙ୍କ ମତରେ, କିମ୍ ଜୋଙ୍ଗ୍-ଉନ୍ ନିଜର ସୁରକ୍ଷା ପାଇଁ ଏହି ନୂଆ ଦୁର୍ଭେଦ୍ୟ ପ୍ରତିରକ୍ଷା ବ୍ୟବସ୍ଥା ଗ୍ରହଣ କରିଛନ୍ତି।

# ତାମିଲନାଡୁରେ ଉଦୟନିଧି ହେଲେ ବିରୋଧୀ ଦଳ ନେତା

ଚେନ୍ନାଇ,୧୦।୫(ଏଜେନ୍ସି): ତାମିଲନାଡୁରେ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ଉଦୟନିଧି ଷ୍ଟାଲିନଙ୍କୁ ଡିଏମକେ ବିଧାୟକ ଦଳର ନେତା ଭାବେ ନିର୍ବାଚିତ କରାଯାଇଛି। ଡିଏମକେ ପକ୍ଷରୁ କରାଯାଇଥିବା ଏହି ଘୋଷଣାରେ ଉଦୟନିଧିଙ୍କ ସହ ପୂର୍ବତନ ମନ୍ତ୍ରୀ କେ.ଏନ. ନେହେରୁଙ୍କୁ ଉପନେତା ଏବଂ ଇ.ଭି. ଭେଲୁଙ୍କୁ ଦଳର ମୁଖ୍ୟ ସଚେତକ ଭାବେ ନିଯୁକ୍ତ କରାଯାଇଛି। ଚେପାକ୍-ତିରୁବଲ୍ଲିକେନି ଆସନରୁ ଦ୍ୱିତୀୟଥର ପାଇଁ ବିଧାୟକ ଭାବେ ଉଦୟନିଧି ନିର୍ବାଚିତ ହୋଇଛନ୍ତି। ମାତ୍ର ୭ ବର୍ଷ ମଧ୍ୟରେ ସେ ଦଳର ଯୁବ ଶାଖା ସମ୍ପାଦକରୁ ଆରମ୍ଭ କରି ଶେଷରେ ୨୦୨୪ରେ ଉପମୁଖ୍ୟମନ୍ତ୍ରୀ ପଦରେ ଅଧିଷ୍ଠିତ ହୋଇଥିଲେ। ଉଲ୍ଲେଖଯୋଗ୍ୟ, ମୁଖ୍ୟମନ୍ତ୍ରୀ ବିଜୟ ଏବଂ ଉଦୟନିଧି ଦୀର୍ଘ ସମୟ ଧରି ଘନିଷ୍ଠ ବନ୍ଧୁ ଥିଲେ। ମାତ୍ର ପ୍ରାୟ ୨ ବର୍ଷ ପୂର୍ବେ ସେମାନଙ୍କ ମଧ୍ୟରେ ମନୋମାଳିନ୍ୟ ଘଟିଥିଲା।

# ବିଜୟଙ୍କ କ୍ୟାବିନେଟରେ ଏସ୍. କୀର୍ଥନା ସର୍ବକନିଷ୍ଠ ମନ୍ତ୍ରୀ

ଚେନ୍ନାଇ,୧୦।୫(ଏଜେନ୍ସି): ତାମିଲନାଡୁ ରାଜନୀତିରେ ଅଭିନେତାରୁ ନେତା ସାଜିଥିବା ସି. ଜୋସେଫ ବିଜୟଙ୍କ ନେତୃତ୍ୱାଧୀନ ପ୍ରଥମ କ୍ୟାବିନେଟରେ ମାତ୍ର ୨୯ ବର୍ଷୀୟା ଏସ୍. କାର୍ଥନା ସର୍ବକନିଷ୍ଠ ମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ଦୀର୍ଘ ସାତ ଦଶନ୍ଧି ଧରି ଚାଲିଆସିଥିବା ଡିଏମକେ ଏବଂ ଏଆଇଏଡିଏମକେର ପ୍ରାଧାନ୍ୟକୁ ଭାଙ୍ଗି ବିଜୟଙ୍କ ଦଳ ଟିଭିକେ କ୍ଷମତାକୁ ଆସିଛି। ବିରୁଦ୍ଧୁନଗର ଜିଲ୍ଲାର ଶିବକାଶୀ ନିର୍ବାଚନ ମଣ୍ଡଳୀରୁ କୀର୍ଥନା ପ୍ରଥମ ମହିଳା ବିଧାୟିକା ଭାବେ ନିର୍ବାଚିତ ହୋଇ ଇତିହାସ ସୃଷ୍ଟି କରିଛନ୍ତି। ସେ କଂଗ୍ରେସ ପ୍ରାର୍ଥୀ ଅଶୋକନଙ୍କୁ ୧୧,୬୭୦ ଭୋଟ୍ ବ୍ୟବଧାନରେ ପରାସ୍ତ କରିଛନ୍ତି। ତାମିଲନାଡୁରେ ହିନ୍ଦୀ ଭାଷା ଏକ ସମ୍ବେଦନଶୀଳ ପ୍ରସଙ୍ଗ ହୋଇଥିବା ବେଳେ ସେ ବିଜୟଙ୍କ ବାର୍ତ୍ତାକୁ ଜାତୀୟ ସ୍ତରରେ ପହଞ୍ଚାଇବା ଏବଂ ଦଳର ପରିସର ବୃଦ୍ଧି କରିବା ପାଇଁ ସେ ହିନ୍ଦୀ ଭାଷା ବ୍ୟବହାର କରୁଥିବା କହିଛନ୍ତି।

ମହିଳାଙ୍କ ପାଇଁ ବିଶ୍ୱର ସବୁଠାରୁ ବିପଜ୍ଜନକ ଦେଶ

# ତାଲିକାର ଶୀର୍ଷରେ ଆଫଗାନିସ୍ତାନ ଓ ୟେମେନ

ଲଣ୍ଡନ,୧୦।୫(ଏଜେନ୍ସି): ବିଶ୍ୱର ବିଭିନ୍ନ ପ୍ରାନ୍ତରେ ମହିଳାଙ୍କ ସୁରକ୍ଷା ଓ ଶାନ୍ତିକୁ ନେଇ ଜାରି ହୋଇଥିବା 'ଗ୍ଲୋବାଲ୍ ଓମ୍ୟାନ୍ ସେଫ୍ଟି ଇଣ୍ଡେକ୍ସ'ରେ ଚିନ୍ତାଜନକ ତଥ୍ୟ ସାମ୍ନାକୁ ଆସିଛି। ଯୁଦ୍ଧ, ଅସ୍ଥିରତା ଏବଂ କଠୋର ସାମାଜିକ ନିୟମ ଯୋଗୁଁ ଆଫଗାନିସ୍ତାନ ବିଶ୍ୱର ସବୁଠାରୁ ଅସୁରକ୍ଷିତ ଦେଶ ଭାବେ ଚିହ୍ନଟ ହୋଇଛି। ଏହି ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛି ୟେମେନ, ତୃତୀୟ ସ୍ଥାନରେ ରହିଛି ସେଣ୍ଟ୍ରାଲ ଆଫ୍ରିକାନ ରିପବ୍ଲିକ୍, ଚତୁର୍ଥରେ ସିରିଆ ଓ ୫ମରେ ରହିଛି ସୁଦାନ।

ଆଫଗାନିସ୍ତାନରେ ଶାସନ ବ୍ୟବସ୍ଥାରେ ପରିବର୍ତ୍ତନ ଏବଂ କଠୋର କଟକଣା ଯୋଗୁଁ ମହିଳାମାନେ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ସ୍ୱାଧୀନତା ଭଳି ମୌଳିକ ଅଧିକାରରୁ ବିରତ ହେଉଛନ୍ତି। ସେହିପରି ୟେମେନ ଓ ସିରିଆରେ ଦୀର୍ଘ ବର୍ଷ ଧରି ଚାଲିଥିବା ଗୃହଯୁଦ୍ଧ ଏବଂ ମାନବୀୟ ସଙ୍କଟ ମହିଳାମାନଙ୍କ ଜୀବନକୁ ଅତିଷ୍ଠ କରିଦେଇଛି। ସେପଟେ ଆଫ୍ରିକୀୟ ଦେଶ ଗୁଡ଼ିକରେ ଆର୍ଥିକ ଦୁରାବସ୍ଥା, ରାଜନୈତିକ ଅସ୍ଥିରତା ଏବଂ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ସୁଦାନ ଏବଂ କଙ୍ଗୋ ଭଳି ଦେଶରେ ମହିଳାଙ୍କ ସୁରକ୍ଷା ସଙ୍କଟାପନ୍ନ ହୋଇଛି। ଏହି ସୂଚକାଙ୍କ କେବଳ ପରିସଂଖ୍ୟାନ ନୁହେଁ, ବରଂ ଏହି ଦେଶଗୁଡ଼ିକରେ ମହିଳାମାନେ ପ୍ରତିଦିନ ସାମ୍ନା କରୁଥିବା ଭୟ, ବିସ୍ଥାପନ ଏବଂ ଅସୁରକ୍ଷିତ ବାତାବରଣର ଏକ ପ୍ରତିଫଳନ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।




ମହିଳାଙ୍କ ପାଇଁ ୧୦ଟି ସବୁଠାରୁ ଅସୁରକ୍ଷିତ ଦେଶ

| କ୍ରମ | ଦେଶ ସୁରକ୍ଷା | ସୂଚକାଙ୍କ |
|---|---|---|
| ୧ | ଆଫଗାନିସ୍ତାନ | ୦.୨୭୯ |
| ୨ | ୟେମେନ | ୦.୩୨୩ |
| ୩ | ସେଣ୍ଟ୍ରାଲ ଆଫ୍ରିକାନ୍ ରିପବ୍ଲିକ୍ | ୦.୩୬୨ |
| ୪ | ସିରିଆ | ୦.୩୬୪ |
| ୫ | ସୁଦାନ | ୦.୩୯୭ |
| ୬ | ହାଇତି | ୦.୩୯୯ |
| ୭ | କଙ୍ଗୋ (ଡଜଉ) | ୦.୪୦୫ |
| ୮ | ବୁରୁଣ୍ଡି | ୦.୪୦୭ |
| ୯ | ଦକ୍ଷିଣ ସୁଦାନ | ୦.୪୧୧ |
| ୧୦ | ମ୍ୟାନ୍‌ମାର | ୦.୪୪୨ |



ଶାହିଦଙ୍କ ସହ ରୋମାନ୍ସ କରିବେ ଜାହ୍ନବୀ
▶ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-312 ◆MONDAY ◆11 MAY 2026 ◆PAGE-12 ◆₹ 7.00

◆ବର୍ଷ-୪୩ ◆ସଂଖ୍ୟା-୩୧୨ ◆ସୋମବାର ◆୧୧ ମେ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


**ପାକିସ୍ତାନରେ ବଡ଼ଧରଣର ଆତଙ୍କୀ ଆକ୍ରମଣ**

## କାର୍ ବୋମା ବିସ୍ଫୋରଣରେ ୧୪ ପୁଲିସ ମୃତ



■ ନୂଆଦିଲ୍ଲୀ, ୧୦।୫ (ଏଜେନ୍ସି): ଉତ୍ତର-ପଶ୍ଚିମ ପାକିସ୍ତାନର ଖାଇବର ପାଖ୍ତୁନଖ୍ୱା ପ୍ରଦେଶର ବନ୍ନୁ ଅଞ୍ଚଳରେ ରବିବାର ଏକ ଭୟଙ୍କର ଆତଙ୍କବାଦୀ ଆକ୍ରମଣ ଘଟିଛି। ଏହି କାର୍ ବୋମା ବିସ୍ଫୋରଣ ଏବଂ ପରବର୍ତ୍ତୀ ଗୁଳିବିନିମୟରେ ଅତିକମରେ ୧୪ ଜଣ ପୁଲିସ କର୍ମଚାରୀ ପ୍ରାଣ ହରାଇଛନ୍ତି। ଆତଙ୍କବାଦୀମାନେ ପ୍ରଥମେ ବିସ୍ଫୋରକ ଭର୍ତ୍ତି ଏକ କାରକୁ ପୁଲିସ ପୋଷ୍ଟରେ ପିଟିଥିଲେ। ଏହାପରେ ସେମାନେ ପୁଲିସ ପୋଷ୍ଟ ଭିତରକୁ ପଶି ଅତର୍କିତ ଗୁଳିଚାଳନା କରିଥିଲେ। ସୂଚନା ଅନୁଯାୟୀ, ଏହି ଆକ୍ରମଣରେ ଆତଙ୍କବାଦୀମାନେ ଡ୍ରୋନ୍ ମଧ୍ୟ ବ୍ୟବହାର କରିଥିଲେ। ଖବର ପାଇ ଘଟଣାସ୍ଥଳକୁ ଯାଉଥିବା ଅନ୍ୟ ପୁଲିସ ଦଳକୁ ମଧ୍ୟ ଆତଙ୍କବାଦୀମାନେ ଅଧା ବାଟରେ ଆକ୍ରମଣ କରିଥିଲେ, ଯାହାଫଳରେ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇଛି। ଧ୍ୱଂସାବଶେଷ ମଧ୍ୟରୁ ୩ ଜଣ ପୁଲିସ କର୍ମଚାରୀଙ୍କୁ ଜୀବନ୍ତ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ବ୍ୟାପକ ସର୍ଚ୍ଚ ଅପରେସନ ଜାରି ରହିଛି। ପାକିସ୍ତାନରେ ବଢୁଥିବା ଆତଙ୍କବାଦୀ କାର୍ଯ୍ୟକଳାପ ଏବେ ପୁଣିଥରେ ଚିନ୍ତାର ବିଷୟ ପାଲଟିଛି।

**ତୈଳ ସଙ୍କଟରେ ସରକାରଙ୍କ ନୂଆ ପ୍ଲାନ୍**

## ଏଣିକି ପେଟ୍ରୋଲରେ ୨୫% ଇଥାନଲ୍



■ ନୂଆଦିଲ୍ଲୀ, ୧୦।୫ (ଏଜେନ୍ସି): ମଧ୍ୟପ୍ରାଚ୍ୟରେ ବଢୁଥିବା ଉତ୍ତେଜନା ଏବଂ ଅଶୋଧିତ ତୈଳ ମୂଲ୍ୟକୁ ନେଇ ଅନିଶ୍ଚିତତାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଶକ୍ତି ରଣନୀତିରେ ଏକ ବଡ଼ ପରିବର୍ତ୍ତନ କାର୍ଯ୍ୟକାରୀ କରିବାକୁ ପ୍ରସ୍ତୁତି ଚଳାଇଛନ୍ତି। ସୂତ୍ର ଅନୁଯାୟୀ, ସରକାର ଏବେ ପେଟ୍ରୋଲରେ ଇଥାନଲ୍ ମିଶ୍ରଣର ଲକ୍ଷ୍ୟକୁ ବର୍ତ୍ତମାନର ୨୦ରୁ ୨୫%କୁ ବୃଦ୍ଧି କରିବାକୁ ବିଚାର କରୁଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ, ୨୦୨୫ ଏପ୍ରିଲରେ ସରକାର ପେଟ୍ରୋଲରେ ୨୦% ଇଥାନଲ୍ ମିଶ୍ରଣ ଯୋଜନା କରିଥିଲେ। ସରକାରଙ୍କ ଆକଳନ ଅନୁଯାୟୀ, ୨୦% ଇଥାନଲ୍ ମିଶ୍ରଣ ଦ୍ୱାରା ବାର୍ଷିକ ପ୍ରାୟ ୪୫ ନିୟୁତ ବ୍ୟାରେଲ୍ ଅଶୋଧିତ ତୈଳ ଆମଦାନୀ ସଞ୍ଚୟ ହୋଇଛି। ସେଥିପାଇଁ ସରକାର ବର୍ତ୍ତମାନ ଏହି ସୀମାକୁ ୨୫% ପର୍ଯ୍ୟନ୍ତ ବୃଦ୍ଧି କରିବାର ସମ୍ଭାବ୍ୟତା ଅନୁସନ୍ଧାନ କରୁଛନ୍ତି। ଯଦି ଏହା କାର୍ଯ୍ୟକାରୀ ହୁଏ ତେବେ ପୁରୁଣା ଗାଡ଼ିଗୁଡ଼ିକର ମାଇଲେଜ୍ କମିବ ଏବଂ ସେଗୁଡ଼ିକର ରକ୍ଷଣାବେକ୍ଷଣ ଖର୍ଚ୍ଚ ବଢ଼ିଯିବ ବୋଲି ବିଶେଷଜ୍ଞମାନେ କହିଛନ୍ତି। ସରକାର ମଧ୍ୟ ପେଟ୍ରୋଲରେ ୨୦% ଇଥାନଲ୍ ବ୍ଲେଣ୍ଡିଂ ପରେ ଯାନବାହାନର ମାଇଲେଜ୍ ଉପରେ ବର୍ଦ୍ଧିତ ▶ପୃଷ୍ଠା-୭

# ତାମିଲନାଡୁରେ 'ବିଜୟ' ରାଜ୍

### "ବାସ୍ତବ ଧର୍ମନିରପେକ୍ଷତା ଓ ସାମାଜିକ ନ୍ୟାୟର ହେବ ଅଭ୍ୟୁତ୍ଥାନ"



■ ଚେନ୍ନାଇ, ୧୦।୫ (ଏଜେନ୍ସି): ତାମିଲନାଡୁ ରାଜନୀତିରେ ଐତିହାସିକ ପରିବର୍ତ୍ତନ ଘଟିଛି। ଦ୍ରାବିଡ଼ ରାଜନୀତିର ଦୁଇ ପ୍ରମୁଖ ଶକ୍ତିଙ୍କୁ ପରାସ୍ତ କରି 'ତାମିଲଗା ଭେଟ୍ରି କାଝାଗମ୍' (ଟିଭିକେ) ମୁଖ୍ୟ ସି. ଜୋସେଫ୍ ବିଜୟ ଆଜି ରାଜ୍ୟର ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ଜବାହରଲାଲ ନେହେରୁ ଷ୍ଟାଡିୟମରେ ଆୟୋଜିତ ଭବ୍ୟ ସମାରୋହରେ ଶପଥ ନେବା ପରେ ସେ ତାଙ୍କର ପ୍ରଥମ ଅଭିଭାଷଣରେ ଏକ ଶାଣିତ ତଥା ସଂସ୍କାରବାଦୀ ସରକାରର ପ୍ରତିଶ୍ରୁତି ଦେଇଛନ୍ତି। ବିଜୟ ତାମିଲ ଭାଷାରେ ଶପଥ ନେଇଥିଲେ। ଏହା କେବଳ ଏକ ସତ୍ତା ପରିବର୍ତ୍ତନ ନୁହେଁ, ବରଂ ବାସ୍ତବ ଧର୍ମନିରପେକ୍ଷତା ଏବଂ ସାମାଜିକ ନ୍ୟାୟର ଏକ ନୂତନ ଅଧ୍ୟାୟ ବୋଲି ନିଜ ସମ୍ବୋଧନରେ ବିଜୟ କହିଥିଲେ। ସେ ନିଜକୁ କୌଣସି ରାଜପରିବାରର ଉତ୍ତରାଧିକାରୀ ନୁହେଁ, ବରଂ ଜନସାଧାରଣଙ୍କ ମଧ୍ୟରୁ ଜଣେ ସାଧାରଣ ମଣିଷ ଓ ପରିବାରର ଭାଇ ଭାବେ ଉପସ୍ଥାପିତ କରିଛନ୍ତି। ବିଗତ ସରକାରଙ୍କ ଆର୍ଥିକ କୁପରିଚାଳନା ଉପରେ କଟାକ୍ଷ କରି ସେ କହିଛନ୍ତି ଯେ, ରାଜ୍ୟ ଉପରେ ୧୦ ଲକ୍ଷ କୋଟିରୁ ଅଧିକ ଟଙ୍କାର ଋଣ ବୋଝ ଲଦି ଦିଆଯାଇଛି ଏବଂ ରାଜକୋଷ ଶୂନ୍ୟ ହୋଇପଡ଼ିଛି। ଏହି ସମସ୍ୟାର ସମାଧାନ ପାଇଁ ସେ ଖୁବଶୀଘ୍ର ଏକ 'ଶ୍ୱେତପତ୍ର' ଜାରି କରିବେ ବୋଲି ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନେବା ମାତ୍ରେ ସେ ୩ଟି ଗୁରୁତ୍ୱପୂର୍ଣ୍ଣ ନଥିପତ୍ରରେ ସ୍ୱାକ୍ଷର କରିଛନ୍ତି। ସେଗୁଡ଼ିକ ହେଲା ୨୦୦ ୟୁନିଟ୍ ପର୍ଯ୍ୟନ୍ତ ମାଗଣା ବିଦ୍ୟୁତ ସେବା। ନିଶାଦ୍ରବ୍ୟ ନିୟନ୍ତ୍ରଣ ▶ପୃଷ୍ଠା-୭

**ପୂରଣ କଲେ ନିର୍ବାଚନ ପ୍ରତିଶ୍ରୁତି**

- ରାଜ୍ୟବାସୀଙ୍କୁ ମିଳିବ ୨୦୦ ୟୁନିଟ୍ ମାଗଣା ବିଜୁଳି
- ନିଶାଦ୍ରବ୍ୟ ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ମାନବ ସମ୍ବଳ
- ମହିଳାଙ୍କ ନିରାପତ୍ତା ପାଇଁ ସ୍ୱତନ୍ତ୍ର ସୁରକ୍ଷା ବଳ

## ହିମନ୍ତ ବିଶ୍ୱ ଶର୍ମା ପୁଣି ଆସାମର ମୁଖ୍ୟମନ୍ତ୍ରୀ

### ୧୨ରେ ହେବ ଶପଥ ଗ୍ରହଣ

■ ଗୌହାଟୀ, ୧୦।୫ (ଏଜେନ୍ସି): ଆସାମ ବିଧାନସଭା ନିର୍ବାଚନରେ ଭାରତୀୟ ଜନତା ପାର୍ଟି ନେତୃତ୍ୱାଧୀନ ଏନଡିଏ ମେଣ୍ଟର ବିପୁଳ ବିଜୟ ପରେ ହିମନ୍ତ ବିଶ୍ୱ ଶର୍ମା କ୍ରମାଗତ ଦ୍ୱିତୀୟ ଥର ପାଇଁ ରାଜ୍ୟର ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି। ରବିବାର ବିଧାୟକ ଦଳ ବୈଠକରେ ତାଙ୍କୁ ସର୍ବସମ୍ମତି କ୍ରମେ ନେତା ନିର୍ବାଚିତ କରାଯାଇଛି। ଆସନ୍ତା ମେ' ୧୨ରେ ହିମନ୍ତ ନୂତନ ମନ୍ତ୍ରୀମଣ୍ଡଳ ସହ ଶପଥ ଗ୍ରହଣ କରିବେ। ୧୨୬ ଆସନ ବିଶିଷ୍ଟ ବିଧାନସଭାରେ ଏନଡିଏ ମୋଟ ୧୦୨ଟି ଆସନ ଜିତି ଦୁଇ-ତୃତୀୟାଂଶ ବହୁମତ ହାସଲ କରିଛି। ଏଥିମଧ୍ୟରୁ ବିଜେପି ଏକାକୀ ୮୨ଟି ଆସନରେ ବିଜୟୀ ହୋଇଛି। ହିମନ୍ତ ଆଜି ରାଜ୍ୟପାଳ ଲକ୍ଷ୍ମଣ ପ୍ରସାଦ ଆଚାର୍ଯ୍ୟଙ୍କୁ ଭେଟି ସରକାର ଗଠନ ପାଇଁ ଦାବି ଉପସ୍ଥାପନ କରିଛନ୍ତି। ଆସାମର ବିକାଶ ଏବଂ ସ୍ଥିରତା ଉପରେ ଜନସାଧାରଣ ପୁଣିଥରେ ଆସ୍ଥା ପ୍ରକଟ କରିଥିବାରୁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଜନତାଙ୍କୁ କୃତଜ୍ଞତା ଜଣାଇଛନ୍ତି। ମେ ୧୨ର ଶପଥ ଗ୍ରହଣ ଉତ୍ସବରେ ମନ୍ତ୍ରିମଣ୍ଡଳର ଅନ୍ୟ ସଦସ୍ୟମାନେ ମଧ୍ୟ ଦାୟିତ୍ୱ ଗ୍ରହଣ କରିବେ।

**ବିଜେଡିର ନାରୀ ଅଧିକାର ଅଭିଯାନ**

## ମା'ଙ୍କ ପାଇଁ ଲଢୁଛୁ, ଲଢ଼ି ଚାଲିଥିବୁ: ନବୀନ

- ମହିଳାମାନଙ୍କ ପାଇଁ କିଛି କରି ନ ଥିବା ଲୋକେ ମିଛଟାରେ ଢେଙ୍ଗୁରା ପିଟୁଛନ୍ତି
- ଯୋଜନା ନାମରେ କିଛି ଅର୍ଥ ଦେଇ ଦୟା କରୁଛନ୍ତି ବୋଲି ବିଜେପି ଭାବୁଛି
- ବର୍ତ୍ତମାନର ଲୋକସଭା କ୍ଷେତ୍ରରେ ମହିଳାଙ୍କ ପାଇଁ ଲାଗୁ ହେଉ ୩୩ % ସଂରକ୍ଷଣ
- ନାରୀ ଅଧିକାର ଅଭିଯାନରେ ସାମିଲ ହେବ ରାଜ୍ୟର ଅଢ଼େଇ କୋଟି ମହିଳା



■ ଭୁବନେଶ୍ୱର, ୧୦।୫ (ସମିସ): ଭୋଟ ସମୟରେ କିଛି ଯୋଜନା ନାମରେ କିଛି ଅର୍ଥ ଦେଇ ମା' ମାନଙ୍କୁ ଦୟା କରୁଛନ୍ତି ବୋଲି ବିଜେପି ନେତା ମାନେ ଭାବୁଛନ୍ତି। ମା' ମାନେ ଯାହା ପାଉନାହାନ୍ତି ତା'ଠାରୁ ସେମାନେ ଅଧିକ ପ୍ରଚାର କରୁଛନ୍ତି। ସେମାନଙ୍କୁ ରାଜନୀତିରେ ମୋହରା ବନାଯାଉଛି। ମହିଳାମାନଙ୍କ ପାଇଁ କିଛି ନ କରି ଢେଙ୍ଗୁରା ପିଟା ଯାଉଛି। ଫମ୍ପା ମାଠିଆ ପରି ବଡ଼ ଶବ୍ଦ କରୁଛନ୍ତି ବୋଲି ନାରୀ ଅଧିକାରୀ ସମାବେଶରେ ବିଜେପିକୁ କଡ଼ା ସମାଲୋଚନା କରିଛନ୍ତି ବିଜେଡି ସୁପ୍ରିମୋ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ। ରବିବାର ଶଙ୍ଖ ଭବନରେ ବିଜେଡିର ନାରୀ ଅଧିକାର ବିକ୍ଷୋଭ ସମାବେଶରେ ଉଦବୋଧନ ଦେଇ ବିଜେପି ସରକାରଙ୍କ ଉପରେ ନବୀନ ପ୍ରବଳ ବର୍ଷିଛନ୍ତି। ସେ କହିଛନ୍ତି ଯେ ମିଛ କହି କିଛି ଲୋକଙ୍କୁ କିଛି ଦିନ ପାଇଁ ବୋକା ବନାଯାଇପାରେ; କିନ୍ତୁ ସବୁ ଲୋକଙ୍କୁ ସବୁଦିନ ପାଇଁ ବାନ୍ଧି ରଖିବାରେ ମିଛ କାମ ଦେବ ନାହିଁ। ମହିଳା ସଂରକ୍ଷଣ ବିଲ ନାମରେ ଲୋକଙ୍କୁ ଭ୍ରମିତ କରା ନ ଯାଇ, ବର୍ତ୍ତମାନର ଲୋକସଭା ଆସନ ସଂଖ୍ୟାରେ ତୁରନ୍ତ ୩୩ ପ୍ରତିଶତ ସ୍ଥାନ ପ୍ରଦାନ କରିବାକୁ ନବୀନ ଦୃଢ଼ ଦାବି ଜଣାଇଛନ୍ତି।

ଆଭାସୀ ମାଧ୍ୟମରେ ନବୀନ କହିଛନ୍ତି ଯେ ଆଜି ମାତୃ ଦିବସ। ମା'ମାନଙ୍କୁ ▶ପୃଷ୍ଠା-୭

**ଦାରିଦ୍ର୍ୟର ତାଡ଼ନା ସହିପାରିଲେନି ବାପା-ମା'**

## ୪ ବର୍ଷର ଝିଅକୁ ୧୫ ହଜାରରେ ବିକିଦେଲେ

■ ଧାମନଗର, ୧୦।୫ (ସମିସ): ଆର୍ଥିକ ଅନଟନରୁ ୪ ବର୍ଷର ଝିଅକୁ ୧୫ ହଜାର ଟଙ୍କାରେ ବିକିଦେଲେ ବାପା-ମା'। ଭଦ୍ରକ ଜିଲ୍ଲା ଧାମନଗର ଏନ୍‌ଏସି ୨ନମ୍ବର ୱାର୍ଡ ଅଧୀନ ଗୁମୁଗଡ଼ ଛକ ନିକଟ ଡମଆଡ଼ି ଅଞ୍ଚଳରୁ ଶିଶୁବିକ୍ରି ଭଳି ଏକ ସାଂଘାତିକ ଘଟଣା ପଦାକୁ ଆସିଛି।

**ପଶ୍ଚିମବଙ୍ଗ ଚାଲାଣ ଉଦ୍ୟମ**

ସୂଚନା ଅନୁଯାୟୀ, ଡମଆଡ଼ିରେ ରହୁଥିବା ବନ୍ଧୁଆ ମୁଣ୍ଡା ଓ ତାଙ୍କ ସ୍ତ୍ରୀ କାଳୀ ମୁଣ୍ଡା ଅତ୍ୟନ୍ତ ଗରିବ ଶ୍ରେଣୀର। ମାଗିଯାଚି ପରିବାର ଚଳାନ୍ତି। ବନ୍ଧୁଆଙ୍କ ମୂଳ ଘର ଭଦ୍ରକ ବ୍ଲକ୍ ଅନ୍ତର୍ଗତ କଲେଇ ଗ୍ରାମରେ। ତାଙ୍କର ୩ଟି ସନ୍ତାନ ଥିବା ବେଳେ ୨ଝିଅ ଓ ଗୋଟିଏ ପୁଅ ରହିଛନ୍ତି। ତେଣୁ, ପରିବାର ଚଳାଇବାରେ କଷ୍ଟ ହେବାରୁ ଏହି ଦମ୍ପତି ନିଜର ସାନଝିଅକୁ ମାତ୍ର ୧୫ହଜାର ଟଙ୍କାରେ ଶନିବାର ବାଲେଶ୍ୱରର ଜଣେ ବ୍ୟକ୍ତିଙ୍କ ହାତକୁ ଟେକି ଦେଇଥିବା କଥା ସ୍ୱୀକାର କରିଛନ୍ତି। ଗତ ଶୁକ୍ରବାର ପଡ଼ୋଶୀ ଘରେ ଏକ ପୂଜା କାର୍ଯ୍ୟକ୍ରମରେ ବାଲେଶ୍ୱରରୁ ଦୁଇଜଣ ବ୍ୟକ୍ତି ଯୋଗ ଦେଇଥିଲେ। ସେଠାରେ ଶିଶୁଟିକୁ ନେଇ କଥାବାର୍ତ୍ତା ହୋଇଥିବା ସୂଚନା ମିଳିଛି। ପୂର୍ବରୁ ବନ୍ଧୁଆ ୫ ହଜାର ଟଙ୍କା ଅଗ୍ରିମ ନେଇଥିବା ବେଳେ ଶନିବାର ଧାମନଗର ବଜାରରେ ଆଉ ୧୦ ହଜାର ଟଙ୍କା ନେଇ ଶିଶୁଟିକୁ ସେମାନଙ୍କ ହାତକୁ ଟେକି ଦେଇଥିଲେ। ଉକ୍ତ ଟଙ୍କାରୁ ମାଆ କାଳୀ ମୁଣ୍ଡା ୧ ହଜାର ଟଙ୍କାର ଜୋତା ଓ ଖାଇବା ଜିନିଷ କିଣିଦେଇଥିବା ▶ପୃଷ୍ଠା-୭

## ଆଜି ସୃଷ୍ଟିହେବ ଲଘୁଚାପ

### ବାତ୍ୟା ନେଇ ଏବେ ମଧ୍ୟ ଅନିଶ୍ଚିତତା ଜାରି

■ ଭୁବନେଶ୍ୱର, ୧୦।୫ (ସମିସ): ଆସନ୍ତାକାଲି ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବା ନେଇ ସୂଚନା ଦେଇଛି ଭାରତୀୟ ପାଣିପାଗ ବିଭାଗ । ମାତ୍ର ଏ ପର୍ଯ୍ୟନ୍ତ ବାତ୍ୟା ସମ୍ପର୍କରେ ପାଣିପାଗ କେନ୍ଦ୍ର ପକ୍ଷରୁ କୌଣସି ସୂଚନା ମିଳିନାହିଁ। ଅପରପକ୍ଷରେ ବଙ୍ଗୋପସାଗରରେ ଲଘୁଚାପ ବାତ୍ୟାର ରୂପ ନେବ କି ନାହିଁ ସେଥିନେଇ ଅନିଶ୍ଚିତତା ରହିଛି ବୋଲି କହିଛନ୍ତି ବରିଷ୍ଠ ପାଣିପାଗ ବିଶେଷଜ୍ଞ ଡ.ସୁରେନ୍ଦ୍ରନାଥ ପଶୁପାଳକ। ସେ କହିଛନ୍ତି ଯେ ଆସନ୍ତାକାଲିଠାରୁ ୧୩ ତାରିଖ ମଧ୍ୟରେ ଦକ୍ଷିଣ-ପଶ୍ଚିମରୁ କେନ୍ଦ୍ରୀୟ ବଙ୍ଗୋପସାଗର ମଧ୍ୟରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ଅଧିକ ରହିଛି। ମେ ମଧ୍ୟଭାଗରେ ଏହା ଅଧିକ ଘନୀଭୂତ ହୋଇ ଅବପାତର ରୂପ ନେଇପାରେ। ତଥାପି ବଙ୍ଗୋପସାଗରରେ ବାତ୍ୟା ହେବା ନେଇ ଏବେ ମଧ୍ୟ ଅନିଶ୍ଚିତତା ରହିଛି ବୋଲି ମତ ପ୍ରକାଶ କରିଛନ୍ତି ବରିଷ୍ଠ ପାଣିପାଗ ବିଜ୍ଞାନୀ ଡ. ସୁରେନ୍ଦ୍ରନାଥ ▶ପୃଷ୍ଠା-୭

**୧୨ ତାରିଖ ପରେ ସ୍ପଷ୍ଟ ହେବ ଗତିପଥ**

**ଭାରତରେ ତେଲ କୂଅ ନାହିଁ**

## ପେଟ୍ରୋଲ-ଡିଜେଲ ବ୍ୟବହାର କମାଅ: ମୋଦୀ



**ତୈଳ ସଞ୍ଚୟ, ସୁନା କ୍ରୟ ବନ୍ଦ ଏବଂ ଘରୁ କାମ କରିବାକୁ ଆହ୍ୱାନ**

ତେଲେଙ୍ଗାନା,୧୦।୫(ଏଜେନ୍ସି):

ପଶ୍ଚିମ ଏସିଆରେ ଜାରି ରହିଥିବା ସଂଘର୍ଷ କାରଣରୁ ସୃଷ୍ଟି ହୋଇଥିବା ବିଶ୍ୱସ୍ତରୀୟ ତୈଳ ସଙ୍କଟକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ଦେଶବାସୀଙ୍କୁ ସମ୍ବୋଧିତ କରିଛନ୍ତି। ପ୍ରଧାନମନ୍ତ୍ରୀ ଏହାକୁ ଏକ 'ନାଗରିକ ସତ୍ୟାଗ୍ରହ' ଭାବେ ଅଭିହିତ କରି ଦେଶର ଆର୍ଥିକ ସୁରକ୍ଷା ପାଇଁ ନାଗରିକମାନଙ୍କୁ ସଂଯମତା ଅବଲମ୍ବନ କରିବାକୁ ଅନୁରୋଧ କରିଛନ୍ତି। ହାଇଦ୍ରାବାଦରେ ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଦେଶରେ ପେଟ୍ରୋଲିୟମ ତେଲର ଉତ୍ପାଦନ ନଥିବାରୁ ପେଟ୍ରୋଲ୍, ଡିଜେଲ୍ ଏବଂ ଗ୍ୟାସ୍ ଭଳି ଆମଦାନୀ ହେଉଥିବା ପଦାର୍ଥର ସୀମିତ ବ୍ୟବହାର କରିବାର ଆବଶ୍ୟକତା ରହିଛି। ଏହାଦ୍ୱାରା ବୈଦେଶିକ ମୁଦ୍ରା ସଞ୍ଚୟ ସହ ଯୁଦ୍ଧର ପ୍ରଭାବରୁ ଭାରତକୁ ମଧ୍ୟ ରକ୍ଷା କରାଯାଇପାରିବ। ଏଥିପାଇଁ ସେ ସାର୍ବଜନୀନ ପରିବହନ ଯଥା ମେଟ୍ରୋ ବ୍ୟବହାର କରିବା, କାରପୁଲିଂ କରିବା ଏବଂ ବୈଦ୍ୟୁତିକ ଯାନର ସର୍ବାଧିକ ବ୍ୟବହାର ଉପରେ ଗୁରୁତ୍ୱ ଦେଇଛନ୍ତି। ଏଥିସହ କରୋନା ସମୟରେ ଅବଲମ୍ବନ କରାଯାଇଥିବା 'ୱାର୍କ ଫ୍ରମ୍ ହୋମ୍' ଏବଂ ଅନଲାଇନ୍ ମିଟିଂ ବ୍ୟବସ୍ଥାକୁ ପୁଣି ଥରେ କାର୍ଯ୍ୟକାରୀ କରିବାକୁ ସେ କମ୍ପାନୀ ଓ କର୍ମଚାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ବୈଦେଶିକ ମୁଦ୍ରା ଭଣ୍ଡାରକୁ ସୁରକ୍ଷିତ ରଖିବା ପାଇଁ ପ୍ରଧାନମନ୍ତ୍ରୀ ନାଗରିକମାନଙ୍କୁ ବିଦେଶରେ ବିବାହ ଉତ୍ସବ ▶ପୃଷ୍ଠା-୭

## ବାଟ ମଝିରୁ ଟେକିନେଇ ମାରିଦେଲେ

### ପୁଲିସର ନିଷ୍କ୍ରିୟତାକୁ ଦାୟୀ କରି ବାପାଙ୍କ ଆତ୍ମଦାହ ଉଦ୍ୟମ



- ନାଗାବଳୀ ତୁଠରୁ ଶବ ଉଦ୍ଧାର
- ଅଭିଯୁକ୍ତଙ୍କୁ ଗିରଫ ଦାବିରେ ରାୟଗଡ଼ା ଥାନା ଘେରାଉ
- ସୁରାକ୍ ପାଉନି ପୁଲିସ
- ଥାନାରେ ଅଭିଯୋଗ ସତ୍ତ୍ୱେ ବଞ୍ଚାଇ ପାରିଲାନି ପୁଲିସ: ମୃତକଙ୍କ ବାପା

■ ରାୟଗଡ଼ା, ୧୦।୫ (ସମିସ): ଜଣେ ୧୮ ବର୍ଷୀୟ ଯୁବକଙ୍କୁ ଗୋଡ଼ାଇ ଗୋଡ଼ାଇ ଗୁଳି କରି ଅପହରଣ କରିବା ଏବଂ ତାଙ୍କୁ ହତ୍ୟା କରି ଶବକୁ ନଦୀପଠାରେ ପକାଇଦେବା ଭଳି ଘଟଣାକୁ ନେଇ ରାୟଗଡ଼ା ସହରରେ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଛି। ମୃତ ଯୁବକ ହେଲେ, ରାୟଗଡ଼ା ସହରସ୍ଥିତ ରେଲିସାହିର ନିଖିଲ ହାଡ଼ିପା। ଶନିବାର ରାତିରେ କିଛି ଦୁର୍ବୃତ୍ତ ତାଙ୍କୁ ଇନ୍ଦିରାନଗର ତୃତୀୟ ଲେନ୍ ନିକଟରେ ଗୁଳି କରି ଅପହରଣ କରିନେଇଥିଲେ। ଆଜି ସକାଳୁ ସହରର ତୁମ୍ବିଗୁଡ଼ା ନିକଟସ୍ଥ ନାଗାବଳୀ ନଦୀତୁଠରୁ ତାଙ୍କର ଶବ ଠାବ ହୋଇଛି। ଅଭିଯୁକ୍ତମାନେ ତାଙ୍କୁ ନଦୀତୁଠରେ ପୁଣି ଆକ୍ରମଣ କରି ହତ୍ୟା କରିବା ପରେ ଶବକୁ ସେଠାରେ ଫିଙ୍ଗି ଫେରାର୍ ହୋଇଯାଇଥିବା ସନ୍ଦେହ କରାଯାଉଛି। ରାୟଗଡ଼ା ଥାନା ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ▶ପୃଷ୍ଠା-୭

**ବାଲିଅନ୍ତା ଭିଡ଼ହିଂସା**

## ପୁଲିସ ଅବହେଳା ଜଳଜଳ

### ଭିଡ଼ହତ୍ୟା ଆମକୁ ବ୍ୟବସ୍ଥା ଉପରେ ଅଧିକ ଧ୍ୟାନ ଦେବାକୁ ବାଧ୍ୟ କରିଛି: ଡିଜିପି



- ବଦଳିଲେ ବାଲିଅନ୍ତା ଥାନା ଅଧିକାରୀ
- ୪ ପୁଲିସ କର୍ମଚାରୀ କାର୍ଯ୍ୟରୁ ନିଲମ୍ବିତ
- ୨ ହୋମ୍‌ଗାର୍ଡଙ୍କୁ କାର୍ଯ୍ୟାନ୍ତର ନୋଟିସ୍
- କ୍ରାଇମ୍‌ବ୍ରାଞ୍ଚ ଟିମ୍‌ର ଛାନ୍‌ଭିନ୍ ଆରମ୍ଭ

■ ଭୁବନେଶ୍ୱର/ହଂସପାଳ, ୧୦।୫ (ସମିସ): ବାଲିଅନ୍ତା ଭିଡ଼ ହିଂସା ମାମଲାରେ ପୁଲିସର ଭୂମିକାକୁ ନେଇ ପ୍ରଥମ ଦିନରୁ ସନ୍ଦେହ ପ୍ରକଟ କରାଯାଉଥିଲା ବେଳେ ରବିବାର କମିସନରେଟ୍ ପୁଲିସ ଏହାକୁ ପରୋକ୍ଷରେ ସ୍ୱୀକାର କରିଛି। ଯାହାର ଫଳସ୍ୱରୂପ ଘଟଣାସ୍ଥଳରେ ଉପସ୍ଥିତ ପୁଲିସ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବାଲିଅନ୍ତା ଥାନାର ଜଣେ ଏସ୍‌ଆଇ, ଜଣେ ଏଏସ୍‌ଆଇ, ଜଣେ କନେଷ୍ଟବଳ, ପିସିଆର୍‌ରେ କାର୍ଯ୍ୟରତ ଜଣେ ଓଏପିଏଫ୍ ପୁଲିସ କନେଷ୍ଟବଳଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି ଏବଂ ୨ଜଣ ହୋମ୍‌ଗାର୍ଡଙ୍କୁ କାର୍ଯ୍ୟାନ୍ତର ନୋଟିସ ଜାରି କରାଯାଇଛି। ଏହାସହ ବାଲିଅନ୍ତା ଥାନା ଅଧିକାରୀ ଅନୀଲ କୁମାର ପରିଡ଼ାଙ୍କୁ ଡିସିପି ହେଡ୍ କ୍ୱାଟର୍ସକୁ ବଦଳି କରାଯାଇଛି। ତାଙ୍କ ସ୍ଥାନରେ ରଶ୍ମିତା ବେହେରାଙ୍କୁ ଥାନା ଦାୟିତ୍ୱ ଦିଆଯାଇଛି।

ସେପଟେ ବାଲିଅନ୍ତା ଭିଡ଼ ହତ୍ୟା ଘଟଣାରେ କ୍ରାଇମବ୍ରାଞ୍ଚ ରବିବାର ତଦନ୍ତ ଆରମ୍ଭ କରିଛି। କ୍ରାଇମବ୍ରାଞ୍ଚ ପକ୍ଷରୁ ଦୁଇ ମାମଲା ମଧ୍ୟ ପଞ୍ଜିକୃତ କରାଯାଇଛି। ଡିଏସ୍‌ପି ରତ୍ନପ୍ରଭା ଶତପଥୀଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଥିଲା ବେଳେ ଏସ୍‌ପି ଅନିରୁଦ୍ଧ ରାଉତରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତଦନ୍ତ କରାଯିବ ବୋଲି କ୍ରାଇମବ୍ରାଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି। କ୍ରାଇମବ୍ରାଞ୍ଚ ଡିଆଇଜି ବାତୁଲା ଗଙ୍ଗାଧର କହିଛନ୍ତି, ଏହି ଘଟଣାରେ ତଦନ୍ତ ପାଇଁ ୧୦ ଅଫିସରଙ୍କୁ ନେଇ ୨ଟି ଟିମ୍ ଗଠନ କରାଯାଇଛି। ଗୋଟିଏ ଟିମ୍ ବାଲିଅନ୍ତା ଥାନା ଏବଂ ଅନ୍ୟ ଏକ ଟିମ୍ ଗୋଟିଏ ଟିମ୍ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛି। ତଦନ୍ତରେ ସାଇଣ୍ଟିଫିକ ଓ ସାଇବର ଟିମ୍ ସହ ଡଗ୍ ସ୍କ୍ୱାଡ୍ ମଧ୍ୟ ସାମିଲ କରାଯାଇଛି। ଦୁଷ୍କର୍ମ ଉଦ୍ୟମ, ହତ୍ୟା ଓ ପୁଲିସର ଅବହେଳାକୁ ନେଇ ତଦନ୍ତ କରାଯିବ। ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣି ଅଧିକ ପଚରାଉଚରା ▶ପୃଷ୍ଠା-୭





# କିଏ ବାନ୍ଧିଲା ପୁଲିସ ହାତ! କାହିଁକି ଲାଗିଲାନି ଭିଡ଼ ହତ୍ୟା ଦଫା

ଭୁବନେଶ୍ୱର,୧୦।୫ (ସମିସ):

ବାଲିଅନ୍ତା ସୌମ୍ୟରଞ୍ଜନ ସ୍ୱାଇଁ ହତ୍ୟା ମାମଲାରେ ସାରା ରାଜ୍ୟ ଉଠୁଛି ପଡୁଛି। ପୁଲିସ ଉପସ୍ଥିତିରେ ଲୋକମାନେ ସୌମ୍ୟଙ୍କୁ ହତ୍ୟା କରିବା ଘଟଣା କମିସନରେଟ ପୁଲିସର ପାରିବା ପଣିଆକୁ ପଦାରେ ପକାଇଥିବା ବେଳେ ଏବେ ଆଉ ଏକ ଅପାରଗତା ସାମ୍ନାକୁ ଆସିଛି। ସୌମ୍ୟଙ୍କ ବାପା ଦୁଃଶାସନ ସ୍ୱାଇଁଙ୍କ ବାଲିଅନ୍ତା ଥାନାରେ ଦେଇଥିବା ଏତଲା ଆଧାରରେ ପୁଲିସ କେସ୍ ନଂ - ୨୨୧/୨୬ରେ ଦଫା - ୧୦୩(୧) ଓ ୩(୫) ବିଏନ୍ଏସ୍ ଲଗାଇ ମାମଲା ରୁଜୁ କରିଛି। ହେଲେ ଭିଡ଼ ହତ୍ୟା ବା ମବ୍ ଲିଞ୍ଚିଙ୍ଗ୍ ଦଫା ଲଗାଇ ନାହିଁ। ପୁଲିସର କୋହଳ ମନୋଭାବ ଅଭିଯୁକ୍ତମାନଙ୍କୁ ଅନୁକମ୍ପା ଦେଖାଇଥିବା କଥାକୁ ସ୍ପଷ୍ଟ କରିଛି।



ବିଏନ୍ଏସ୍ ଦଫା ୧୦୩(୨) ଅନୁସାରେ, ଯେତେବେଳେ ୫ କିମ୍ବା ତା'ଠାରୁ ଅଧିକ ବ୍ୟକ୍ତିଙ୍କ ଏକ ଗୋଷ୍ଠୀ ମିଶି ଜାତି, ସମ୍ପ୍ରଦାୟ, ଲିଙ୍ଗ, ଜନ୍ମସ୍ଥାନ, ଭାଷା, ବ୍ୟକ୍ତିଗତ ବିଶ୍ୱାସ କିମ୍ବା ଅନ୍ୟ କୌଣସି କାରଣରୁ ଜଣଙ୍କୁ ହତ୍ୟା କରନ୍ତି, ସେହି କ୍ଷେତ୍ରରେ ଦଫା ୧୦୩(୨) ଲାଗିଥାଏ। ଏହି ଦଫାରେ ଦୋଷୀ ସାବ୍ୟସ୍ତ ହେଲେ, ଗୋଷ୍ଠୀର ପ୍ରତ୍ୟେକ ସଦସ୍ୟଙ୍କୁ ମୃତ୍ୟୁଦଣ୍ଡ କିମ୍ବା ଆଜୀବନ କାରାଦଣ୍ଡ ହେବାର ବ୍ୟବସ୍ଥା ରହିଛି। ଏଥିସହିତ ସାତ ବର୍ଷରୁ ଅଧିକ କାରାଦଣ୍ଡ ଓ ଜରିମାନା ଦେବାର ମଧ୍ୟ ପ୍ରାବଧାନ ରହିଛି।

ସୌମ୍ୟରଞ୍ଜନଙ୍କୁ ଅନେକ ଲୋକ ପିଟି ପିଟି ମାରି ଦେଇଥିବା ଦୁଃଶାସନ ତାଙ୍କ ଅଭିଯୋଗରେ ସ୍ପଷ୍ଟ ଭାବରେ ଲେଖିଥିଲେ ମଧ୍ୟ ବାଲିଅନ୍ତା ପୁଲିସ ବିଏନ୍ଏସ୍ - ୧୦୩(୨) ଲଗାଇ ନଥିଲା। ଖାଲି ସେତିକି ନୁହେଁ, ଯେଉଁଠି ୫ ଜଣରୁ ଅଧିକ ବ୍ୟକ୍ତି ମିଶି ହତ୍ୟା କରିଲେ ଏହି ଦଫା ଲାଗିବାର ବ୍ୟବସ୍ଥା ରହିଛି, ସେହି ଘଟଣାରେ ୧୧ ଜଣ ଗିରଫ ହେବାପରେ ମଧ୍ୟ ତଦନ୍ତକାରୀ ଅଧିକାରୀ ଏହି ଦଫା ଯୋଡ଼ି ନାହାନ୍ତି। ଉପସ୍ଥିତ ଥିବା ପୁଲିସ ଭିଡ଼ ହତ୍ୟାକୁ ସାମ୍ନା କରିପାରିନଥିଲେ ବୋଲି ନିଜେ ପୁଲିସ କମିସନର ଡଃ ସୁରେଶ ଦେବଦତ୍ତ ସିଂ କହିଛନ୍ତି। ସେପଟେ ସୌମ୍ୟରଞ୍ଜନ ହତ୍ୟାକାଣ୍ଡ ଭିଡ଼ ହତ୍ୟା ବୋଲି ସମୀକ୍ଷା ସମୟରେ ନିଜେ ମୁଖ୍ୟମନ୍ତ୍ରୀ ସ୍ୱୀକାର କରିଛନ୍ତି। ହେଲେ ପୁଲିସ ଭିଡ଼ ହତ୍ୟା ଦଫା ଲଗାଇ ନଥିବା ବେଳେ ଏସବୁ କେବଳ ବୟାନବାଜିରେ ସୀମିତ ରହିଯାଇଛି। ଏପରି ସ୍ଥଳେ ଥାନା ଅଧିକାରୀଙ୍କ ଠାରୁ ଆରମ୍ଭ କରି ଏହି ମାମଲାକୁ ନିରୀକ୍ଷଣ କରୁଥିବା ଉଚ୍ଚ ଅଧିକାରୀଙ୍କ ଭୂମିକାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ଭିଡ଼ ହତ୍ୟା ଦଫା ନ ଲଗାଇ ପୁଲିସ ନିଜର ଅପାରଗତା ପଦାରେ ପକାଇଛି ନା ଅଭିଯୁକ୍ତଙ୍କୁ ଅନୁକମ୍ପା ଦେଖାଇଛି, ତାହା ମଧ୍ୟ ଏବେ ବଡ଼ ପ୍ରଶ୍ନ।





## ତଦନ୍ତକାରୀ ଅଧିକାରୀଙ୍କ ସନ୍ଦିଗ୍ଧ ଭୂମିକା

ସୌମ୍ୟରଞ୍ଜନ ହତ୍ୟାକାଣ୍ଡକୁ ଯେତିକି ଦିନ ଗଡୁଛି, ସେତିକି ନୂଆ ନୂଆ କଥା ପଦାକୁ ଆସୁଛି। ଆରମ୍ଭରୁ ପୁଲିସର ଅସାମର୍ଥ୍ୟତା ଯୋଗୁଁ ସୌମ୍ୟ ପ୍ରାଣ ହରାଇଥିବା ବେଳେ ଏବେ ତଦନ୍ତ ପ୍ରକ୍ରିୟା ଉପରେ ପ୍ରଶ୍ନ ଉଠିଛି। ଯେଉଁ ପୁଲିସ ଅଧିକାରୀ ଘଟଣାସ୍ଥଳରେ ଥାଇ ମଧ୍ୟ ସୌମ୍ୟଙ୍କୁ ବଞ୍ଚାଇ ପାରିନଥିଲେ, ସେହି ଅଧିକାରୀଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଥିଲା। କେବଳ ସେତିକି ନୁହେଁ, ସଂପୃକ୍ତ ଅଧିକାରୀ ଜଣକ ଘଟଣାସ୍ଥଳରେ ଲୋକମାନଙ୍କୁ ପ୍ରବର୍ତ୍ତାଇଥିବା କଥା ମଧ୍ୟ ସାମ୍ନାକୁ ଆସିଛି। ଯଦିଓ ସଂପୃକ୍ତ ଅଧିକାରୀ ନିଲମ୍ବିତ ହୋଇଛନ୍ତି, କିନ୍ତୁ ମୂଲ୍ୟବାନ ଜୀବନ ବଞ୍ଚାଇ ପାରିନଥିବା ଅଧିକାରୀଙ୍କୁ ତଦନ୍ତ ଦାୟିତ୍ୱ ଦେଇ କମିସନରେଟ ପୁଲିସ କ'ଣ ପ୍ରମାଣ କରିବାକୁ ଚାହୁଁଥିଲା ତାକୁ ନେଇ ପ୍ରଶ୍ନ ଉଠିଛି। ଘଟଣା ଦିନ ଲୋକମାନେ ସୌମ୍ୟଙ୍କୁ ମାଡ଼ ମାରୁଥିବା ଖବରପାଇ ପିସିଆର ପହଞ୍ଚିଥିଲା। ପରେ ବାଲିଅନ୍ତା ଥାନାର ସବ୍ ଇନ୍ସପେକ୍ଟର ଅରୂପାନନ୍ଦ ନାୟକ ଓ ଅନ୍ୟ କର୍ମଚାରୀ ପହଞ୍ଚିଥିଲେ। ସୌମ୍ୟଙ୍କୁ ଲୋକମାନେ ଅତି ନିର୍ମମ ଭାବେ ପିଟୁଥିବା ବେଳେ ପୁଲିସ ଦେଖଣାହାରୀ ସାଜିଥିଲା। ଲୋକମାନେ ଲୁହା ପାଇପରେ ବାନ୍ଧି ପିଟୁଥିବା ବେଳେ ଏସ୍ଆଇ ଶ୍ରୀ ନାୟକ ତାଙ୍କୁ ଗାଡ଼ି ଡାଲାରେ ଲଦିବାକୁ ନିର୍ଦ୍ଦେଶ ଦେଇଥିଲେ। ସ୍ଥାନୀୟ ଲୋକଙ୍କ ଅତ୍ୟଧିକ ଆକ୍ରୋଶ ଓ ଉପସ୍ଥିତ ପୁଲିସ ଅଧିକାରୀଙ୍କ ଅବହେଳା ଯୋଗୁଁ ସୌମ୍ୟ ପ୍ରାଣ ହରାଇଥିଲେ। ଏହାପରେ ମଧ୍ୟ ଲୋକମାନଙ୍କୁ ପ୍ରବର୍ତ୍ତାଇଥିବା ଏସ୍ଆଇ ଶ୍ରୀ ନାୟକଙ୍କୁ ଘଟଣାର ତଦନ୍ତଭାର ଦିଆଯାଇଥିଲା। ସମ୍ବେଦନଶୀଳ ଘଟଣାରେ ଥାନା ଅଧିକାରୀ କିମ୍ବା ତଦୁର୍ଦ୍ଧ ଅଧିକାରୀ ତଦନ୍ତ କରୁଥିବା ବେଳେ ସୌମ୍ୟ ହତ୍ୟା ଭଳି ଘଟଣା କାହିଁକି ବିବାଦୀୟ ସବ୍ ଇନ୍ସପେକ୍ଟରଙ୍କୁ ଦିଆଯାଇଥିଲା, ତାହା ଏବେ ସନ୍ଦେହ ଘେରରେ। ଘଟଣାସ୍ଥଳରେ ଉପସ୍ଥିତ ଥିବା ଏସ୍ଆଇଙ୍କୁ ତଦନ୍ତ ଦାୟିତ୍ୱ ଦେଇ ପୁଲିସ ନିଜ ଅପାରଗତା ଲୁଚାଇବାକୁ ଉଦ୍ୟମ କରୁଥିଲା କି? ଏସ୍ଆଇଙ୍କ କାନ୍ଧରେ ମାମଲା ଭାର ଥୋଇ ଆଇଆଇସି ଝାଡ଼ି ଝୁଡ଼ି ହେବାକୁ ଚେଷ୍ଟା କରିଥିଲେ କି? ଏପରି ଅନେକ ପ୍ରଶ୍ନ ଏବେ ସମସ୍ତଙ୍କ ମନରେ ଉଙ୍କି ମାରୁଛି।

## ଫୋନ୍ ଉଠାଇନଥିଲେ ଥାନା ଅଧିକାରୀ

ଗୋଟିଏ ପଟେ ସୌମ୍ୟରଞ୍ଜନଙ୍କ ହାତ ଗୋଡ଼ ବାନ୍ଧି ଲୋକମାନେ ଆକ୍ରମଣ କରୁଥିବା ବେଳେ ଅନ୍ୟପଟେ ଡିସିପି ଅଫିସରେ କ୍ରାଇମ୍ ମିଟିଂ ଚାଲିଥିଲା। ଆଉ ସେହି ମିଟିଂରେ ଭୁବନେଶ୍ୱରର ବିଭିନ୍ନ ଥାନାର ଅଧିକାରୀଙ୍କ ସହ ବାଲିଅନ୍ତା ଥାନା ଅଧିକାରୀ ଅନିଲ ପରିଡ଼ା ଉପସ୍ଥିତ ଥିଲେ। ଏପଟେ ସୌମ୍ୟ ମୃତ୍ୟୁମୁଖରୁ ବର୍ତ୍ତିବାକୁ ଉଦ୍ୟମ କରୁଥିବା ବେଳେ ପୁଲିସ ନିରବଦ୍ରଷ୍ଟା ସାଜିଥିଲା। ଠିକ୍ ସେହି ସମୟରେ ଘଟଣା ବିଷୟରେ ଜଣାଇବାକୁ ବାଲିଅନ୍ତା ଥାନା ଅଧିକାରୀଙ୍କୁ ଫୋନ୍ ଯାଇଥିଲା। ହେଲେ ଥାନା ଅଧିକାରୀ ମିଟିଂରେ ଥିବାରୁ ଫୋନ୍ ଉଠାଇ ନଥିଲେ। ଫଳରେ ସୌମ୍ୟରଞ୍ଜନଙ୍କୁ ଉଦ୍ଧାର କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନିଆଯାଇ ପାରିନଥିଲା କି ଅଧିକ ପୁଲିସ ଫୋର୍ସ ମଧ୍ୟ ମଗା ଯାଇପାରିନଥିଲା। ଥାନା ଅଧିକାରୀଙ୍କ ଏପରି ଅବହେଳା ପରୋକ୍ଷରେ ସୌମ୍ୟରଞ୍ଜନଙ୍କୁ ମୃତ୍ୟୁର ଦ୍ୱାରରେ ପହଞ୍ଚାଇ ଦେଇଥିଲା। ଏହି ଘଟଣା ଜଣାପଡ଼ିବା ପରେ ଥାନା ଅଧିକାରୀଙ୍କୁ ଡିସିପି ଅଫିସକୁ ବଦଳି କରି ଘଟଣାରୁ ନଜର ହଟାଇବାକୁ ଉଦ୍ୟମ କରାଯାଇଥିବା ଅଭିଯୋଗ ହୋଇଛି।

## ବାଲିଅନ୍ତା ଭିଡ଼ ହତ୍ୟା

# ଫସିଲେ ତଳିଆ, ଖସିଗଲେ ବଡ଼ବଡ଼ିଆ

ଭୁବନେଶ୍ୱର,୧୦।୫(ସମିସ):

ବାଲିଅନ୍ତା ଭିଡ଼ ହିଂସା ମାମଲାରେ ପୁଲିସ ଅବହେଳାକୁ ଆରମ୍ଭରୁ ଲୁଚାଉଥିବା କମିସନରେଟ୍ ପୁଲିସ ରବିବାର ୬ଜଣ ପୁଲିସ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। କମିସନରେଟ୍ ପୁଲିସ ବହୁ ଭାବି ଚିନ୍ତି ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ପୁଲିସ ବିଭାଗରେ କର୍ମଚାରୀଙ୍କ ର୍‌ୟାଙ୍କ୍ ଯେତେ ଛୋଟ ହେବ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସେତେ କଠୋର ହେବ। ପୁଲିସ କର୍ମଚାରୀଙ୍କ ର୍‌ୟାଙ୍କ୍ ଯେତେ ଉପରକୁ ଉଠିବ କାର୍ଯ୍ୟାନୁଷ୍ଠାନର ତୀବ୍ରତା ସେତେ କୋଳାହଳ ହୋଇ ଚାଲିବ। ଆଉ ବଡ଼ବଡ଼ିଆ ପୁଲିସ ଅଧିକାରୀ ହୋଇଥିଲେ ବିଲକୁଲ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ। ଭିଡ଼ ହିଂସାରେ ଏଭଳି ପାତରଅନ୍ତର ଏବଂ ର୍‌ୟାଙ୍କ୍ ଭିତ୍ତିକ କାର୍ଯ୍ୟାନୁଷ୍ଠାନକୁ ନେଇ ବିଭିନ୍ନ ମହଲାରେ ପ୍ରଶ୍ନ ଉଠିଛି।

ବାଲିଅନ୍ତା ଭିଡ଼ ହିଂସା ମାମଲାରେ ଘଟଣାସ୍ଥଳରେ ମୋଟ୍ ୬ଜଣ କର୍ମଚାରୀ ପହଞ୍ଚିଥିଲେ। ଏହି ୬ଜଣଙ୍କ ମଧ୍ୟରୁ ଜଣେ ଏସ୍ଆଇ, ଜଣେ ଏଏସ୍ଆଇ, ୨ଜଣ କନ୍‌ଷ୍ଟେବଲ୍ ଏବଂ ୨ଜଣ ହୋମ୍‌ଗାର୍ଡ ଉପସ୍ଥିତ ରହିଥିଲେ। ପୁଲିସ କମିସନର ଦେବଦତ୍ତ ସିଂ କହିଛନ୍ତି ଉପସ୍ଥିତ ପୁଲିସ କର୍ମଚାରୀମାନେ ଠିକ୍ ସମୟରେ ପହଞ୍ଚିଥିଲେ କିନ୍ତୁ ସୌମ୍ୟଙ୍କୁ ବଞ୍ଚାଇ ନପାରିବାରୁ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଯଦି ପୁଲିସ ଅଧିକାରୀମାନଙ୍କୁ ଏହି ଆଧାରରେ ଦଣ୍ଡିତ କରାଯାଏ ତେବେ କମିସନରେଟ୍ ପୁଲିସ ସମସ୍ତଙ୍କ ବିରୋଧରେ ସମାନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା କଥା। ଜଣଙ୍କୁ ବହିଷ୍କାର ସଦୃଶ ଦଣ୍ଡ, ଜଣଙ୍କୁ ନିଲମ୍ବନ, ଜଣଙ୍କୁ ବଦଳି ଓ ବଡ଼ ଅଧିକାରୀଙ୍କୁ ସମ୍ପୂର୍ଣ୍ଣ ମାଫ୍ କରାଯାଇ ନଥାନ୍ତା। ପୁଲିସ କ୍ରୋନୋଲୋଜିରୁ ଜଣାପଡୁଛି ତଳରୁ ଉପରକୁ ସଜା କମି କମି ଯାଉଛି। ବରିଷ୍ଠ ଅଧିକାରୀଙ୍କ ଅର୍ଡରକୁ ମାନି କାମ କରୁଥିବା କର୍ମଚାରୀଙ୍କ ଦୋଷ ରହିଛି। କିନ୍ତୁ ଅର୍ଡର ଦେଉଥିବା ବଡ଼ ବାବୁ ସମ୍ପୂର୍ଣ୍ଣ ଭାବେ ନିର୍ଦ୍ଦୋଷ।




**ହୋମ୍‌ଗାର୍ଡଙ୍କୁ କାର୍ଯ୍ୟାନ୍ତର**

**କନ୍‌ଷ୍ଟେବଲଙ୍କ ଠାରୁ ଏସ୍ଆଇଙ୍କୁ ନିଲମ୍ବନ**

**ଆଇଆଇସିଙ୍କୁ ବଦଳି**

ପୁଲିସ ବିଭାଗରେ ହୋମ୍ ଗାର୍ଡଙ୍କ ର୍‌ୟାଙ୍କ୍ ସବୁ ଠାରୁ ଛୋଟ। ଏଣୁ ବାଲିଅନ୍ତା ଭିଡ଼ ହିଂସା ମାମଲାରେ ହୋମ୍‌ଗାର୍ଡଙ୍କୁ କାର୍ଯ୍ୟାନ୍ତର ନୋଟିସ ଜାରି କରା ହେଲା ଯାହାଦ୍ୱାରା ସେମାନେ ଆଉ କାର୍ଯ୍ୟ କରି ପାରିବେ ନାହିଁ। ଥାନା ଗାଡ଼ିରେ ଆସିଥିବା ହୋମ୍‌ଗାର୍ଡଙ୍କୁ ଓ ପିସିଆର୍‌ରେ ମଧ୍ୟ ଘଟଣାସ୍ଥଳକୁ ଆସିଥିବା ହୋମ୍‌ଗାର୍ଡଙ୍କୁ ବି ସମାନ ଦଣ୍ଡ ଦିଆଯାଇଛି।

ସେହିପରି କନ୍‌ଷ୍ଟେବଲ୍, ଏଏସ୍ଆଇ ଏବଂ ଏସ୍ଆଇଙ୍କୁ ନିଲମ୍ବନ କରାଯାଇଛି। ଏହି ପୁଲିସ କର୍ମଚାରୀମାନେ ଘଟଣାସ୍ଥଳରେ ଉପସ୍ଥିତ ଥିଲେ। କନଷ୍ଟେବଲ୍ ମାନେ ଥାନା ଗାଡ଼ିରେ ଆସନ୍ତୁ କିମ୍ବା ପିସିଆର୍‌ରେ ଆସନ୍ତୁ ସମସ୍ତଙ୍କୁ ସମାନ ଦଣ୍ଡ ଦିଆଗଲା। ବାଲିଅନ୍ତ ଥାନା ଅଧିକାରୀ ନିଲମ୍ବିତ ହୋଇଥିବା କର୍ମଚାରୀଙ୍କ ର୍‌ୟାଙ୍କ୍ ଠାରୁ ଊର୍ଦ୍ଧ୍ୱରେ। ପୁଲିସ ବିଭାଗରେ ଥାନା ପରିଚାଳନା କରୁଛନ୍ତି। ଏଣୁ ବାଲିଅନ୍ତା ଭିଡ଼ ହିଂସା ପାଇଁ ଆତ୍ମ୍ବନ ମୋଡ୍‌ରେ କମିସନରେଟ୍ ପୁଲିସ ଆସିଲା ଆଉ ତାଙ୍କୁ ବଦଳି କରିଦେଲା। କିନ୍ତୁ ବଡ଼ବଡ଼ିଆଙ୍କୁ ଛାଡି ଦିଆଗଲା।

## ଘରର ତାଲା ଭାଙ୍ଗି ଟଙ୍କା ବାକ୍ସ ଚୋରି; ଡ୍ରାଇଭର ଗିରଫ

ଭୁବନେଶ୍ୱର,୧୦।୫ (ସମିସ): ମାଲିକଙ୍କ ଘର ତାଲା ଭାଙ୍ଗି ଟଙ୍କା ବାକ୍ସ ଚୋରି କରିଥିବା ଅଭିଯୋଗରେ ଡ୍ରାଇଭରକୁ ଗିରଫ କରିଛି ତମାଣ୍ଡୋ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ବଳଙ୍ଗା ଥାନା ଅଞ୍ଚଳର ସହଦେବ ବିଶ୍ୱାଳ (୩୦)। ପୁଲିସ ସୂଚନାନୁସାରେ, କଳିଙ୍ଗ ନଗର କେ-୪ରେ ରହୁଥିବା ମାନସ ରଞ୍ଜନ ସାହୁ ଏକ ଗାଡ଼ି ସୋ-ରୁମରେ ଚାକିରି କରୁଥିବା ବେଳେ ସହଦେବ ତାଙ୍କ ପାର୍ଟ ଟାଇମ୍ ଡ୍ରାଇଭର ଭାବେ କାମ କରୁଥିଲା। ଗତ ଶୁକ୍ରବାର ସନ୍ଧ୍ୟା ୬ ଟା ବେଳେ ମାନସ ଘର କବାଟରେ ତାଲା ପକାଇ କର୍ମକ୍ଷେତ୍ରକୁ ବାହାରି ଯାଇଥିଲେ। ସେହି ସମୟରେ ସହଦେବ ତାଙ୍କ ତାଲା ଭାଙ୍ଗି ଘର ଭିତରୁ ଟଙ୍କା ବାକ୍ସ ଚୋରି କରି ନେଇଥିଲା। ସଂପୃକ୍ତ ବାକ୍ସରେ ୪୦ ହଜାର ଟଙ୍କା ରହିଥିଲା। ମୁଖ୍ୟ ଦ୍ୱାରର ତାଲା ଭଙ୍ଗା ହୋଇଥିବା ଓ ଟଙ୍କା ବାକ୍ସ ଚୋରି ହୋଇଥିବା ମାନସ ଘରକୁ ଫେରିବା ପରେ ଦେଖିବାକୁ ପାଇଥିଲେ। ସିସିଟିଭି କ୍ୟାମେରା ଯାଞ୍ଚ କରିବାରୁ, ସହଦେବ ଚୋରି କରିଥିବା କଥା ଜଣାପଡ଼ିଥିଲା। ଏନେଇ ସେ ତମାଣ୍ଡୋ ଥାନାରେ ଏତଲା ଦେବାପରେ ପୁଲିସ ତଦନ୍ତ କରିଥିଲା। ସହଦେବକୁ ଗିରଫ କରିବା ସହ ଟଙ୍କା ବାକ୍ସ ଓ ୧୦ ହଜାର ଟଙ୍କା ଜବତ କରିଥିଲା।



## ଗଞ୍ଜେଇ ଭର୍ତ୍ତି କାର୍ ଜବତ; ୪ ଗିରଫ

ଭୁବନେଶ୍ୱର,୧୦।୫ (ସମିସ): କନ୍ଧମାଳରୁ ଗଞ୍ଜେଇ ଆଣି ରାଜଧାନୀରେ ବିକ୍ରି କରୁଥିବା ୪ ନିଶା ବେପାରୀଙ୍କୁ ଗିରଫ କରିଛି ମୈତ୍ରୀ ବିହାର ଥାନା ପୁଲିସ। ସେମାନେ ହେଲେ, ଶୈଳଶ୍ରୀବିହାରର ଦୀପକ ଦିଗାଲ (୨୮), ସାଲିଆ ସାହିର ତିଳୋତ୍ତମା ନାୟକ (୫୦), ପି ଜ୍ୟୋତି ରାଓ (୪୫) ଓ ପି ସାବିତ୍ରୀ ରାଓ (୩୨)।

ପୁଲିସ ସୂଚନାନୁସାରେ, ନନ୍ଦନକାନନ ପଟରୁ ଗଞ୍ଜେଇ ଭର୍ତ୍ତି କାର ହାତିଆସୁଣୀ ଛକ ଆଡ଼କୁ ଆସୁଥିବା ନେଇ ମୈତ୍ରୀ ବିହାର ଥାନା ପୁଲିସକୁ ଖବର ମିଳିଥିଲା। ଥାନାର ଏକ ସ୍ୱତନ୍ତ୍ର ଟିମ୍ ଲୁମ୍ବିନୀ ବିହାର ଛକ ନିକଟରୁ କାରକୁ ପିଛା କରି ବିର୍ସା ମୁଣ୍ଡା ଛକ ନିକଟରେ ଅଟକାଇଥିଲା। କାର୍ ଭିତରେ ବସିଥିବା ୩ ମହିଳାଙ୍କ ସହ ଡ୍ରାଇଭରକୁ ଅଟକ ରଖି ଯାଞ୍ଚ କରିଥିଲା। ଛାନଭିନ ସମୟରେ ସେମାନଙ୍କ ହେପାଜତରୁ ସମୁଦାୟ ୨୧ କିଲୋ ଓଜନର ଗଞ୍ଜେଇ, ଗୋଟିଏ ମୋବାଇଲ ଫୋନ, କାର ଓ ଟଙ୍କା ଜବତ କରଯାଇଥିଲା। ସେମାନେ କନ୍ଧମାଳରୁ ଗଞ୍ଜେଇ ଆଣି ସାଲିଆ ସାହିରେ ବିକ୍ରି କରୁଥିବା କଥା ସ୍ୱୀକାର କରିଥିଲେ। ଏନେଇ ମୈତ୍ରୀ ବିହାର ଥାନା ପୁଲିସ ଏନଡିପିଏସ୍ ଆକ୍ଟରେ ମାମଲା ରୁଜୁ କରି ୪ ଜଣଙ୍କୁ କୋର୍ଟ ଚାଲାଣ କରିଛି।

**ଗିରଫଙ୍କ ମଧ୍ୟରେ ୩ ମହିଳା**

**କନ୍ଧମାଳରୁ ଆଣି ରାଜଧାନୀରେ ବିକୁଥିଲେ**



## ମରଣାନ୍ତକ ଆକ୍ରମଣ ଅଭିଯୋଗରେ ୨ ଗିରଫ

ହଂସପାଳ,୧୦।୫(ସମିସ):

ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ପାହାଳ ଥାନା ପୁଲିସ ସତ୍ୟବ୍ରତ ରାଉତରାୟଙ୍କ ଲିଖିତ ରିପୋର୍ଟ ଆଧାରରେ ଦୁଇ ଅଭିଯୁକ୍ତ ବାଲିଅନ୍ତା ପଞ୍ଚାୟତ ସାଲେଶ୍ୱର ଗ୍ରାମର କିଶୋର ଚନ୍ଦ୍ର ଦାସ ଓରଫ ଗୁଲୁନା (୩୨), ଶେଖରଚନ୍ଦ୍ର ଦାସ ଓରଫ ମିଲନ(୨୯)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ସୂଚନା ଅନୁସାରେ ଅଭିଯୋଗକାରୀ ସତ୍ୟବ୍ରତ ରାଉତରାୟ ପାହାଳ ଥାନା ଅନ୍ତର୍ଗତ ଜୟପୁରରେ ରୁହନ୍ତି। ଗତ ୬ ତାରିଖ ସକାଳ ସକାଳେ ତାଙ୍କ ପିତା ପ୍ରକାଶ ଚନ୍ଦ୍ର ରାଉତରାୟ ଫୁଲ ତୋଳିବାକୁ ଯାଇଥିଲେ। ସେହି ସମୟରେ ଅଭିଯୁକ୍ତ କିଶୋର ଚନ୍ଦ୍ର ଦାସ ଏବଂ ଶେଖର ଚନ୍ଦ୍ର ଦାସ ତାଙ୍କ ପିତାଙ୍କୁ ଘେରି ଯାଇ କାଠ ବାଡ଼ି ଏବଂ ପ୍ଲାଷ୍ଟିକ୍ ପାଇପ୍ ସାହାଯ୍ୟରେ ଆକ୍ରମଣ କରିଥିଲେ ଏବଂ ଘଟଣାର ଭିଡିଓ କରିଥିଲେ। ପରେ, ଭିଡିଓଟିକୁ ସୋସିଆଲ ମିଡିଆରେ ଭାଇରାଲ କରିଥିଲେ। ଭାଇରାଲ ଭିଡିଓ ଏବଂ ଆକ୍ରମଣ ଯୋଗୁଁ ଲଜ୍ଜା, ଭୟ ଓ ମାନସିକ ନିର୍ଯାତନା ଯୋଗୁଁ ତାଙ୍କ ପିତା ପ୍ରାୟ ଚାରି ଦିନ ପୂର୍ବେ ପରିବାରର କୌଣସି ସଦସ୍ୟଙ୍କୁ ଘଟଣାର ତାରିଖ ଜଣାଇ ନଥିଲେ। ପରେ ଗତ ୯ ତାରିଖରେ ତାଙ୍କ ପିତା ରଶିରେ ଫାଶି ଦେଇ ଆତ୍ମହତ୍ୟା କରିବାକୁ ଚେଷ୍ଟା କରିଥିଲେ। ପରିବାର ସଦସ୍ୟମାନେ ତାଙ୍କୁ ଉଦ୍ଧାର କରି ଘଟଣା ବିଷୟରେ ପଚାରିବାରୁ, ସେ କହିଥିଲେ ଯେ ଏହି ଘଟଣା ପୂର୍ବରୁ ଗୁଲାନା ଦାସ ଏବଂ ଶେଖର ଦାସ ଦ୍ୱାରା ଘଟିଥିଲା। ଏହା ପରେ ସେମାନେ ସୋସିଆଲ ମିଡିଆ ଭିଡିଓ ମାଧ୍ୟମରେ ମଧ୍ୟ ଏହି ଘଟଣା ବିଷୟରେ ଜାଣିବାକୁ ପାଇଥିଲେ। ଘଟଣାଟି ତାଙ୍କ ବାପାଙ୍କ ଉପରେ ଏକ ଯୋଜନାବଦ୍ଧ ଏବଂ ଜୀବନକୁ ବିପଦପୂର୍ଣ୍ଣ ଆକ୍ରମଣ, ଯାହା ତାଙ୍କୁ ମାନସିକ ନିର୍ଯାତନା ଦେଇଥିଲା ଏବଂ ଆତ୍ମହତ୍ୟା କରିବାକୁ ବାଧ କରିଥିଲା। ଯେଉଁ ଘଟଣା ଘଟିଥିଲା ତାହା ତାଙ୍କ ବାପାଙ୍କୁ ଜୀବନରେ ମାରିବା ପାଇଁ ପୂର୍ବ ଯୋଜନାବଦ୍ଧ ଭାବରେ କରାଯାଇଥିଲା। ତେଣୁ, ସେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଥାନାରେ ଅଭିଯୋଗ କରିଥିଲେ। ପାହାଳ ଥାନା ଅଧିକାରୀ ଅଶ୍ୱିନୀ ଜେନା ବିଭିନ୍ନ ସ୍ଥାନରେ ଚଢାଉ ଜରିଆରେ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ।



## ମଙ୍ଗଳସୂତ୍ର ଚୋରି କଲା; କାନଫୁଲ ନେବାବେଳେ ଧରାପଡ଼ିଲା

ଭୁବନେଶ୍ୱର,୧୦।୫ (ସମିସ): ସୁନା ଚେନ୍ ଛଡ଼ାଇ ନେଇଥିଲା, ହେଲେ କାନଫୁଲ ନେବା ବେଳକୁ ଧରାପଡ଼ିଲା। ଲୋକମାନେ ଲୁଟେରାକୁ କାବୁ କରି ସହ ପୁଲିସରେ ଦେଇଛନ୍ତି। କଳିଙ୍ଗନଗର ପୁରୁଣା ଫାଣ୍ଡି ନିକଟରେ ଘଟିଥିବା ଏହି ଘଟଣାରେ ଜଣଙ୍କୁ ଗିରଫ କରିଛି ତମାଣ୍ଡୋ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଭରତପୁର ତାରିଣୀ ବସ୍ତିର କମଳାକାନ୍ତ ଦାସ ଓରଫ୍ ବାବୁ (୨୧)। ପୁଲିସ ସୂଚନାନୁସାରେ, କଳିଙ୍ଗନଗର କେ୫ ଅଞ୍ଚଳରେ ରହୁଥିବା ଅନିତା ମଲ୍ଲିକ ଗତକାଲି ମଧ୍ୟାହ୍ନରେ ସାଇକେଲ ଯୋଗେ ଭଉଣୀ ଘରକୁ ଯାଉଥିଲେ। ସେ କଳିଙ୍ଗନଗର ପୁରୁଣା ଫାଣ୍ଡି ନିକଟରେ ପହଞ୍ଚିଥିବା ବେଳେ ବାବୁ ବାଇକରେ ଆସି ତାଙ୍କର ରାସ୍ତା ଅବରୋଧ କରିଥିଲା। ଏଥିସହିତ ତାଙ୍କ ବେକରୁ ସୁନା ମଙ୍ଗଳସୂତ୍ର ଛିଣ୍ଡାଇ ନେଇଯାଇଥିଲା। ଏହା ପରେ ତାଙ୍କ କାନରୁ ସୁନା କାନଫୁଲ ନେବା ଲାଗି ପ୍ରୟାସ କରିବା ବେଳେ ଅନିତା ତାକୁ ଧରି ପକାଇ ବଡ଼ ପାଟିରେ ଡାକ ପକାଇଥିଲେ। ଡାକ ଶୁଣି ସ୍ଥାନୀୟ ଲୋକମାନେ ବାବୁକୁ କାବୁ କରି ନେଇ ପୁଲିସରେ ଦେଇଥିଲେ। ଏନେଇ ଅନିତା ତମାଣ୍ଡୋ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ବାବୁକୁ ଗିରଫ କରିବା ସହ ତା' ଠାରୁ ଗୋଟିଏ ମଙ୍ଗଳସୂତ୍ର ଓ ବାଇକ୍ ଜବତ କରିଛି।





ରଥଖଳାରୁ...

## ଚକରେ ପଡ଼ିଲା ନଡ଼ିଆ ଚାଞ୍ଚ



ପୁରୀ, ୧୦।୫ (ସମିସ): ଶ୍ରୀନଅର ସମ୍ମୁଖ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ତିନିରଥର ମୁଖ୍ୟ ମହାରଣାଙ୍କ ନେତୃତ୍ୱରେ ଚକ, ଅଖ ଏବଂ ଅନ୍ୟାନ୍ୟ କାମ କରାଯାଉଛି। ରବିବାର ସୁଦ୍ଧା ତିନିରଥର ମୋଟ୍ ୪୨ଚକ ମଧ୍ୟରୁ ୨୨ଟି (ତାଳଧ୍ୱଜ ରଥର ୭, ଦର୍ପଦଳନ ୮ ଏବଂ ନନ୍ଦିଘୋଷ ୭) ଚକ ପ୍ରସ୍ତୁତ ହୋଇଯାଇଛି। ରଥଚାଳିରେ ସମ୍ପୂର୍ଣ୍ଣ ହୋଇ ରହିଥିବା ଚକଗୁଡ଼ିକୁ ଭୋଇ ସେବକମାନେ ବାହାରକୁ ବାହାର କରିଛନ୍ତି। ବର୍ତ୍ତମାନ ପ୍ରବଳ ଖରା ହେଉଛି। ତେଣୁ ଖରାରେ ଚକ ଫାଟିବା ସମ୍ଭାବନା ଥିବାରୁ ତା' ଉପରେ ନଡ଼ିଆ ଚାଞ୍ଚ ପକାଯାଇଛି। ତିନିରଥର ଭୂଇଁ ନିର୍ମାଣରେ ଆବଶ୍ୟକ ଅଂଶଗୁଡ଼ିକ ପ୍ରସ୍ତୁତ ପାଇଁ ରଥ ଅମିନ ପ୍ରଥମ ଦଫାରେ ଯୋଗାଇ ଦେଇଥିବା କାଠଗୁଡ଼ିକର ଚଉପଟ କାର୍ଯ୍ୟ ଶେଷ ହୋଇଛି। ଦ୍ୱିତୀୟ ପର୍ଯ୍ୟାୟରେ ରଥ ଅମିନ ତିନିରଥର ଯୋକା ଏବଂ ମୁହାଁଟ ନିର୍ମାଣ ପାଇଁ ଯୋଗାଇଥିବା ଧଉରା କାଠକୁ ମହାରଣା ସେବକମାନେ ଚଉପଟ ପୂର୍ବକ ୪ଟି ଲେଖାଏଁ ମୁହାଁଟ ଏବଂ ୧୬ଟି ଲେଖାଏଁ ଯୋକା ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ରୂପକାର ସେବକମାନେ ତିନିରଥର ୧୧ଟି ଲେଖାଏଁ ସାଲ ଗୁଜରେ ରୂପ ଖୋଦେଇ ଜାରି ରଖିଛନ୍ତି। ଖୋଦେଇ ଶେଷ ହୋଇଥିବା ରୂପଗୁଡ଼ିକର ପଲିସ୍ କାର୍ଯ୍ୟ ଚାଲିଛି। ଦୋଳବେଦୀ ଅସ୍ଥାୟୀ କମାରଶାଳରେ ଦର୍ପଦଳନ ରଥର ୧୨ ଚକ ପାଇଁ ପନ୍ଦାରି, ବଳା ଏବଂ ଅରକଣ୍ଟା ନିର୍ମାଣ ଶେଷ କରି ବାକି ଚକଗୁଡ଼ିକ ନିମନ୍ତେ ଅରକଣ୍ଟା, ପନ୍ଦାରି, ପନ୍ଦାରି ଚାବି ଏବଂ ତୁମ୍ବ ବାହ୍ୟ ବଳା ନିର୍ମାଣ ଜାରି ରହିଛି।

# ମାତୃଦିବସରୁ ମହିଳାଙ୍କ ଅଧିକାର ପାଇଁ ବିଜୁ ମହିଳା ଜନତା ଦଳର ରଣହୁଙ୍କାର





ଭୁବନେଶ୍ୱର,୧୦।୫(ସମିସ): ମାତୃ ଦିବସ ଅବସରରେ ବିଜୁ ମହିଳା ଜନତା ଦଳ ପକ୍ଷରୁ ରବିବାର ଶଙ୍ଖ ଭବନଠାରେ ବିଜେଡି ନାରୀ ଅଧିକାର ଅଭିଯାନ ବିକ୍ଷୋଭ ସମାବେଶ ଆନୁଷ୍ଠାନିକ ଭାବରେ ଶୁଭାରମ୍ଭ ହୋଇଛି। ଏହି ଅବସରରେ ରାଜ୍ୟରେ ନାରୀ ସୁରକ୍ଷା ଅଧିକାରର ଉଲ୍ଲଂଘନ, ନାରୀ ନିର୍ଯାତନା, ସାମାଜିକ ଅସୁରକ୍ଷିତା, ସାମ୍ବିଧାନିକ ଓ ରାଜନୈତିକ ଅଧିକାରର ଉଲ୍ଲଂଘନ ଆଦିକୁ ନେଇ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଛି ବିଜୁ ମହିଳା ଜନତା ଦଳ।

ଏହି ଅବସରରେ ଶଙ୍ଖ ଭବନଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ସାଂସଦ ସୁଲତା ଦେଓ, ସାଧାରଣ ସମ୍ପାଦିକା ଗୀତାଞ୍ଜଳି ବସ୍ତିଆ ଏବଂ ଉପସଭାନେତ୍ରୀ ସ୍ୱର୍ଣ୍ଣଲତା ସାମଲ ବିଜେପିର ନାରୀ ବିରୋଧୀ କାର୍ଯ୍ୟକଳାପକୁ ନେଇ ଦୃଢ଼ ନିନ୍ଦା କରିଥିଲେ। ଆଜି ଶୁଭାରମ୍ଭ ହୋଇଥିବା ଏହି ଅଭିଯାନ ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ନିର୍ବାଚନମଣ୍ଡଳୀରେ ଚାଲିବ। ଏହିଭଳି ବିକ୍ଷୋଭ ସଭାବେଶ ଆୟୋଜନ କରି ବିଜେପି ସରକାର ମହିଳାଙ୍କୁ ଲୋକସଭା ଓ ବିଧାନସଭାରେ ୩୩ ପ୍ରତିଶତ ସଂରକ୍ଷଣ ଦେବାରେ ଟାଳଟୁଳ ନୀତି ଓ ମହିଳା ନିର୍ଯାତନା ରୋକିବାରେ ଅସମର୍ଥତାକୁ ବିଜେଡି ଲୋକଲୋଚନକୁ ଆଣିବ ବୋଲି ସେମାନେ ସୂଚନା ପ୍ରଦାନ କରିଛନ୍ତି।

- ଆରମ୍ଭ ହେଲା ନାରୀ ଅଧିକାର ଅଭିଯାନ ବିକ୍ଷୋଭ ସମାବେଶ
- ଆସନ୍ତା ୨୫ ତାରିଖ ଯାଏଁ ସବୁ ନିର୍ବାଚନମଣ୍ଡଳୀରେ ହେବ ବିକ୍ଷୋଭ ସମାବେଶ
- ମହିଳାଙ୍କୁ ୩୩ ପ୍ରତିଶତ ସଂରକ୍ଷଣ ଦେବାରେ ବିଜେପି ସରକାର ବିଫଳ
- ନାରୀ ନିର୍ଯାତନାକୁ ରୋକିବାରେ ଅସମର୍ଥ ରାଜ୍ୟ ସରକାର
- ବିଫଳତାକୁ ଲୋକଲୋଚନକୁ ଆଣିବାକୁ ମହିଳା ବିଜେଡିର ସଂକଳ୍ପ

ସଭାନେତ୍ରୀ ଶ୍ରୀମତୀ ଛୁରିଆ ବିସ୍ତୃତ ଭାବେ ବିଜେଡି ସରକାର ସମୟରେ ମହିଳା ସଶକ୍ତିକରଣ ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ଅପରପକ୍ଷେ ବିଜେପି ସରକାରଙ୍କ ମହିଳାଙ୍କୁ ପ୍ରତାରଣା ତଥା ମିଛ ତଥ୍ୟ ଦେଇ ଲୋକଙ୍କୁ ଭ୍ରମିତ କରିବାକୁ ନେଇ ସେ କ୍ଷୋଭ ପ୍ରକାଶ କରିଥିଲେ। ବିଜେପିର ଏପରି ରାଜନୀତି ବିରୋଧରେ ପ୍ରତିବାଦର ସ୍ୱର ଘରେ ଘରେ ପହଞ୍ଚାଇବା ପାଇଁ ସେ ଆହ୍ୱାନ ଦେଇଥିଲେ।

ସାଂସଦ ସୁଲତା ଦେଓ କହିଥିଲେ ଯେ ବିଜେଡି ସରକାରଙ୍କ ଦୀର୍ଘ ଦିନର ସଂଘର୍ଷ ଏବଂ ଅକ୍ଲାନ୍ତ ପରିଶ୍ରମରେ ଓଡ଼ିଶାର ୨.୫ କୋଟି ମହିଳା ସ୍ୱାଧୀନତା ଏବଂ ସମାନତା ତଥା ସୁରକ୍ଷା ପାଇଛନ୍ତି। ଏହାକୁ ହାତଛଡ଼ା ନ କରିବାକୁ ସମସ୍ତେ ସଂକଳ୍ପ ନେବାକୁ ସେ ଆହ୍ୱାନ ଦେଇଥିଲେ। ବରିଷ୍ଠ ନେତ୍ରୀ କସ୍ତୁରୀ ମହାପାତ୍ର ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଓ ନବୀନ ପଟ୍ଟନାୟକ ମହିଳାଙ୍କ ଅଧିକାର, ସୁରକ୍ଷା ଏବଂ ସଶକ୍ତିକରଣ ପାଇଁ ଅତୁଳନୀୟ ଅବଦାନ ବାବଦରେ ଆଲୋକପାତ କରିଥିଲେ। ଭୁବନେଶ୍ୱର ମେୟର ଶ୍ରୀମତୀ ସୁଲୋଚନା ଦାସ କହିଥିଲେ ଯେ ବର୍ତ୍ତମାନର ବିଜେପି ସରକାର ମହିଳାମାନଙ୍କ ସ୍ୱାଧୀନତାକୁ ଏକ ବିପଦ ବୋଲି ଭାବୁଛନ୍ତି। ତେଣୁ ପ୍ରତ୍ୟେକ ନିର୍ବାଚନମଣ୍ଡଳୀସ୍ତରରେ ମହିଳାମାନଙ୍କ ପ୍ରତିବାଦ ସମାବେଶ କରି ଏହା ବିରୋଧରେ ଦୃଢ଼ ସ୍ୱର ଉତ୍ତୋଳନ କରିବାକୁ ପଡ଼ିବ ବୋଲି ସେ ଆହ୍ୱାନ ଦେଇଥିଲେ। ସମାବେଶରେ ଡ. ଲେଖାଶ୍ରୀ ସାମନ୍ତସିଂହାର, ସର୍ମିଷ୍ଠା ସେଠୀ, ଡ.ରାଜଶ୍ରୀ ମଲ୍ଲିକ, ସୁମିତ୍ରା ଜେନା, ଡ. ମିନତି ବେହେରା, ମେୟର ସଂଘମିତ୍ରା ଦଲାଇ, ବିଜୁ ଛାତ୍ର ସଭାନେତ୍ରୀ ଇପ୍ସିତା ସାହୁଙ୍କ ସମେତ ଡ. ଗୀତାଞ୍ଜଳି ବସ୍ତିଆ ମଞ୍ଚ ପରିଚାଳନା କରିଥିଲେ। ସମାବେଶରେ ସାରା ରାଜ୍ୟରୁ ଆଭାସୀ ମାଧ୍ୟମରେ ହଜାର ହଜାର ମହିଳା ନେତ୍ରୀ ଓ କର୍ମୀ ଯୋଗ ଦେଇଥିଲେ।

କଣାସ ବର୍ବରତାକୁ ନେଇ ବର୍ଷିଲେ ରମାରଞ୍ଜନ

## ବାଲି ମାଫିଆ ପୃଷ୍ଠପୋଷକ, ପ୍ରଚ୍ଛଦପଟରେ ବିଧାୟକ



ପୁରୀ,୧୦।୫(ସମିସ): କଣାସ ଥାନାଠାରୁ ମାତ୍ର ଅଧ କିଲୋମିଟର ଦୂର ଗୋଲାବଜାର ମାଛ ମାର୍କେଟରେ ଘଟିଥିବା ବର୍ବର କାଣ୍ଡକୁ ନେଇ ରାଜ୍ୟବ୍ୟାପୀ ଚହଳ ପଡ଼ିଛି। ରାସ୍ତା ଉପରେ ଜଣେ ଯୁବକଙ୍କୁ ମାଛକଟା ପନିକିରେ ହାଣି ବେକରେ ବୁଲେଟ୍ ଚଢ଼ାଇବାର ଛାତିଥରା ଭିଡିଓ ସାରା ଦେଶରେ ଆଲୋଡ଼ନ ସୃଷ୍ଟି କରିଛି। ଘଟଣାକୁ ୯ ଦିନ ବିତିଯାଇଥିଲେ ମଧ ମୁଖ୍ୟ ଅଭିଯୁକ୍ତକୁ ପୁଲିସ ଗିରଫ କରି ନ ଥିବାରୁ ସାଧାରଣରେ ଅସନ୍ତୋଷ ବଢୁଛି । ବାଲିମାଫିଆ ସମଗ୍ର ଘଟଣାର ପୃଷ୍ଠପୋଷକ ଓ ସତ୍ୟବାଦୀ ବିଧାୟକ ପ୍ରଚ୍ଛଦପଟରେ ଥିବା ଅଭିଯୋଗ କରିଛନ୍ତି ପୂର୍ବତନ ବିଧାୟକ ତଥା ବିଜେଡି ନେତା ରମାରଞ୍ଜନ ବଳିଆରସିଂହ।

ରବିବାର ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ବଳିଆରସିଂହ କହିଛନ୍ତି ଯେ ମୋର ୪୦ ବର୍ଷ ରାଜନୀତିକ ଜୀବନରେ ଏଭଳି ଘଟଣା କେବେ ଦେଖିନାହିଁ। ବାଲି ମାଫିଆଙ୍କ ପାଇଁ ଏଭଳି ଲୋମଟାଙ୍କୁରା ଘଟଣା ଘଟିଛି। ବିହାର, ୟୁପିରେ ଏଭଳି ଘଟଣା ଘଟୁଥିଲା। ଏବେ ଆମ ରାଜ୍ୟରେ ବିଶେଷକରି ଆମ କଣାସ ମାଟିରେ ଏଭଳି ଛାତିଥରା ଦୃଶ୍ୟ ଦେଖିବାକୁ ମିଳିଛି। ଜଣେ ଯୁବକଙ୍କୁ ପନିକିରେ ହାଣିବା ପରେ ତିନିଜଣ ଗୋଟିଏ ବୁଲେଟ୍‌ରେ ବସି ତାଙ୍କ ଉପରେ ଚଢ଼ାଇବା ଘଟଣା ମନରେ ଭୟ ସଞ୍ଚାର କରୁଛି।ଏହି ଆକ୍ରମଣ ପଛରେ ସତ୍ୟବାଦୀ ବିଧାୟକଙ୍କ ହାତ ରହିଛି ଓ ବାଲିମାଫିଆ ଏହି ଘଟଣାର ପୃଷ୍ଠପୋଷକ । ମୁଖ୍ୟ ଅଭିଯୁକ୍ତଙ୍କ ସହ ସତ୍ୟବାଦୀ ବିଧାୟକଙ୍କ ଫଟୋ ସୋସିଆଲ ମିଡିଆରେ ଘୂରି ବୁଲୁଛି। ପୁଲିସ ରାଜନୈତିକ ଚାପରେ ରହୁଥିବାରୁ ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ଆଜି ରସାତଳଗାମୀ। ପ୍ରଥମେ ବିଧାୟକ ଗଣମାଧ୍ୟମରେ କହୁଛନ୍ତି ୪ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଏ ସମ୍ପର୍କରେ ଆଉ କିଛି ସମୟ ପରେ ପୁଲିସ ପ୍ରେସ୍‌ମିଟ୍ କରି ଅବଗତ କରାଇବେ। ଏହାପରେ ଏସ୍‌ପି ପ୍ରେସ୍‌ମିଟ୍ କରୁଛନ୍ତି। ବିଧାୟକ କ'ଣ ଗୃହ ବିଭାଗର ମୁଖପାତ୍ର କି ବୋଲି ଶ୍ରୀ ବଳିଆର ସିଂହ ଅଭିଯୋଗ କରିଛନ୍ତି।

ଏହି ଅବସରରେ ସେ ପୁଲିସ ଓ ସରକାରଙ୍କୁ ଘଟଣାକୁ ନେଇ ଅନେକ ପ୍ରଶ୍ନ କରିଛନ୍ତି । ମୁଖ୍ୟ ଅଭିଯୁକ୍ତ ଗଲା କୁଆଡ଼େ? ଆକ୍ରମଣରେ ବ୍ୟବହୃତ ବୁଲେଟ୍ ଓ ସ୍କୁଟି କୁଆଡ଼େ ଗଲା? ମୁଖ୍ୟ ଅଭିଯୁକ୍ତଙ୍କ ଘର ସାମ୍ନାରେ ଗଦା ହୋଇଥିବା ଶହଶହ ଟ୍ରିପ୍ ବାଲି କାହାର? ଏତେ ପରିମାଣରେ ବାଲି ସେ କେମିତି ଓ କେଉଁଠୁ ଆଣିଲେ? ରାଜସ୍ୱ ବିଭାଗ ଓ ଖଣି ବିଭାଗ କ'ଣ କରୁଛି ବୋଲି ସେ ପ୍ରଶ୍ନ କରିଛନ୍ତି। ସେ ପୁଣି କହିଛନ୍ତି ଯେ ବେଆଇନ ବାଲି ବେପାରରୁ କୋଟି କୋଟି ଟଙ୍କା ଆଦାୟ କରାଯାଉଛି। ଏହି ଟଙ୍କା ମିଳିମିଶି ନେଉଛନ୍ତି। ଘଟଣାର ୪ ଦିନ ପୂର୍ବରୁ ଆକ୍ରମଣର ଶିକାର ହୋଇଥିବା ଯୁବକଙ୍କ ଭାଇଙ୍କୁ ଧମକ ଦିଆଯାଇଥିଲା। ତାଙ୍କ ଭାଇଙ୍କୁ ହାଣିବେ ବୋଲି କୁହାଯାଇଥିଲା । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ, ଯେଉଁ ୪ ଜଣ ଗିରଫ ହୋଇଛନ୍ତି ବୋଲି କୁହାଯାଉଛି, ସେମାନେ ପ୍ରକୃତରେ ସତ୍ୟବାଦୀ ବିଧାୟକଙ୍କ ଇଙ୍ଗିତରେ ଆତ୍ମସମର୍ପଣ କରିଛନ୍ତି। ଏସ୍‌ପି ସାମ୍ବାଦିକ ସମ୍ମିଳନୀରେ କହିଥିଲେ ଯେ, ଉଭୟ ପକ୍ଷରେ ବିବାଦ ଯୋଗୁଁ ଏହି ଘଟଣା ଘଟିଛି। ତେଣୁ ଆକ୍ରମଣକାରୀଙ୍କ ବିରୋଧରେ ଏନ୍‌ଏସ୍‌ଏ ଲାଗୁ କରିବାକୁ ଦାବି କରିଛନ୍ତି ଶ୍ରୀ ବଳିଆରସିଂହ। ନଚେତ୍ ଆଗାମୀ ଦିନରେ କଣାସ ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତି ଆହୁରି ବିପର୍ଯ୍ୟସ୍ତ ହେବ ବୋଲି ସେ ଚେତାବନୀ ଦେଇଛନ୍ତି।

ଜିଆର୍‌ପି କନେଷ୍ଟବଳ ସୌମ୍ୟ ରଞ୍ଜନ ହତ୍ୟା ମାମଲା

## ମଉଜପୁରରେ ୬ ଜଣିଆ କ୍ରାଇମବ୍ରାଞ୍ଚ ଟିମ୍‌ର ପଚରାଉଚରା

କଣ୍ଟାପଡ଼ା,୧୦।୫(ସମିସ): ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତା ଥାନା ଭିଙ୍ଗାରପୁର କାଜ ନିକଟରେ ଘଟିଥିବା ବହୁଚର୍ଚ୍ଚିତ ଜିଆର୍‌ପି କନେଷ୍ଟବଳ ସୌମ୍ୟ ରଞ୍ଜନ ସ୍ୱାଇଁଙ୍କ ହତ୍ୟାକାଣ୍ଡର ତଦନ୍ତ ଭାର କ୍ରାଇମବ୍ରାଞ୍ଚ ହାତକୁ ନେଇଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଗତକାଲିଠାରୁ ଏହି ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଆଜି ମଧ୍ୟାହ୍ନରେ କ୍ରାଇମବ୍ରାଞ୍ଚର ୬ଜଣିଆ ଏକ ସ୍ୱତନ୍ତ୍ର ଟିମ୍ ସୌମ୍ୟଙ୍କ ପୈତୃକ ଗ୍ରାମ ଓଲଟପୁର ଥାନା ଅନ୍ତର୍ଗତ ମଉଜପୁରରେ ପହଞ୍ଚିଥିଲେ। ତଦନ୍ତକାରୀ ଦଳ ଘଟଣା ଦିନ ସୌମ୍ୟଙ୍କ ସହ ଥିବା ବନ୍ଧୁ ଓମ୍ ପ୍ରକାଶ ରାଉତ, ମାମୁ ଅଜୟ କୁମାର ଦାସ, ବାପା ଦୁଃଶାସନ ସ୍ୱାଇଁ ଏବଂ ତାଙ୍କ ମା'ଙ୍କୁ ଦୀର୍ଘ ସମୟ ଧରି ପଚରାଉଚରା କରି ପ୍ରାଥମିକ ତଥ୍ୟ ସଂଗ୍ରହ କରିବା ପରେ ସନ୍ଧ୍ୟାରେ ଫେରିଯାଇଛନ୍ତି। ସୂଚନାଯୋଗ୍ୟ, ସୌମ୍ୟରଞ୍ଜନଙ୍କୁ ଅତି ଅମାନୁଷିକ ଭାବେ ଗୋଡ଼ ହାତ ବାନ୍ଧି ପିଟି ପିଟି ହତ୍ୟା କରାଯିବା ଘଟଣା ସମଗ୍ର ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି। ଏହି ମାମଲାରେ ବାଲିଅନ୍ତା ପୁଲିସ ପକ୍ଷରୁ ଏ ପର୍ଯ୍ୟନ୍ତ ୧୧ ଜଣଙ୍କୁ ଗିରଫ କରାଯାଇଥିଲେ ହେଁ ପ୍ରକୃତ ଅଭିଯୁକ୍ତଙ୍କ ଗିରଫଦାରୀକୁ ନେଇ ସ୍ଥାନୀୟ ଅଞ୍ଚଳରେ ସନ୍ଦେହ ପ୍ରକାଶ ପାଇଛି। ବିଶେଷକରି, କାଜ ନିକଟରେ ଆମିଷ ଦୋକାନ କରିଥିବା ଜଣେ ବ୍ୟକ୍ତିଙ୍କୁ ପୁଲିସ କେଉଁ ଉଦ୍ଦେଶ୍ୟରେ ଉଠାଇ ନେଲା ଏବଂ ଘଟଣାରେ ସମ୍ପୃକ୍ତ ତିନୋଟି ଗ୍ରାମର ମୁଖ୍ୟ ଅଭିଯୁକ୍ତମାନେ ବାସ୍ତବରେ ଗିରଫ ହୋଇଛନ୍ତି କି ନାହିଁ, ସେନେଇ ଅଡ଼ଶପୁର ବଜାର ଓ ସାଧାରଣ ଜନତାଙ୍କ ମଧ୍ୟରେ ଚର୍ଚ୍ଚା ଜୋର୍ ଧରିଛି। ଘଟଣାର ରହସ୍ୟ ଉନ୍ମୋଚନ କରିବା ସହ ଦୋଷୀଙ୍କୁ କଠୋର ଦଣ୍ଡ ଦେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଦୁର୍ଘଟଣାରେ ଗଲା ୨ ଜୀବନ

ଆଠଗଡ଼, ୧୦।୫ (ସମିସ): ଆଠଗଡ଼ ଥାନା ଅନ୍ତର୍ଗତ ଖୁଣ୍ଟକଟା ସନ୍ନିକଟ ଅଂଶୁପା ରାସ୍ତାରେ ଆଜି ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ଦୁଇଜଣ ଯୁବକଙ୍କ ପ୍ରାଣହାନି ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ମୃତକମାନେ ହେଲେ, ବାଙ୍କୀ ଥାନା ଘୋଡ଼ାବର ଗ୍ରାମର ଲିଟୁ ନାଏକ(୨୭) ଓ ଖୁଣ୍ଟକଟା ଗ୍ରାମର ଚନ୍ଦନ ନାଏକ।

ସୂଚନାନୁଯାୟୀ, ଲିଟୁ, ରାଜେଶ ଏବଂ ଖୁଣ୍ଟକଟାର ଚନ୍ଦନ ନାଏକ ଏକ ବାଇକ୍‌ରେ ଆଠଗଡ଼ ଅଭିମୁଖେ ଆସୁଥିଲେ। ଅଂଶୁପା ରାସ୍ତାରେ ଗାଡ଼ିଟି ହଠାତ୍ ଭାରସାମ୍ୟ ହରାଇ ପ୍ରଥମେ ଡିଭାଇଡର୍ ସହ ଧକ୍କା ହୋଇ ପରେ ଏକ ଗଛରେ ପିଟି ହୋଇଯାଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଘଟଣାସ୍ଥଳରେ ହିଁ ଲିଟୁଙ୍କର ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତମାନଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ଆଠଗଡ଼ ଉପଖଣ୍ଡ ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ରାଜେଶ ଓ ଚନ୍ଦନଙ୍କ ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ଥିବାରୁ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ଦୁର୍ଭାଗ୍ୟବଶତଃ, କଟକ ନେବା ବାଟରେ ଚନ୍ଦନଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ରାଜେଶ ବର୍ତ୍ତମାନ ଗୁରୁତର ଅବସ୍ଥାରେ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଏହି ଘଟଣାକୁ ନେଇ ଆଠଗଡ଼ ଥାନାରେ ନଂ ୧୯୭/୨୬ରେ ଏକ ମାମଲା ରୁଜୁ ହୋଇଛି। ପୁଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରିବା ସହ ଘଟଣାର ଅଧିକ ତଦନ୍ତ ଜାରି ରଖିଛି। ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

ରାଜ୍ୟସଭା ନିର୍ବାଚନରେ ଦ୍ୱିତୀୟ ବାଲଟ ବ୍ୟବହାର ପ୍ରସଙ୍ଗ

## ଆଜି ସିଇଓଙ୍କ ସହ ବିଜେଡିର ବୈଠକ

ବିଜେପିର ଦୁଇ ବିଧାୟକଙ୍କୁ ଦ୍ୱିତୀୟ ବାଲଟ ବ୍ୟବହାର ଅନୁମତି ନେଇ ଅଭିଯୋଗ କରିଥିଲା ବିଜେଡି

ଭୁବନେଶ୍ୱର, ୧୦।୫ (ସମିସ): ରାଜ୍ୟସଭା ନିର୍ବାଚନରେ ବିଜେପିର ୨ ବିଧାୟକଙ୍କ ଦ୍ୱାରା ଦ୍ୱିତୀୟ ବାଲଟ ବ୍ୟବହାର ଘଟଣାରେ ସୋମବାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ସାକ୍ଷାତ କରିବ। ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଦିନ ୧୧ଟା ବେଳେ ପ୍ରତିନିଧିମଣ୍ଡଳୀ ଉପସ୍ଥିତ ରହିବେ ବୋଲି ଜଣାପଡ଼ିଛି।

ସୂଚନାଯୋଗ୍ୟ, ଗତ ମାର୍ଚ୍ଚରେ ଅନୁଷ୍ଠିତ ରାଜ୍ୟସଭା ନିର୍ବାଚନରେ ବିଜେପିର ଦୁଇ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ ଓ ଉପାସନା ମହାପାତ୍ରଙ୍କୁ ଭୋଟଦାନ ସମୟରେ ଦ୍ୱିତୀୟ ବାଲଟ ବ୍ୟବହାର ଅନୁମତି ମିଳିଥିଲା। ଯାହାକୁ ନେଇ ବିଜେଡି ଭାରତୀୟ ନିର୍ବାଚନ ଆୟୋଗଙ୍କ ନିକଟରେ ଅଭିଯୋଗ କରିଥିଲା। ଏହାସହ କମିଶନଙ୍କୁ ଭେଟିବା ପାଇଁ ବିଜେଡି ରାଜ୍ୟସଭା ସାଂସଦ ଡ. ସସ୍ମିତ ପାତ୍ର ଚିଠି ଲେଖି ଦାବି କରିଥିଲେ। ଏହି କ୍ରମରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ୧୧ ତାରିଖ ସକାଳ ୧୧ଟାରେ ବିଜେଡି ପ୍ରତିନିଧି ଦଳ ସହ ବୈଠକ ପାଇଁ ସମୟ ନିର୍ଦ୍ଧାରଣ କରିଛନ୍ତି। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ ଅନୁସାରେ ବିରୋଧୀଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ବିରୋଧୀ ଦଳ ମୁଖ୍ୟ ସଚେତକ ଏବଂ ପୋଲିଂ ଏଜେଣ୍ଟ ପ୍ରମିଳା ମଲ୍ଲିକ, ବିରୋଧୀ ଦଳ ଉପମୁଖ୍ୟ ସଚେତକ ଏବଂ ଦଳର ଅଧିକୃତ ଏଜେଣ୍ଟ ପ୍ରତାପ ଦେବ, ବିଧାୟକ ଏବଂ କାଉଣ୍ଟିଂ ଏଜେଣ୍ଟ ଡ. ଅରୁଣ କୁମାର ସାହୁ ଏବଂ ସାଂସଦ ଏବଂ କାଉଣ୍ଟିଂ ଏଜେଣ୍ଟ ତଥା ମାମଲାର ଆବେଦକ ଡ. ସସ୍ମିତ ପାତ୍ର ଏହି ଅବସରରେ ଉପସ୍ଥିତ ରହିବେ।

ସରିଲା ବାହାର ଚନ୍ଦନ ଯାତ୍ରା

## ଆଜିଠୁ ଭିତର ଚନ୍ଦନ

ପୁରୀ, ୧୦।୫ (ସମିସ): ପବିତ୍ର ଅକ୍ଷୟ ତୃତୀୟାରୁ ଆରମ୍ଭ ହୋଇଥିବା ମହାପ୍ରଭୁଙ୍କ ୨୧ଦିନ ବ୍ୟାପୀ ବାହାର ଚନ୍ଦନ ଯାତ୍ରା ରବିବାର ଶେଷ ହୋଇଛି। ସୋମବାରଠାରୁ ଆରମ୍ଭ ହେବ ଭିତର ଚନ୍ଦନ ଯାତ୍ରା। ଅପରାହ୍ଣରେ ଚନ୍ଦନ ଯାତ୍ରା ପାଇଁ ଶ୍ରୀମନ୍ଦିରରୁ ବିଅଁ ବିଜେ ହୋଇଥିଲେ। ଦେବଦେବୀ ନରେନ୍ଦ୍ର ପୁଷ୍କରିଣୀ ଚକଡ଼ାରେ ପହଞ୍ଚିବା ପରେ ଭିତରଚ୍ଛ ମହାପାତ୍ର ଜଳଲାଗି କରିଥିଲେ। ପରେ ଦିଅଁ ଚାପକୁ ବିଜେ ହୋଇଥିଲେ। ଚାପରେ ମୁଦିରସ୍ତ ମଦନମୋହନ, ଶ୍ରୀଦେବୀ, ଭୂଦେବୀଙ୍କୁ ପ୍ରସାଦ ଲାଗି କରିଥିଲେ। ପରେ ଦିନଚାପ ଆରମ୍ଭ ହୋଇଥିଲା। ନନ୍ଦା ଚାପରେ ମଦନମୋହନ, ଶ୍ରୀଦେବୀ, ଭୂଦେବୀ ଏବଂ ଭଦ୍ରା ଚାପରେ ରାମକୃଷ୍ଣ ଓ ପଞ୍ଚମହାଦେବ ନରେନ୍ଦ୍ର ପୁଷ୍କରିଣୀରେ ଏକଘେରା ବୁଲି ଜଳକ୍ରୀଡ଼ା କରିଥିଲେ। ଦିନ ଚାପ ନୀତି ସରିବା ପରେ ନନ୍ଦା ଓ ଭଦ୍ରା ଚାପକୁ ଏକାଠିକୁ ଯୋଡ଼ି କରି ରଖାଯାଇଥିଲା। ରାମକୃଷ୍ଣ ମଦନମୋହନଙ୍କ ଚାପକୁ ବିଜେ ହୋଇଥିଲେ। ମୁଦିରସ୍ତ ସେବକ ହଳଦୀପାଣି ପିଚ୍‌କାରୀ ମାରି ଦିଅଁଙ୍କ ଶ୍ରୀପୟର ଧୋଇଥିଲେ। ଭିତରଚ୍ଛ ବନ୍ଦାପନା କରିସାରିବା ପରେ ମୁଦିରସ୍ତ ସେବକ ଚାମର ଆଲଟ କରି ରାଜନୀତି ସମ୍ପନ୍ନ କରିଥିଲେ। ଏହାପରେ ଦିଅଁ ଚନ୍ଦନମଣ୍ଡପ ଗର୍ଭଗୃହକୁ ବିଜେ ହୋଇଥିଲେ। ସେଠାରେ ମଇଲମ ହୋଇ ସାଦା ବେଶ ହେବା ପରେ ଶୀତଳ ଭୋଗ ବଢ଼ିଥିଲା। ପରେପରେ ଝୁଲଣ କୁଞ୍ଜ ଲାଗି ହୋଇ ଠାକୁରଙ୍କ ବେଶ ହୋଇଥିଲା। ପରେ ଦିଅଁ ମାଣ୍ଡୁଅ ଭୋଗ ସାରି ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ।

ସୂଚନାଯୋଗ୍ୟ, ଅକ୍ଷୟ ତୃତୀୟାଠାରୁ ଆରମ୍ଭ ହେଉଥିବା ଚନ୍ଦନ ଯାତ୍ରାରେ ମହାପ୍ରଭୁ ନିଜେ ବିଜେ ନ କରି ତାଙ୍କର ପ୍ରତିନିଧି ଭାବେ ରାମକୃଷ୍ଣ, ମଦନମୋହନ, ଶ୍ରୀଦେବୀ ଓ ଭୂଦେବୀ ବିଜେ କରିଥା'ନ୍ତି। ସେମାନଙ୍କ ସହ କ୍ଷେତ୍ରର ପଞ୍ଚମହାଦେବ ତଥା ପଞ୍ଚୁପାଣ୍ଡବ ବିଜେ କରନ୍ତି। ଶ୍ରୀକ୍ଷେତ୍ରର ନରେନ୍ଦ୍ର ପୁଷ୍କରିଣୀରେ ୨୧ ଦିନ ବ୍ୟାପୀ ଚନ୍ଦନ ଯାତ୍ରା ଅନୁଷ୍ଠିତ ହୁଏ।

## ଆଜିଠୁ ପୁଣି ଭିତର ରତ୍ନଭଣ୍ଡାର ଗଣତି

ପୁରୀ, ୧୦।୫ (ସମିସ): ପ୍ରାୟ ୨୨ଦିନ ପରେ ପୁଣି ସୋମବାରଠାରୁ ଭିତର ରତ୍ନଭଣ୍ଡାର ଅଳଙ୍କାର ଗଣତି ହେବ। ଏହି ଗଣତି ପ୍ରକ୍ରିୟା ଦୁଇଦିନ ଧରି ଅର୍ଥାତ୍ ମଙ୍ଗଳବାର ପର୍ଯ୍ୟନ୍ତ ଚାଲିବ। ପୁଣି କେବେ ଗଣତି ହେବ, ତାହା ମହାପ୍ରଭୁଙ୍କ ନୀତିକାନ୍ତିଙ୍କୁ ଦେଖି ସ୍ଥିର କରାଯିବ। ସୋମବାର ଭିତର ରତ୍ନଭଣ୍ଡାର ଗଣତି ପାଇଁ ଶ୍ରୀମନ୍ଦିର ପ୍ରଶାସନ ସମସ୍ତ ପ୍ରକାର ପ୍ରସ୍ତୁତି କରିଛି। ରାଜ୍ୟ ସରକାରଙ୍କ ମାର୍ଗଦର୍ଶିକା ଆଧାରରେ ଏହି ଗଣତି କରାଯିବ।

ସୂଚନାଥାଉ କି, ମାର୍ଚ୍ଚ ୨୫ରେ ରତ୍ନଭଣ୍ଡାର ଗଣତିମଣତି ଆରମ୍ଭ ହୋଇଥିଲା। ମାର୍ଚ୍ଚ ୨୫ରେ ଚଳନ୍ତି ଭଣ୍ଡାର ଓ ଏପ୍ରିଲ ୮, ୯, ୧୦ ଓ ୧୧ ତାରିଖରେ ବାହାର ରତ୍ନଭଣ୍ଡାର ଅଳଙ୍କାର ଗଣତିମଣତି କାର୍ଯ୍ୟ ଶେଷ ହୋଇଥିଲା। ଚଳନ୍ତି ଭଣ୍ଡାର ଓ ବାହାର ଭଣ୍ଡାର ଅଳଙ୍କାର ଗଣତି ପରେ ଭଣ୍ଡାର ମେକାପ ସେବକଙ୍କୁ ମଣତି (ହିସାବ କରି ନେବା) ଦିଆଯାଇଛି। ଏହାପରେ ଏପ୍ରିଲ ୧୩ରୁ ଭିତର ରତ୍ନଭଣ୍ଡାର ଅଳଙ୍କାର ଗଣତି ଆରମ୍ଭ କରାଯାଇଥିଲା। ଭିତର ରତ୍ନଭଣ୍ଡାର ଏପ୍ରିଲ୧୩, ୧୬, ୧୭ ଓ ୧୮ ତାରିଖରେ ଗଣତି ପରେ ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା ନୀତିକାନ୍ତି ପାଇଁ ଗଣତି କାର୍ଯ୍ୟ ସ୍ଥଗିତ ରଖାଯାଇଥିଲା। ସୋମବାରଠାରୁ ପୁଣି ଗଣତି ଆରମ୍ଭ ହେବାକୁ ଯାଉଛି। ମେ' ୧୧ ଓ ୧୨ତାରିଖ ଦୁଇଦିନ ଗଣତି ପରେ ଠାକୁରଙ୍କ ନୀତିକାନ୍ତିକୁ ଦେଖି ପୁଣି କେଉଁଦିନ ଗଣତି ହେବ, ତାହା ସ୍ଥିର କରାଯିବ ବୋଲି କହିଛନ୍ତି ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ କୁମାର ପାଢ଼ୀ। ଉଲ୍ଲେଖଯୋଗ୍ୟ, ସୋମବାରଠାରୁ ମହାପ୍ରଭୁଙ୍କ ଭିତର ଚନ୍ଦନ ଯାତ୍ରା ଆରମ୍ଭ ହେବାକୁ ଯାଉଥିବାରୁ ଏହି ଅବଧି ମଧ୍ୟରେ ରତ୍ନଭଣ୍ଡାର ଗଣତି ମହାପ୍ରଭୁଙ୍କ ଜାତ ଭୋଗ ଏବଂ ମଧ୍ୟାହ୍ନ ଧୂପ ପରେ ଆରମ୍ଭ ହେବ। ଏଣୁ ଅପରାହ୍ଣ ପ୍ରାୟ ୪ଟାରୁ ସନ୍ଧ୍ୟା ଧୂପ ଶେଷ ହେବା ପର୍ଯ୍ୟନ୍ତ ଭିତରକାଠରୁ ଦର୍ଶନ ବନ୍ଦ ରହିବ। ଗଣତି ପ୍ରକ୍ରିୟା ଚାଲୁ ରହିଥିବା ସମୟରେ ଶ୍ରୀଜୀଉଙ୍କ ନୀତି ସମ୍ପାଦନ ଅବ୍ୟାହତ ରହିବ ଏବଂ ଅଧିକୃତ ପାଳିଆ ସେବକମାନେ ଜଗମୋହନ ଓ ଗର୍ଭଗୃହକୁ ନୀତି ସମ୍ପାଦନ ନିମନ୍ତେ ସ୍ୱଚ୍ଛନ୍ଦରେ ପ୍ରବେଶ କରିପାରିବେ।

# ଓଡ଼ିଶାରେ ସ୍ୱତନ୍ତ୍ର ଓଡ଼ିଆ ବିଇଡି କେବେ?

ଭୁବନେଶ୍ୱର, ୧୦।୫(ସମିସ): ରାଜ୍ୟରେ ଓଡ଼ିଆ ଅସ୍ମିତାକୁ ସରକାର ଆଗ୍ରାଧିକାର ଦେଉଛନ୍ତି। ପ୍ରତିଟି ପ୍ରସଙ୍ଗକୁ ଓଡ଼ିଆ ଅସ୍ମିତା ସହ ଯୋଡ଼ି ପ୍ରଚାର କରୁଛନ୍ତି। ମାତ୍ର ବିଦ୍ୟାଳୟରେ ସ୍ୱତନ୍ତ୍ର ଓଡ଼ିଆ ଶିକ୍ଷକ ନିଯୁକ୍ତି ଦେବାକୁ କୌଣସି ଠୋସ୍ ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଏପରିକି ରାଜ୍ୟରେ ସଂସ୍କୃତ, ହିନ୍ଦୀ ଓ ଉର୍ଦ୍ଦୁ ପରି ଭାଷାରେ ବିଇଡି କରିବା ପାଇଁ ରାଜ୍ୟରେ ସୁବିଧା ଥିବାବେଳେ ସ୍ୱତନ୍ତ୍ର ଓଡ଼ିଆ ବିଇଡି ପାଇଁ ସରକାର ପଦକ୍ଷେପ ଗ୍ରହଣ ନ କରିବା ଭାଷାବିତଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି।

ବିଦ୍ୟାଳୟ ସ୍ତରରେ ଶିକ୍ଷକତା ପାଇଁ ସିଟି ବା ବିଇଡି ଅନିବାର୍ଯ୍ୟ କରାଯାଇଛି। ରାଜ୍ୟରେ ସଂସ୍କୃତ, ହିନ୍ଦୀ ଓ ଉର୍ଦ୍ଦୁ ବିଷୟପାଇଁ ସ୍ୱତନ୍ତ୍ର ବିଇଡି ସହିତ କଳା ଓ ବିଜ୍ଞାନରେ ବିଇଡି କରିବାକୁ ସୁବିଧା ରହିଛି। ସ୍ୱତନ୍ତ୍ର ଭାଷାରେ ବିଇଡି କରିଥିବା ପିଲା ସେହି ଭାଷାରେ ହିଁ ଶିକ୍ଷକ ଭାବେ ନିଯୁକ୍ତି ପାଉଥିବାବେଳେ କଳାରେ ବିଇଡି କରିଥିବା ପିଲାମାନଙ୍କୁ ଓଡ଼ିଆ ସମେତ ଇଂରାଜୀ ଓ ସାମାଜିକ ବିଜ୍ଞାନ ବିଷୟର ଶିକ୍ଷକ ଭାବେ ନିଯୁକ୍ତି ଦିଆଯାଉଛି। ଅନ୍ୟ ରାଜ୍ୟରେ ସେମାନଙ୍କ ମାତୃଭାଷା ଅର୍ଥାତ୍ ତାମିଲ, ତେଲୁଗୁ, କନ୍ନଡ଼, ମାଲାୟାଲାମ୍ ପରି ଶାସ୍ତ୍ରୀୟ ଭାଷା ପାଇଁ ସ୍ୱତନ୍ତ୍ର ବିଇଡି ସୁବିଧା ରହିଛି। ସମ୍ପ୍ରତି ପୁରୀସ୍ଥିତ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ସଂସ୍କୃତ ଭାଷା ପାଇଁ ସ୍ୱତନ୍ତ୍ର ବିଇଡି ପାଠ୍ୟକ୍ରମ (ଶିକ୍ଷାଶାସ୍ତ୍ରୀ) ରହିଛି। ସେହିପରି ହିନ୍ଦୀ ପାଇଁ କଟକସ୍ଥିତ ସରକାରୀ ହିନ୍ଦୀ ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ବିଇଡି ପାଠ୍ୟକ୍ରମ (ହିନ୍ଦୀ ଶିକ୍ଷା ପାରଙ୍ଗତ) ରହିଛି। ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଉର୍ଦ୍ଦୁ ଭାଷାପାଇଁ ମଧ ସ୍ୱତନ୍ତ୍ର ବିଇଡି ଆରମ୍ଭ ହୋଇଛି। ମାତ୍ର ଭାଷା ଭିତ୍ତିରେ ପ୍ରଥମ ରାଜ୍ୟ ଭାବେ ଓଡ଼ିଶା ଗଠନ ହୋଇଥିଲେ ମଧ ଏଯାଏଁ ସ୍ୱତନ୍ତ୍ର ବିଇଡି ପାଠ୍ୟକ୍ରମ ଉପଲବ୍ଧ ନ କରିବାକୁ ନେଇ ଭାଷାପ୍ରେମୀମାନେ ଉଦବେଗ ପ୍ରକାଶ କରିଛନ୍ତି।

- ହିନ୍ଦୀ, ସଂସ୍କୃତ ଓ ଉର୍ଦ୍ଦୁ ପାଇଁ ରାଜ୍ୟରେ ଅଛି ସ୍ୱତନ୍ତ୍ର ପାଠ୍ୟକ୍ରମ
- ଦକ୍ଷ ସ୍ୱତନ୍ତ୍ର ଓଡ଼ିଆ ଭାଷା ଶିକ୍ଷକ ନିଯୁକ୍ତିରେ ପ୍ରମୁଖ ପ୍ରତିବନ୍ଧକ

ଓଡ଼ିଶାରେ ଥିବା ୧୩ଟି ସରକାରୀ ବିଇଡି ମହାବିଦ୍ୟାଳୟ ସମେତ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ତଥା ରେଭେନ୍ସା ବିଶ୍ୱବିଦ୍ୟାଳୟ, ଗଙ୍ଗାଧର ବିଶ୍ୱବିଦ୍ୟାଳୟ ଓ ବଲାଙ୍ଗୀରର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ୧୦ଟି ଲେଖାଏଁ ସିଟ୍ ଇଣ୍ଟିଗ୍ରେଟେଡ୍ ବିଏ ବିଇଡି କରିବାକୁ ଓଡ଼ିଆ ବିଭାଗ ପିଲାଙ୍କ ପାଇଁ ସଂରକ୍ଷିତ କରାଯାଇଛି। ଓଡ଼ିଆ ଭାଷାରେ ଦକ୍ଷ ଶିକ୍ଷକ ନିଯୁକ୍ତି ପାଇଁ ଏହା ପର୍ଯ୍ୟାପ୍ତ ନୁହେଁ ବୋଲି ଶିକ୍ଷାବିତମାନେ ମତବ୍ୟକ୍ତ କରିଛନ୍ତି। ବିଦ୍ୟାଳୟରେ ସ୍ୱତନ୍ତ୍ର ଓଡ଼ିଆ ଶିକ୍ଷକ ପଦ ସୃଷ୍ଟି କରିବା ସହ ଏସବୁ ପଦରେ ତାଲିମ୍‌ପ୍ରାପ୍ତ ପ୍ରାର୍ଥୀଙ୍କୁ ନିଯୁକ୍ତ କରିବା ପାଇଁ ସ୍ୱତନ୍ତ୍ର ଓଡ଼ିଆ ବିଇଡି ପାଠ୍ୟକ୍ରମ ଖୋଲିବାକୁ ଭାଷା ପ୍ରେମୀମାନେ ଦାବି କରିଛନ୍ତି। ଅନୁରୂପ ଭାବେ ଏଲ୍‌ଟିଆର୍ ଶିକ୍ଷକ ନିଯୁକ୍ତିରେ ସ୍ୱତନ୍ତ୍ର ଓଡ଼ିଆ ଭାଷା ଶିକ୍ଷକ ପଦ ସରକାର ସୃଷ୍ଟି କରିଥିବାବେଳେ ପରବର୍ତ୍ତୀ ସମୟରେ ସରକାର ସ୍ୱତନ୍ତ୍ର ଓଡ଼ିଆ ଶିକ୍ଷକ ପଦରେ ନିଯୁକ୍ତି ଦେବାରୁ ଓହରି ଯାଇଛନ୍ତି। ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ (ଓଏସ୍‌ଏସ୍‌ସି) ପକ୍ଷରୁ ଟିଜିଟି ଓ ପିଜିଟି ଶିକ୍ଷକ ନିଯୁକ୍ତି ସରିଥିଲେ ମଧ ସ୍ୱତନ୍ତ୍ର ଓଡ଼ିଆ ଶିକ୍ଷକ ପାଇଁ କୌଣସି ପଦ ସୃଷ୍ଟି କରାଯାଇ ନାହିଁ। ଯାହା ଓଡ଼ିଆ ଭାଷାର ଭବିଷ୍ୟତ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଓଡ଼ିଆ ଅସ୍ମିତା କଥା କହୁଥିବା ସରକାର ସ୍ୱତନ୍ତ୍ର ବିଇଡି ସହ ସ୍ୱତନ୍ତ୍ର ଓଡ଼ିଆ ଭାଷା ଶିକ୍ଷକ ପଦ ସୃଷ୍ଟି କଲେ ଓଡ଼ିଆ ଭାଷା ସମୃଦ୍ଧ ହୋଇପାରିବ ବୋଲି ଶିକ୍ଷାବିତ ଓ ଭାଷାବିତମାନେ ମତପ୍ରକାଶ କରିଛନ୍ତି।

ଅଧ୍ୟାପକ ଇନ୍ଦ୍ରମଣି ସାହୁ କହିଛନ୍ତି ଯେ ସ୍ୱତନ୍ତ୍ର ଓଡ଼ିଆ ଶିକ୍ଷକ ପଦ ନ ଥିବାରୁ ଓଡ଼ିଆ ବିଇଡି ପ୍ରତି କାହାର ନଜର ନାହିଁ। ସମ୍ପ୍ରତି ଓଡ଼ିଆ ଶିକ୍ଷକ ନିଯୁକ୍ତି ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ଓଡ଼ିଆ ଭାଷାରେ ବିଇଡି ପାଠ୍ୟକ୍ରମ ଅନିବାର୍ଯ୍ୟ ହୋଇପଡ଼ିଛି। ତ୍ରୁଟିଶୂନ୍ୟ ଓ ଗୁଣାତ୍ମକ ଶିକ୍ଷା ପାଇଁ ସରକାର ଏହାର ଆବଶ୍ୟକତାକୁ ହୃଦୟଙ୍ଗମ କରି ତ୍ୱରିତ ପଦକ୍ଷେପ ନେଲେ ଓଡ଼ିଆ ଭାଷା ବଞ୍ଚି ରହିବ। ଭାଷା ଆନ୍ଦୋଳନ ସହ ଜଡ଼ିତ ପବିତ୍ର ମହାରଥା କହିଛନ୍ତି ଯେ, ସମ୍ପ୍ରତି ଓଡ଼ିଆ ଭାଷାରେ ସରକାରୀ କାର୍ଯ୍ୟ କରିବାକୁ ସରକାର ତାଲିମ ଦେଉଛନ୍ତି। ବିଦ୍ୟାଳୟରେ ଦକ୍ଷ ଓଡ଼ିଆ ଶିକ୍ଷକ ନ ଥିବାରୁ ପିଲାମାନେ ଓଡ଼ିଆ ବ୍ୟାକରଣରେ ବି ଦୁର୍ବଳ। ଓଡ଼ିଆ ଭାଷାକୁ ବ୍ୟାପକ କରିବାରେ ଏହା ପ୍ରମୁଖ ପ୍ରତିବନ୍ଧକ। ସ୍ୱତନ୍ତ୍ର ଓଡ଼ିଆ ଭାଷା ଶିକ୍ଷକ ଓ ବିଇଡି ପାଠ୍ୟକ୍ରମ ପ୍ରଣୟନ କରାଯିବା ଆବଶ୍ୟକ। ଓଡ଼ିଆ ଭାଷାରେ ବିଇଡି ଖୋଲିବା ପାଇଁ ଏନ୍‌ସିଟିଇ ନିକଟରେ ବାରମ୍ବାର ଦାବି କରାଯାଇଛି ବୋଲି ସେ କହିଛନ୍ତି।

# ସମ୍ପାଦକୀୟ



ବିଜ୍ଞାନର ମୌଳିକ ଧାରଣାଗୁଡ଼ିକ ଆବଶ୍ୟକ ଅନୁଯାୟୀ ସରଳ,
କିନ୍ତୁ ଏହାକୁ ସମସ୍ତେ ବୁଝିପାରୁଥିବା ଭଳି ଭାଷାରେ ଉପସ୍ଥାପନ କରିବାକୁ ପଡ଼ିବ ।
-ଆଲବର୍ଟ ଆଇନଷ୍ଟାଇନ୍ ।

ସକାଳ THE SAKALA

## ଅପରାଧରେ ଏକନମ୍ବର

ଆଉ କେଉଁଥିରେ ହେଉ କି ନ ହେଉ ଡବଲ୍ ଇଞ୍ଜିନ ଚାଳିତ ଓଡ଼ିଶା ଅପରାଧ ହାରରେ ସମଗ୍ର ଦେଶରେ ପ୍ରଥମ ସ୍ଥାନରେ ରହି ରେକର୍ଡ କରିଛି । ଏପରିକି ଶାନ୍ତିପ୍ରିୟ ରାଜ୍ୟ ଭାବେ ବିଶ୍ୱବନ୍ଦିତ ଓଡ଼ିଶାରେ ଏବେ ଉତ୍ତର ଭାରତ ଶୈଳୀରେ ଭିଡ଼ ହିଂସାର ଉପସ୍ଥିତି ଦେଖିବାକୁ ମିଳିଛି । ସତେଯେପରି ପୁଲିସ୍ ଓ ଆଇନଶୃଙ୍ଖଳା ଉପରୁ ଅପରାଧୀଙ୍କ ଭୟ ଏବଂ ଲୋକଙ୍କ ଭରସା ତୁଟିସାରିଛି । ସଦ୍ୟପ୍ରକାଶିତ ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ(ଏନ୍‌ସିଆରବି)-୨୦୨୪ ରିପୋର୍ଟ ଅନୁଯାୟୀ ସର୍ବସାଧାରଣ ସ୍ଥାନରେ ମହିଳାଙ୍କୁ ଯୌନ ନିର୍ଯାତନା ଘଟଣାରେ ଓଡ଼ିଶା ଜାତୀୟସ୍ତରରେ ଶୀର୍ଷରେ ରହିଛି । ୨୦୨୪ରେ ଆମ ରାଜ୍ୟରେ ସର୍ବସାଧାରଣ ସ୍ଥାନରେ ମହିଳାଙ୍କୁ ନିର୍ଯାତନା ମାମଲା ଥିଲା ୫୪୯ । ଏକ୍ଷେତ୍ରରେ ଦେଶର ସର୍ବାଧିକ ଜନବହୁଳ ରାଜ୍ୟ ଉତ୍ତରପ୍ରଦେଶକୁ ମଧ୍ୟ ଓଡ଼ିଶା ପଛରେ ପକାଇ ଦେଇଛି । ସେହିଭଳି ପ୍ରତି ୧ ଲକ୍ଷ ଲୋକରେ ଓଡ଼ିଶାରେ ପ୍ରାୟ ୧୬୧ ଜଣ ଲୋକ ହତ୍ୟା, ହିଂସା ଆଦି ଅପରାଧର ଶିକାର ହୋଇଛନ୍ତି । ଏ କ୍ଷେତ୍ରରେ ମଧ୍ୟ ଓଡ଼ିଶା ପ୍ରଥମ ସ୍ଥାନରେ ରହି ଦେଶର ସର୍ବାଧିକ ଅପରାଧପ୍ରବଣ ରାଜ୍ୟ ଭାବେ ନିନ୍ଦିତ ବିହାରକୁ ଦ୍ୱିତୀୟ ସ୍ଥାନକୁ ଠେଲି ଦେଇଛି । ସାମଗ୍ରିକ ଆପରାଧିକ ମାମଲାରେ ଦେଶରେ ଚତୁର୍ଥ ସ୍ଥାନରେ ରହିଛି ଓଡ଼ିଶା । ଏନ୍‌ସିଆରବି ତାଲିକାରେ ଅପରାଧପ୍ରବଣରେ ପ୍ରଥମ ତିନିଟି ସ୍ଥାନରେ ଥିବା ରାଜ୍ୟମାନଙ୍କ ମଧ୍ୟରେ ଡବଲ୍ ଇଞ୍ଜିନ ସରକାରମାନେ ରହିଛନ୍ତି ।

ଓଡ଼ିଶା ୨୦୨୪ର ଅର୍ଦ୍ଧାଧିକ ବିଜେଡି ଶାସନାଧୀନ ଥିଲେ ହେଁ ଅପରାଧ ପ୍ରବଣତା ପାଇଁ ସେହି ସରକାର ମୁଣ୍ଡରେ ଦୋଷ ଲଦି ବର୍ତ୍ତମାନର ଡବଲ୍ ଇଞ୍ଜିନ ସରକାର ଖସି ଯାଇପାରିବେ ନାହିଁ । କାରଣ ସେହିବର୍ଷର ପ୍ରଥମାର୍ଦ୍ଧ ନିର୍ବାଚନ ବାତାବରଣରେ ଉଷ୍ମ ରହିଥିଲା ଏବଂ ତାହାର ମଧ୍ୟ ଅର୍ଦ୍ଧାଧିକ ନିର୍ବାଚନ ଆଚରଣ ବିଧି ଅଧୀନରେ ପରିଚାଳିତ ହୋଇଥିଲା । ଅଧିକନ୍ତୁ ପୂର୍ବ ସରକାର ଅମଳରେ ୨୦୨୨ ତୁଳନାରେ ୨୦୨୩ରେ ଅପରାଧ ହାର ହ୍ରାସ ପାଇଥିବା ବେଳେ ଚଳିତ ସରକାରର ପ୍ରଥମ ଛଅ ମାସ ମଧ୍ୟରେ ହିଁ ଅପରାଧ ହାର ବଢ଼ିଥିବା ରେକର୍ଡ କହୁଛି । ସରକାରୀ ସଂସ୍ଥା ଏନ୍‌ସିଆରବି ଏହି ତଥ୍ୟ ଦେଇଥିବାରୁ କପୋଳକଳ୍ପିତ ଅଭିଯୋଗ ମଧ୍ୟ ହେବା ଅନୁଚିତ । ଗତ କିଛିଦିନ ଧରି ରାଜ୍ୟ ରାଜଧାନୀ ଉପକଣ୍ଠରେ ଯାହା ଘଟୁଛି ତାହା ଏନ୍‌ସିଆରବି ରିପୋର୍ଟର ସତ୍ୟତା ପ୍ରତିପାଦିତ କରୁଛି । ଆଇନଶୃଙ୍ଖଳାର ଏହି ଧାରା ଜାରି ରହିଲେ ବା ସୁଧାର ନ ଆସିଲେ ୨୦୨୫ ଓ ୨୦୨୬ ବର୍ଷ ପାଇଁ ମଧ୍ୟ ଓଡ଼ିଶା ଜାତୀୟସ୍ତରରେ ସର୍ବକାଳୀନ ରେକର୍ଡ ପ୍ରତିଷ୍ଠା କରିପାରେ ।

ଏବେ ଓଡ଼ିଶାରେ ଅପରାଧର କାୟା ଏତେ ବିସ୍ତାରିତ ଓ ରୂପ ଏତେ ବିକଟାଳ ହୋଇସାରିଛି ଯେ ମାନବିକତା ଦୂରେ ଥାଉ ପାରିବାରିକ କିମ୍ବା ଭାବଗତ ସମ୍ପର୍କ ତୁଚ୍ଛ ହୋଇସାରିଛି । ସେହିପରି ହତ୍ୟାର ମାଧ୍ୟମ ଆଉ ଠେଙ୍ଗା, ଛୁରି, ଖଣ୍ଡାରେ ସୀମିତ ରହିନାହିଁ । କଥାକଥାକେ ଗୁଳି ଫୁଟୁଛି, ବୋମାର ଗର୍ଜନ ଶୁଣିବାକୁ ମିଳୁଛି । ଅପରାଧ ମଧ୍ୟ ବୟସର ସୀମା ମଧ୍ୟରେ ସୀମିତ ହୋଇ ରହିନାହିଁ । ସମାଜରେ ଅପରାଧ, ହିଂସା, ରକ୍ତପାତ, ହତ୍ୟା ଆଦି ପ୍ରବଣତା ବଢ଼ିବା ପଛରେ ମନସ୍ତତ୍ତ୍ୱବିତ୍‌ମାନେ ଯେଉଁସବୁ କାରଣ ଦର୍ଶାଉଛନ୍ତି, ତାହା ଯେତିକି ଗମ୍ଭୀର ତା'ର ନିରାକରଣ ସମ୍ଭାବନା ତା'ଠାରୁ ଅଧିକ ଉଦ୍‌ବେଗଜନକ । ଅପରାଧ ବା ହିଂସା ମୂଳରେ ରହିଛି ନିଶା । ନିଶାସକ୍ତର ହିତାହିତ ଜ୍ଞାନ ରହୁ ନ ଥିବାରୁ ତା' ଆଗରେ ପର-ନିଜର, ଧର୍ମ-ଅଧର୍ମ, ନ୍ୟାୟ-ଅନ୍ୟାୟ, ଉଚିତ-ଅନୁଚିତ ଆଦି ଗୌଣ ହୋଇପଡୁଛି । ବାଲିଅନ୍ତାରେ ଯେଉଁ ଭିଡ଼ହିଂସା ସୃଷ୍ଟି ହେଲା ତା' ପଛରେ ଏହି ନିଶାର ପ୍ରଭାବ ଅଧିକ ଥିବା ଜଣାପଡ଼ିଛି । ସରକାରଙ୍କ ରାଜସ୍ୱ ସଂଗ୍ରହ ଆତୁରତା ବଢ଼ିବା ସହିତ ମନ୍ଦିର, ଶିକ୍ଷାନୁଷ୍ଠାନ, ଚିକିତ୍ସାଳୟ ଆଦି ନିଷିଦ୍ଧାଞ୍ଚଳ ନିକଟରେ ମଧ୍ୟ ମଦ ଦୋକାନର ପ୍ରାବଲ୍ୟ ବଢ଼ିବାରେ ଲାଗିଛି । ସହର ତଳି ଅଞ୍ଚଳମାନଙ୍କରେ ପୁଲିସ ଜାଣତରେ ଅବାଧ ଡ୍ରଗ୍ସ କାରବାର ହେଉଛି । ଯେଉଁଠି ସରକାରଙ୍କୁ ରାଜସ୍ୱ ସଂଗ୍ରହ ନିଶା ଘାରିଛି ସେଠାରେ ମଦ ଦୋକାନ ଓ ନିଶା କାରବାରକୁ ବନ୍ଦ କରିବ କିଏ? ତେଣୁ ପ୍ରାୟ ସବୁ ଅପରାଧର ସହିତ ଜଡ଼ିତ ଅଭିଯୁକ୍ତ ନିଶାସକ୍ତ ହୋଇଥିବାର ପ୍ରମାଣ ମିଳୁଛି ।

କେବଳ ବାତାନୁକୂଳିତ କୋଠରି ଭିତରେ ବୈଠକରେ ଏହି ସମ୍ବେଦନଶୀଳ ସମସ୍ୟାର ସମାଧାନ ସମ୍ଭବ ନୁହେଁ । ସବୁଠାରୁ ବଡ଼ ପ୍ରଶ୍ନ ହେଉଛି ଓଡ଼ିଶାର ଏହି ଅଧୋମୁଖୀ ପରିବେଶ ସୁଧୁରିବ କେମିତି ଓ ସୁଧାରିବ କିଏ? ଅପରାଧ ପଛର କାରଣ ଯେହେତୁ ବହୁମୁଖୀ ଏହାର ନିରାକରଣ ମଧ୍ୟ ସମାବେଶୀ ହେବା ଆବଶ୍ୟକ । କଠୋର ଦଣ୍ଡବିଧାନ, ସୁଧାର ଗୃହ, ଆଇନ କାନୁନ୍ କେବଳ ଏହାର ସମାଧାନ ନୁହେଁ । ବରଂ ଆଜିକାଲିର ବ୍ୟବସ୍ଥା ଯାହା, ସେଥିରେ ବସ୍ତିରେ ରହୁଥିବା ବା ରାସ୍ତାଘାଟରେ ଖରା, ବର୍ଷା, ଶୀତରେ ରାତି କାଟୁଥିବା ନିରାଶ୍ରୟ ବ୍ୟକ୍ତିଟିଏ ଅପରାଧଟିଏ ଭିଆଇ ଦେଇ କାରାଗାରର ଚାରିକାନ୍ଥ ଓ ଛାତ ତଳେ କିଛିମାସ ପର୍ଯ୍ୟନ୍ତ ସରକାରୀ ଖର୍ଚ୍ଚରେ ଖାଇପିଇ ଜୀବନ କାଟିବାକୁ ଶ୍ରେୟ ମଣୁଛି । ଏପରିକି ହାଜତ ମୃତ୍ୟୁ ଭଳି ବିବାଦ ଓ ମାମଲାରୁ ନିଜକୁ ଯଥାସମ୍ଭବ ଦୂରେଇ ରଖିବା ମାନସିକତାରେ ବିଚାରାଧୀନ ନିଶାସକ୍ତ କଏଦୀମାନଙ୍କୁ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଡାକ୍ତରୀ ପରାମର୍ଶକ୍ରମେ ପ୍ରତିଦିନ ଅନୁମୋଦିତ ପରିମାଣରେ ମଦ ଓ ଡ୍ରଗ୍ସ ଯୋଗାଇ ଦେବାର ବ୍ୟବସ୍ଥା ମଧ୍ୟ କାର୍ଯ୍ୟକାରୀ ହେଉଛି । ଏଭଳି ପରିସ୍ଥିତିରେ ଅପରାଧ ହ୍ରାସ ପାଇବା ବଦଳରେ ବଢ଼ିବା ବିଚିତ୍ର କିମ୍ବା ଅସ୍ୱାଭାବିକ ନୁହେଁ । ଆମ ଲୋକସଂଖ୍ୟା ତୁଳନାରେ ଆରକ୍ଷୀ ବଳ ଅନୁପାତ ନୈରାଶ୍ୟଜନକ । ଏହାସତ୍ତ୍ୱେ ଯେଉଁଠାରେ ପ୍ରତିଦିନ ବିଭିନ୍ନ ସ୍ଥାନରେ ଏକାଧିକ ନେତା, ମନ୍ତ୍ରୀ, ଭିଆଇପିଙ୍କ ଗସ୍ତ ଓ ସଭାସମିତି ପାଇଁ ମାଳମାଳ ଆରକ୍ଷୀ ବଳ ନିୟୋଜିତ, ସେଠାରେ ଅପରାଧ ଓ ଅପରାଧୀଙ୍କ ମନରେ ଭୟ ସଞ୍ଚାର କରିବ କିଏ?

ଆମ ମତରେ ସମାଜରୁ ଅପରାଧର ମୂଳୋତ୍ପାଟନ ରାତାରାତି ସମ୍ଭବ ନୁହେଁ । ଏହାର ପ୍ରାବଲ୍ୟକୁ ନିରନ୍ତର ପ୍ରଚେଷ୍ଟା ଯୋଗେ ହ୍ରାସ କରାଯାଇପାରିବ । ଏଥିପାଇଁ ସରକାରୀ, ବେସରକାରୀ, ବ୍ୟକ୍ତିଗତ, ପାରିବାରିକ, ସାମାଜିକ ଆଦି ସବୁସ୍ତରରୁ ସମ୍ମିଳିତ ଓ ସମନ୍ୱିତ ଉଦ୍ୟମ ହେବା ଆବଶ୍ୟକ । ବିଶେଷକରି ରାଜନୈତିକ ଦଳମାନେ ମାଗଣା ଯୋଜନାରେ ଜନସମୁଦାୟକୁ ମୋହାଚ୍ଛନ୍ନ ନ କରି କର୍ମସଂସ୍ଥାନ ଯୋଗାଇ ଦେବା ଉପରେ ଗୁରୁତ୍ୱ ଦେବା ସହିତ ନିଶା କାରବାରକୁ ଦୃଢ଼ହସ୍ତରେ ନିୟନ୍ତ୍ରଣ କଲେ ଯାଇ ସମାଜ ଅପରାଧମୁକ୍ତ ହୋଇପାରିବ ।

## ଔପନିବେଶିକ ଶୋଷଣର ସୂକ୍ଷ୍ମ ହତିଆର: କ୍ରିକେଟ

ଡ.ବିମଳ ଷଡ଼ଙ୍ଗୀ

ଆଧୁନିକ ଭାରତର ଗ୍ରାମ ହେଉ ଅବା ସହର 'କ୍ରିକେଟ' ଶବ୍ଦଟି ଶୁଣିଲେ ଶିଶୁ, ଆବାଳବୃଦ୍ଧଙ୍କଠାରୁ ଆରମ୍ଭ କରି କାର୍ଯ୍ୟରତ କର୍ମଚାରୀ, ରାଜନୈତିକ ବ୍ୟକ୍ତିଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ମନରେ ଆନନ୍ଦ, ଉତ୍ସାହ ଓ ଦେଶଭକ୍ତିର ଭାବନା ଜାଗ୍ରତ ହୁଏ । ମାତ୍ର ଆଜିର 'କ୍ରିକେଟ' ତାହାର ମୂଳ ଖେଳସ୍ୱରୂପକୁ ହରାଇ ଏକପ୍ରକାର 'ଜୁଆ ଆଡା'ରେ ପରିଣତ ହୋଇସାରିଛି । ୨୦୨୫ମସିହାରେ ଭାରତ ଅନ୍ତର୍ଜାତୀୟ କ୍ରିକେଟରେ ୧୨ଟି ଟେଷ୍ଟମ୍ୟାଚ, ୨୦ଟି ଏକଦିବସୀୟ, ୨୫ଗୋଟି 'ଟି-୨୦' ଏହିପରି ମୋଟ ୧୦୫ ଦିନ ଧରି କ୍ରିକେଟ ଖେଳରେ ବିତାଇଥିଲା । ପୁନଶ୍ଚ, ସେହିବର୍ଷ ୭୪ଗୋଟି ଆଇପିଏଲ ମ୍ୟାଚ୬୦ ଦିନ ଧରି ଏବଂ ୯୫ଦିନ ଧରି ରଣଜୀ, ବିଜୟ ହାଜରା ଆଦି କ୍ରିକେଟ ମ୍ୟାଚ ଖେଳାଯାଇଥିଲା । ଅର୍ଥାତ ଭାରତରେ ସରକାରଙ୍କ ଆଦେଶ ବଳରେ ଆନୁଷ୍ଠାନିକ ଭାବରେ ବର୍ଷର ୩୬୫ ଦିନ ମଧ୍ୟରୁ ମୋଟ ୨୬୦ ଦିନ କ୍ରିକେଟ ଖେଳ ପ୍ରଦର୍ଶିତ ହୋଇଥିଲା । ସେହିପରି ଖେଳ ପାଇଁ ଟିକେଟ ସଂଗ୍ରହ କରିବାର ସମୟ, ଯିବାଆସିବା ଏବଂ ଖେଳ ପର ଓ ପୂର୍ବର ଚର୍ଚ୍ଚା ମିଶାଇଲେ ପାଖାପାଖି ଆଉ ୩୦ଦିନ ସମୟ ଲାଗିପାରେ । ଅର୍ଥାତ ମୋଟରେ ୨୯୦ଦିନ କ୍ରିକେଟ ଦେଖିବା, ଶୁଣିବା ଓ ଚର୍ଚ୍ଚାରେ ଭାରତୀୟମାନଙ୍କ ସମୟ ଅତିବାହିତ ହୋଇଥିଲା । ତା' ବ୍ୟତୀତ ସ୍କୁଲ, କଲେଜ, କ୍ଲବ ସ୍ତରରେ ମଧ୍ୟ ଏହି ଖେଳ ସାରାଭାରତରେ ସବୁସମୟରେ ଚାଲୁ ରହିଥାଏ । ତେଣୁ ଅତିକମରେ ବର୍ଷକରେ ୨୯୦ଦିନରୁ ଅଧିକ କେବଳ କ୍ରିକେଟ ଖେଳ ପାଇଁ ସମୟ ନଷ୍ଟ ହୁଏ । ୧୯୮୩ ମସିହାରେ ବିଶ୍ୱ କପ ଜିତିବା ପରେ ଆଜି ଯାଏଁ ଭାରତର ଜନସାଧାରଣଙ୍କ କେତେ କାର୍ଯ୍ୟଦିବସ ନଷ୍ଟ ହୋଇଥିବ ତାହା ପାଠକେ ଅନୁଭବ କରିପାରିବେ ।

ପୃଥିବୀରେ ଏହି ଖେଳ ଯେତେଗୁଡ଼ିଏ ରାଷ୍ଟ୍ରରେ ଖେଳାଯାଏ ସେଥିରୁ ଭାରତୀୟମାନଙ୍କ କ୍ରିକେଟ୍‌ପ୍ରୀତି ସର୍ବାଧିକ । ଯଦି ଭାରତର ସବୁଠାରୁ କର୍ମଠ ଶକ୍ତି ବର୍ଷର ୩୬୫ ଦିନରୁ ୨୯୦ଦିନରୁ ଅଧିକ କେବଳ କ୍ରିକେଟ ଦେଖି ସମୟକୁ ଅପଚୟ କରିବେ ତେବେ ସକ୍ଷମ ଭାରତ କେବଳ ସୁନ୍ଦର ସ୍ୱପ୍ନ ଓ ନାରାରେ ରହିଯିବ । ଅନ୍ୟପକ୍ଷରେ କେବଳ ବ୍ରିଟିଶ ଶାସନରେ ରହିଥିବା ରାଷ୍ଟ୍ରଗୁଡ଼ିକୁ ଛାଡ଼ିଦେଲେ ଜାପାନ, ଚୀନ, ଜର୍ମାନ, କୋରିଆ, ଫ୍ରାନ୍ସ ଆଦି ବିକଶିତ ରାଷ୍ଟ୍ରଗୁଡ଼ିକ ଏହି କର୍ମନାଶକାରୀ ଖେଳକୁ ଗ୍ରହଣ କରି ନ ଥା'ନ୍ତି । କାରଣ, ଏହା ସେମାନଙ୍କ ଦେଶର ବିକାଶରେ ବାଧା ସୃଷ୍ଟି କରିବାର ଭୟ ରହିଥାଏ । ମାତ୍ର ଭାରତକୁ ବ୍ରିଟିଶ ଦୀର୍ଘବର୍ଷ ଶାସନରେ ରଖିଥିବାରୁ ଭାରତୀୟମାନେ ସେମାନଙ୍କ ସ୍ନେହକୁ ମନେ ରଖିବା ପାଇଁ ଦେଶ ବିନାଶକାରୀ ଖେଳଟିକୁ ଅତି ଯତ୍ନରେ ନିଜର କରି ସାଇତି ରଖିଛନ୍ତି ।

ମୋଟାମୋଟି ଭାବରେ କହିବାକୁ ଗଲେ ଆଜି ଭାରତୀୟ ସମାଜରେ କ୍ରିକେଟ କେବଳ ଗୋଟିଏ ଖେଳ ଭାବରେ ରହିନାହିଁ; ବରଂ ଦେଶର ସଂସ୍କୃତି, ଆସକ୍ତି ଏବଂ କିଛି ପୁଞ୍ଜିପତିଙ୍କର ଅର୍ଥନୈତିକ ଶକ୍ତିରେ ପରିଣତ ହୋଇ ରାଷ୍ଟ୍ରର ବିକାଶକୁ ବିନାଶ କରିଚାଲିଛି । ଐତିହାସିକ ଓ ରାଜନୈତିକ ଦୃଷ୍ଟିକୋଣରୁ ପର୍ଯ୍ୟବେକ୍ଷଣ କଲେ କ୍ରିକେଟ କେବଳ ଖେଳ ନୁହେଁ, ଏହା ଔପନିବେଶିକ ଶୋଷଣ ଚେତନାର ଗୋଟିଏ ସୂକ୍ଷ୍ମ ହତିଆର ରୂପେ ଜାଣିପାରିବା, ଯାହା ଦିନକୁ ଦିନ ଭାରତୀୟ ଯୁବ ଓ ଛାତ୍ର ସମାଜକୁ ଦିଗଭ୍ରଷ୍ଟ କରି ସେମାନଙ୍କୁ ଡୋପାମିନ ସଂକ୍ରମଣ ଦ୍ୱାରା ପଥଭ୍ରଷ୍ଟ କରି ଭାରତର ବିକାଶକୁ ମାଡ଼ିମକଚି ଚାଲିଛି ।

୧୭୨୧ ମସିହାରେ ଗୁଜରାଟର କାମ୍ବେ ଠାରେ ପ୍ରଥମେ ଆରମ୍ଭ ହୋଇଥିବା ଏହି ବିନାଶକାରୀ କ୍ରିକେଟ ଖେଳକୁ ଭାରତର ପ୍ରଥମ ଘଟଣା ଭାବେ ଧରାଯାଏ । ଅଷ୍ଟାଦଶ ଶତାବ୍ଦୀରେ ଇଷ୍ଟଇଣ୍ଡିଆ କମ୍ପାନୀର କର୍ମଚାରୀ, ସେନା ଓ ନାବିକମାନେ ଭାରତର ବିଭିନ୍ନ ବନ୍ଦର ନଗରୀ ଯଥା ମୁମ୍ବାଇ, କୋଲକାତା, ଚେନ୍ନାଇ ଆଦିରେ ନିଜନିଜ ମଧ୍ୟରେ ଏହି ଖେଳ ଆରମ୍ଭ କରି ୧୭୯୨ମସିହାରେ କୋଲକାତାରେ 'କଲିକତା କ୍ରିକେଟ କ୍ଲବ' ସ୍ଥାପନ କରିଥିଲେ, ଯାହା ଭାରତର ପ୍ରଥମ କ୍ରିକେଟ କ୍ଲବର ମାନ୍ୟତା ପାଇଥିଲା । ୧୮୪୮ ମସିହାରେ ମୁମ୍ବାଇରେ ପାରସୀୟ ସମ୍ପ୍ରଦାୟର 'ଓରିଏଣ୍ଟାଲ କ୍ରିକେଟ କ୍ଲବ' ସ୍ଥାପନା କରିଥିଲେ । ପରେ ରାଜା-ମହାରାଜା ଓ ଉଚ୍ଚବର୍ଗ ଲୋକମାନେ ଏହି ଖେଳକୁ ଅନୁସରଣ କଲେ, ଯାହା ମାଧ୍ୟମରେ କ୍ରିକେଟ ସମଗ୍ର ଭାରତରେ ପ୍ରବେଶ କରିଥିଲା ।

ଔପନିବେଶିକ ଶାସନ କେବଳ ରାଜନୈତିକ କିମ୍ବା ସେନାଶକ୍ତିରେ ଚାଲି ନ ଥିଲା; ଏହା ଭାରତୀୟମାନଙ୍କର ମାନସିକ ଓ ସାଂସ୍କୃତିକ ଚିନ୍ତାଧାରାକୁ ନିୟନ୍ତ୍ରଣ କରିଥିଲା । କ୍ରିକେଟ ହେଉଛି ସେହି ସୂକ୍ଷ୍ମଶକ୍ତି, ଯାହା ଅତ୍ୟନ୍ତ ଶକ୍ତିଶାଳୀ ଅସ୍ତ୍ର ଭାବରେ ଭାରତୀୟମାନଙ୍କୁ ଇଂରେଜମାନଙ୍କ ପାଖରେ ଆତ୍ମସମର୍ପଣ କରାଇ ଭାରତୀୟଙ୍କ ମନୋଭାବରେ 'ଅନୁକରଣ ପ୍ରବୃତ୍ତି'କୁ ସୃଷ୍ଟି ଓ ଜାଗ୍ରତ କରିଥିଲା । ଏହାମାଧ୍ୟମରେ ଇଂରେଜମାନେ ଭାରତରେ ସେମାନଙ୍କ ଦ୍ରବ୍ୟର ବେପାର ବୃଦ୍ଧି କରାଇଥିଲେ । ଏହା ମାଧ୍ୟମରେ ବ୍ରିଟିଶ ଶାସକମାନେ ଦୁଇଟି ଲକ୍ଷ୍ୟ ସାଧନ କରିଥିଲେ । ପ୍ରଥମଟି ରାଜାମାନଙ୍କୁ ଆକର୍ଷିତ କରି ସେମାନଙ୍କ ଦ୍ୱାରା ସ୍ଥାନୀୟ ଲୋକମାନଙ୍କୁ ବ୍ରିଟିଶ ସଂସ୍କୃତି ପ୍ରତି ଆକର୍ଷିତ କରାଇବା ଏବଂ ଦ୍ୱିତୀୟଟି 'ମାନସିକ ଦାସତ୍ୱ'ର ଆବରଣ ଦ୍ୱାରା ଗୋଟିଏ ବୃହତ ବର୍ଗ ସୃଷ୍ଟି କରିବା ।

ଏହିପରି ଭାବରେ କ୍ରିକେଟ ପ୍ରଥମେ ଭାରତୀୟ ସଂସ୍କୃତି ଉପରେ ଆକ୍ରମଣର ଅସ୍ତ୍ର ଭାବରେ ବ୍ୟବହାର କରାଯାଇଥିଲା । ସ୍ୱାଧୀନତା ପରେ 'ଜୁଆ' ନିଶା ଭଳି ଭାରତ କ୍ରିକେଟକୁ ତ୍ୟାଗ କରିପାରିଲା ନାହିଁ; ଅନ୍ୟପକ୍ଷରେ ଜର୍ଜ ଅରୱେଲଙ୍କ ଲିଖିତ 'ଆନିମଲ ଫାର୍ମିଙ୍ଗ'କୁ ଯଥାର୍ଥକରି ଭାରତର ତଥାକଥିତ ସମାଜ ରକ୍ଷକମାନେ ଅଧିକ ଆଲିଙ୍ଗନ କରିବାକୁ ଲାଗିଲେ । ୧୯୮୩ ମସିହାର ବିଶ୍ୱକପ୍ ବିଜୟ ପରେ ଏହି ଖେଳ ଜାତୀୟ ଭାବନା ସହିତ ଜଡ଼ିତ ହୋଇଗଲା । ପରେ ଟିଭି, ବିଜ୍ଞାପନ, କର୍ପୋରେଟ ଓ ରାଜନୀତି ସମସ୍ତେ ମିଳିତଭାବରେ ଏହାକୁ ଗୋଟିଏ ବୃହତ ବ୍ୟବସାୟରେ ପରିଣତ କରିଛନ୍ତି । ବିଶେଷକରି ଆଇପିଏଲ ପରି ଲିଗ୍ ଆସିବା ପରେ ଖେଳଟି ଅଧିକ ବ୍ୟାପାର କୈନ୍ଦ୍ରିକ ହୋଇଯାଇଛି । ଖେଳାଳିମାନେ ନିଲାମରେ ବିକ୍ରି ହେଉଛନ୍ତି, ଦଳମାନେ ଲାଭହାନିର ହିସାବରେ ଚାଲୁଛନ୍ତି । ଏଠାରେ 'ଜୁଆ' ବ୍ୟବସ୍ଥା ଭଳି ଖେଳର ମୂଲ୍ୟବୋଧ ବଦଳରେ ଅର୍ଥ ହେଉଛି ପ୍ରଧାନ ନିୟନ୍ତ୍ରକ, ଯେଉଁଠାରେ ଅନିଶ୍ଚିତ ଫଳାଫଳ ଉପରେ ଅର୍ଥ ନିବେଶ କରାଯାଏ ।

ଆଜିର ଯୁବ ଓ ଛାତ୍ରସମାଜ ପାଇଁ କ୍ରିକେଟ ମନୋରଞ୍ଜନର ମାଧ୍ୟମ ବଦଳରେ ଗୋଟିଏ ଆସକ୍ତିର ରୂପ ନେଇଛି । ଛାତ୍ରଛାତ୍ରୀ ଓ ଯୁବକମାନେ ପାଠପଢ଼ା ଓ କାର୍ଯ୍ୟଛାଡ଼ି ଘଣ୍ଟାଘଣ୍ଟା ମ୍ୟାଚ୍ ଦେଖିବାରେ ଲାଗିଛନ୍ତି । ରାତି ଅନିଦ୍ରା ହୋଇ ଆଇପିଏଲ, ଟିଟ୍ୱେଣ୍ଟି ଆଦି ଦେଖିବା ଗୋଟିଏ ନୂଆ ସଂସ୍କୃତି ହୋଇଯାଇଛି । ଖେଳାଳିମାନେ ଆଜି ଆଦର୍ଶ ବଦଳରେ 'ସେଲିବ୍ରିଟି'ର ଆଖ୍ୟା ସହିତ ଛାତ୍ରଛାତ୍ରୀ, ଯୁବସମାଜଙ୍କୁ ମାୟାଜାଲରେ ବନ୍ଦୀ କରି ଶିକ୍ଷାରେ ଅନାଗ୍ରହ, ସୃଜନଶୀଳତାର ଅଭାବ, ଜୀବନଲକ୍ଷ୍ୟରେ ଅସ୍ୱଚ୍ଛତା, ଚିଡ଼ିଚିଡ଼ାପଣ, ହତାଶା ଓ ଅନିଶ୍ଚିତ ଭବିଷ୍ୟତକୁ ନେଇ କାଳାତିପାତ କରୁଛନ୍ତି । କ୍ରିକେଟ ଟିକେଟର ଆକାଶଛୁଆଁ ଦର, ଟିଭି ସବସ୍କ୍ରିପ୍‌ସନ୍, ବେଟିଂ ଓ ଫ୍ୟାଣ୍ଟାସି ଲିଗ୍ ଆଦି ମିଳିତଭାବରେ ଜନସାଧାରଣଙ୍କ କଷ୍ଟାର୍ଜିତ ଅର୍ଥକୁ ଲୁଟିଚାଲିଛନ୍ତି ଏବଂ ଯାହାକୁ ଆୟୁଧ କରି ମିଳିତଭାବରେ ଲାଭ କରୁଛନ୍ତି କର୍ପୋରେଟ କମ୍ପାନୀ, ଧନୀ ବ୍ୟକ୍ତି ଓ ନୀତି ନିୟମ ପ୍ରଣେତାମାନେ । ଏହା ଗୋଟିଏ ପ୍ରକାରର ଆଧୁନିକ ଶୋଷଣର ସୁପ୍ତ ପ୍ରକ୍ରିୟା, ଯାହାକୁ କୁହାଯାଏ 'ମନୋରଞ୍ଜନର ନାମରେ ଆର୍ଥିକ ଶୋଷଣ' ।

ସାରା ଭାରତରେ କ୍ରିକେଟର ପ୍ରାଦୁର୍ଭାବରୁ ଅନ୍ୟାନ୍ୟ ଖେଳଗୁଡ଼ିକ ଅବହେଳିତ । ଫଳରେ ଅଲମ୍ପିକ ଭଳି ଖେଳରେ ଜାପାନ, କୋରିଆ ଆଦି ଛୋଟ ରାଷ୍ଟ୍ରଠାରୁ ଭାରତ ପଦକ ତାଲିକାର ବହୁ ପଛରେ ରହି କୁଖ୍ୟାତି ଅର୍ଜନ କରୁଛି । ଏହା ହେଉଛି ସମଗ୍ର ଖେଳ ସଂସ୍କୃତିର ଅବକ୍ଷୟ, ଯାହାକୁ କୁହାଯାଏ ଜାତୀୟ ସମ୍ପଦର ଏକପକ୍ଷୀୟ ବ୍ୟୟ । ଏହାର ପ୍ରଭାବରୁ ଯୁବସମାଜର ଉତ୍ପାଦନଶୀଳତା ହ୍ରାସ, ଆର୍ଥିକ ଶୋଷଣ ବୃଦ୍ଧି, ସାଂସ୍କୃତିକ ପ୍ରଦୂଷଣ, ଜାତୀୟ ପ୍ରାଥମିକତାର ବିକୃତି ଆଦି ଘଟୁଛି, ଯାହାକୁ କୁହାଯାଏ ଗୋଟିଏ ନିରବ ସଂକଟ । ଆଶ୍ଚର୍ଯ୍ୟର କଥା ସମସ୍ତେ ମିଳିମିଶି ଏହାକୁ ସ୍ୱାଗତ କରୁଛନ୍ତି । ଏ ଜାତିକୁ ବଞ୍ଚାଇବାକୁ ହେଲେ ପ୍ରଥମେ ଛାତ୍ରଛାତ୍ରୀ ଓ ଯୁବକମାନଙ୍କୁ ଖେଳ ଓ ଆସକ୍ତିର ଫରକ ବୁଝାଇବା ସହିତ ହକି, ଫୁଟବଲ, ଦୌଡ଼କୁଦ ପରି ଅନ୍ୟ ଖେଳକୁ ସମାନ ଗୁରୁତ୍ୱ ଦେବା ଆବଶ୍ୟକ । ଗଣମାଧ୍ୟମ କ୍ଲବ, ଯୁବକସଙ୍ଘ, ଅଭିଭାବକ, ଶିକ୍ଷକ, ସରକାର, ସ୍ୱେଚ୍ଛାସେବୀ ସଂଗଠନ ଆଦି ସମସ୍ତଙ୍କ ସହାୟତାରେ ସବୁଖେଳକୁ ସମାନ ମାନ୍ୟତା ସହିତ କ୍ରିକେଟକୁ ସୀମିତ ଅବଧି ରଖିବା ଆବଶ୍ୟକ । ବେଟିଂ, ଫ୍ୟାଣ୍ଟାସି ଲିଗ୍ ଓ ଅତ୍ୟଧିକ ବ୍ୟବସାୟୀକରଣ ଉପରେ କଡ଼ା ନିୟନ୍ତ୍ରଣ ସହିତ ଆଇପିଏଲ ବା ଅନ୍ୟାନ୍ୟ ପଦ୍ଧତିକୁ ତୁରନ୍ତ ବନ୍ଦ କରାଯିବା ଉଚିତ । କ୍ରିକେଟ ଗୋଟିଏ ଖେଳ ହୋଇପାରେ, କିନ୍ତୁ ଯେତେବେଳେ ଏହା ଗୋଟିଏ ଆସକ୍ତି ଓ ଅର୍ଥନୈତିକ ଶୋଷଣର ମାଧ୍ୟମ ହୋଇଯାଏ, ସେତେବେଳେ ଏହା ଜାତି ପାଇଁ ହାନିକାରକ । ଏହାର ତୁରନ୍ତ ସମାଧାନ ନ ହେଲେ ଖେଳର ମାୟାଜାଲରେ ଦେଶର ଭବିଷ୍ୟତ ପୁଣିଥରେ ଦାସତ୍ୱ ବେଡ଼ିରେ ବାନ୍ଧି ହୋଇ ଶୋଷିତ ଓ ନିଷ୍ପେସିତ ହେବ ।

ଭୁବନେଶ୍ୱର, ମୋ: ୯୪୩୭୧୨୩୮୯୨

## ମିଶନ ବାତ୍ସଲ୍ୟର ଦୂରଦୃଷ୍ଟି

ଡା. ରାଜାରାମ ଷଡ଼ଙ୍ଗୀ

ଶିଶୁର ଅନ୍ତର୍ନିହିତ ସାମର୍ଥ୍ୟ ଓ ଶକ୍ତିର ବିକାଶ ହେଉଛି ସମାଜର ଦର୍ପଣ । ମିଶନ ବାତ୍ସଲ୍ୟ ହେଉଛି ତାହାର ଏକ ବଡ଼ ସୋପାନ । ଶିଶୁମାନଙ୍କ ସୁରକ୍ଷା, ସେବା, ସଂରକ୍ଷଣ ଓ ସମଗ୍ର ବିକାଶ ପାଇଁ ଭାରତ ସରକାରଙ୍କ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଏହାର ଦୂରଦୃଷ୍ଟି ହେଉଛି ପ୍ରତ୍ୟେକ ଶିଶୁକୁ ସୁରକ୍ଷିତ, ସ୍ନେହମୟ ଓ ସମ୍ମାନପୂର୍ଣ୍ଣ ପରିବେଶରେ ଏକ ସମୃଦ୍ଧିଶୀଳ ରାଷ୍ଟ୍ର ଗଠନରେ ସେମାନଙ୍କୁ ସାମିଲ କରିବା ।



ମିଶନ ବାତ୍ସଲ୍ୟର ରହିଛି ପ୍ରମୁଖ ଦୂରଦୃଷ୍ଟି । ଶିଶୁ ସୁରକ୍ଷାକୁ ସୁନିଶ୍ଚିତ କରିବା ସହିତ ନିର୍ଯାତନା, ଶୋଷଣ, ଅବହେଳା ଓ ଶିଶୁଶ୍ରମରୁ ଶିଶୁମାନଙ୍କୁ ସୁରକ୍ଷା ଦେବା ହେଉଛି ମିଶନ ବାତ୍ସଲ୍ୟର ପ୍ରଥମ ଲକ୍ଷ୍ୟ । ଯଦି ସମାଜରୁ ଏହିସବୁ ସମସ୍ୟା ଦୂରୀଭୂତ ହୁଏ ତେବେ ଜଣେ ଶିଶୁ ନିଜର ଅନ୍ତର୍ନିହିତ ସୃଜନଶୀଳ ଶକ୍ତିକୁ ବିକଶିତ କରିବାକୁ ଆଗ୍ରହ ପ୍ରକାଶ କରିଥା'ନ୍ତି, ଯାହା ଶିଶୁଟି ନିଜର ସାମର୍ଥ୍ୟକୁ ସହଜରେ ଉପଭୋଗ କରିବାର ରାସ୍ତା ପାଇଯାଇଥାଏ । ଏଥିପାଇଁ ପରିବାର ଆଧାରିତ ଯତ୍ନ ଓ ପ୍ରୋତ୍ସାହନ ଖୁବ ଆବଶ୍ୟକ ରହିଥାଏ ।

ଶିଶୁମାନଙ୍କୁ ସଂସ୍ଥାଗତ ଯତ୍ନଠାରୁ ପରିବାର ଯତ୍ନ ଅତ୍ୟଧିକ ଆବଶ୍ୟକତେ ରହିଥାଏ । ଫଳରେ ସେମାନେ ପରିବାର ସଦସ୍ୟଙ୍କଠାରୁ ଅଧିକ ସ୍ନେହ ଓ ସମର୍ଥନ ପାଇଥା'ନ୍ତି । ତେଣୁ ଶିଶୁଙ୍କୁ ନିଜର ଅଧିକାର ସାବ୍ୟସ୍ତ ପାଇଁ ପରିବାର ମଧ୍ୟରେ ଏକତ୍ରିତ ରଖିବା ପାଇଁ ସମସ୍ତ ଅଭିଭାବକଙ୍କ ମହତ ଉଦ୍ଦେଶ୍ୟ ରହିବା ଉଚିତ । ଶିଶୁ ଯଦି ପରିବାରଠାରୁ ଦୂରରେ ଅର୍ଥାତ କୌଣସି ସଂସ୍ଥାରେ ତା'ର ବାତ୍ସଲ୍ୟ କଟାଇବାକୁ ପଡ଼େ ତେବେ ଯେଉଁ ପରିମାଣରେ ତା'କୁ ଯତ୍ନ ଆବଶ୍ୟକ ରହିଥାଏ ସେଥିରୁ ସେମାନେ ଅନେକାଂଶରେ ବଞ୍ଚିତ ରହିଥା'ନ୍ତି । ପରିବାର ଓ ସଂସ୍ଥାଗତ ଯତ୍ନରେ ଖୁବ ପାର୍ଥକ୍ୟ ରହିଥାଏ । ତେବେ ବି କେତେକ ଅନିବାର୍ଯ୍ୟ କାରଣରୁ ଶିଶୁଙ୍କୁ ବିଭିନ୍ନ ସଂସ୍ଥା, ଆଶ୍ରମରେ ଜୀବନ କଟାଇବାକୁ ପଡ଼ିଥାଏ । ଏଭଳି କ୍ଷେତ୍ରରେ ପ୍ରତ୍ୟେକ ଶିଶୁଙ୍କୁ ପରିବାର ଯତ୍ନ ପରି ସେଠାରେ ମଧ୍ୟ ସମାନ ପ୍ରକାର ଯତ୍ନ ଦେବାର ଆବଶ୍ୟକତା ରହିଛି । ଶିଶୁଟି କେବେ ଅନୁଭବ କରିବା କଥା ନୁହେଁ ଯେ, ଘର ଓ ସଂସ୍ଥା ବା ଆଶ୍ରମ ମଧ୍ୟରେ କିଛି ପାର୍ଥକ୍ୟ ରହିଛି । ଯେଉଁଭଳି ସ୍ୱାସ୍ଥ୍ୟ, ପୋଷଣ, ଶିକ୍ଷା ଭଳି ମୌଳିକ ସୁବିଧା ।

ଶିଶୁଙ୍କ ପ୍ରାଥମିକ ଶିକ୍ଷା, ସୁଷମ ଖାଦ୍ୟଯୁକ୍ତ ପୋଷଣ ଓ ସ୍ୱାସ୍ଥ୍ୟର ଅଧିକାର ପ୍ରତ୍ୟେକ ଶିଶୁଙ୍କ ମୌଳିକ ଅଧିକାର । ଏଥିରୁ ସେମାନଙ୍କୁ କୌଣସିସ୍ତରରେ ବଞ୍ଚିତ କରାଯାଇପାରିବ ନାହିଁ । ଭାରତବର୍ଷର ସମସ୍ତ ଶିଶୁ ବିକଶିତ ଭାରତର ଜଣେ ଜଣେ ଅଂଶୀଦାର । ତେଣୁ ଶିଶୁମାନଙ୍କୁ କୌଣସି କ୍ଷେତ୍ରରେ ଦୁର୍ବଳ ମନେକରିବା ଅନୁଚିତ । ବରଂ ଦୁର୍ବଳ ଓ ବିଶେଷ ଆବଶ୍ୟକତା ଥିବା ଶିଶୁଙ୍କୁ ଚିହ୍ନଟ କରି ସେମାନଙ୍କୁ ସହାୟତା ପ୍ରଦାନ କରିବା ହେଉଛି ଆମ୍ଭମାନଙ୍କ ପ୍ରଥମ ଦାୟିତ୍ୱ । ଅନାଥ, ଅସହାୟ ଶିଶୁ, ରାସ୍ତାରେ ବୁଲୁଥିବା ଶିଶୁ, ବିପଦସଂକୁଳ ଅବସ୍ଥାରେ ଅବା ବିପରୀତ ପରିସ୍ଥିତିରେ ଥିବା ଶିଶୁ ଦିବ୍ୟାଙ୍ଗ ଓ ସଙ୍କଟଗ୍ରସ୍ତ ଶିଶୁମାନଙ୍କ ପାଇଁ ବିଶେଷ ସେବା ପ୍ରଦାନ କରିବାର ଆବଶ୍ୟକତା ରହିଥାଏ । ତେଣୁ ଏହି ଶ୍ରେଣୀର ଶିଶୁଙ୍କୁ ଚିହ୍ନଟ କରି ସେମାନଙ୍କୁ ଜିଲ୍ଲା ଶିଶୁ ମଙ୍ଗଳ ସମିତି, ସ୍ୱତନ୍ତ୍ର କିଶୋର ପୁଲିସ ୟୁନିଟ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଭଳି ଅନୁଷ୍ଠାନର ସହଯୋଗ ନେବା ଆବଶ୍ୟକ । କାରଣ ଶିଶୁଙ୍କ ସୁରକ୍ଷା ସେମାନଙ୍କ ମୌଳିକ ଅଧିକାର । ସମାଜରେ ଶିଶୁ ଅଧିକାର, ସୁରକ୍ଷା ଓ ନୈତିକ ଦାୟିତ୍ୱ ସମ୍ପର୍କରେ ସଚେତନତା ବୃଦ୍ଧି ହେଲେ ଏହିସବୁ ଶ୍ରେଣୀର ଶିଶୁଙ୍କ ନୈତିକ ବଳ ବୃଦ୍ଧି ହେବାର ଅଧିକ ସମ୍ଭାବନା ରହିଥାଏ ।

ଏକ ଶକ୍ତିଶାଳୀ ପ୍ରଶାସନିକ ବ୍ୟବସ୍ଥା ସ୍ୱରୂପ ଶିଶୁ ମଙ୍ଗଳ ସମିତି, ଜୁଭେନାଇଲ ଜଷ୍ଟିସ ବୋର୍ଡ ଓ ଜିଲ୍ଲାସ୍ତରର ସମସ୍ତ ସଂସ୍ଥାଗୁଡ଼ିକ ସୁଦୃଢ଼ ରହିବା ଫଳରେ ଶିଶୁଙ୍କ ମଧ୍ୟରେ ଆତ୍ମବିଶ୍ୱାସ ସୃଷ୍ଟି ହୋଇଥାଏ, ଯାହାର ପ୍ରଚାର ଓ ପ୍ରସାର ପ୍ରତ୍ୟେକ ପରିବାରଙ୍କୁ ଛୁଇଁବା ଆବଶ୍ୟକ ରହିଥାଏ । ଏହଫଳରେ ବାତ୍ସଲ୍ୟ ମମତା ସୁଦୂରପ୍ରସାରୀ ହୋଇପାରିବ । ଭାରତ ସରକାର ଏଭଳି ଦୂରଦୃଷ୍ଟି ରଖି 'ମିଶନ ବାତ୍ସଲ୍ୟ' ଭଳି ଏକ କାର୍ଯ୍ୟକ୍ରମ ପ୍ରତି ରାଜ୍ୟରେ ପ୍ରଚଳନ କରିଛନ୍ତି । ପ୍ରତ୍ୟେକ ଶିଶୁ ସୁରକ୍ଷିତ ରହିବେ, ଶିକ୍ଷିତ ହେବେ, ସୁସ୍ଥ, ସବଳ ହୋଇ ସମ୍ମାନ ସହିତ ବଢ଼ିବେ । ଏହା ହେଉଛି 'ମିଶନ ବାତ୍ସଲ୍ୟ'ର ମୂଳ ଲକ୍ଷ୍ୟ ।

(ସଦସ୍ୟ, ଶିଶୁମଙ୍ଗଳ ସମିତି)
ସମ୍ବଲପୁର, ମୋ: ୯୪୩୭୪୦୫୪୫୫

## ଆମ ବୃକ୍ଷଲତା ଆମ ଜୀବନ

### କରଡ଼ା

Karra or Garari -Cleistanthus collinus

### ପ୍ରକୃତି-ପରିବେଶ



ସୌଭାଗ୍ୟସୁନ୍ଦର

କରଡ଼ାର ମୂଳଜାତ କ୍ଷେତ୍ର ଭାରତୀୟ ଉପମହାଦେଶ, ଯେଉଁଥିରେ ଭାରତ, ବାଂଲାଦେଶ, ପାକିସ୍ତାନ, ଶ୍ରୀଲଙ୍କା ଇତ୍ୟାଦି ଅନ୍ତର୍ଭୁକ୍ତ । ଏହା ମୁଖ୍ୟତଃ ଆର୍ଦ୍ର ଉଷ୍ମମଣ୍ଡଳୀୟ ଉଦ୍ଭିଦ, ଶୁଷ୍କ ଚିରହରିତରୁ ଶୁଷ୍କ ପର୍ଣ୍ଣମୋଚୀ ଜଙ୍ଗଲରେ ବଢ଼ିଥାଏ । ଏହା ପ୍ରାୟ ୧୫ ମିଟର ଉଚ୍ଚତା ପର୍ଯ୍ୟନ୍ତ ବଢ଼ିଥାଏ । କାଣ୍ଡ ଗୋଲାକାର, ଶାଖାଯୁକ୍ତ, ଛାଲି ଗାଢ଼ ବାଦାମୀରୁ କଳା, ପ୍ରାୟତଃ ଲାଲ ରଙ୍ଗର, ରୁକ୍ଷ, ଘନ, ଛାଲି ମାଛ କାତି ବା ସାପ କାତି ପରି ଛାଡ଼ି ଛାଡ଼ି ଯାଇଥାଏ । ପତ୍ରଗୁଡ଼ିକ ସରଳ, ବିକଳ୍ପ, ବୃତ୍ତାକାର କିମ୍ବା ଅଣ୍ଡାକାର, ଉପରଭାଗ ଚମଡ଼ା ପରି, ତଳ ଭାଗ ଚିକ୍କଣ, କଅଁଳିଆ ଅବସ୍ଥାରେ ଚମକଦାର, ଧାର ନିରବଚ୍ଛିନ୍ନ, ଶୀର୍ଷ ଗୋଲାକାର । ଫୁଲଗୁଡ଼ିକ ହଳଦିଆ-ସବୁଜ, ପତ୍ର ଅକ୍ଷରେ ଛୋଟ ରେଶମୀ ଲୋମଯୁକ୍ତ ଗୁଚ୍ଛରେ ଥାଏ । ଫଳ ଏକ କ୍ୟାପସୁଲ୍, କଠିନ, ଗୋଲାକାର, ୩-ପାଳି ବିଶିଷ୍ଟ, ଗାଢ଼-ବାଦାମୀ, ଚମକଦାର; ବୀଜ ୩, ଗୋଲାକାର, କଳା, କଠିନ ମାଟିଆ, ଫଳ ଜୋରରେ ଫାଟି ବିହନ ଝଡ଼ିଯାଏ । ଫଳଗୁଡ଼ିକ ଅଁଳା ଫଳର ଭ୍ରମ ସୃଷ୍ଟି କରିପାରେ ଏବଂ ଖାଇଲେ ଏହା ମାରାତ୍ମକ ବିଷାକ୍ତ ହୋଇପାରେ । ଏହାର ପତ୍ର ଏବଂ ଛାଲି ମଧ୍ୟ ବିଷାକ୍ତ ।

କରଡ଼ାରେ ଆଣ୍ଟିଅକ୍ସିଡାଣ୍ଟ ବା ରକ୍ତଶୋଧକ ଏବଂ ପ୍ରଦାହ-ବିରୋଧୀ ଗୁଣ ଅଛି, ଯାହା ପାକସ୍ଥଳୀ ରୋଗ ସମସ୍ୟାକୁ ଦୂର କରେ । ସଦ୍ୟ ପ୍ରସ୍ତୁତ ପତ୍ର ରସ ଗର୍ଭପାତ ପାଇଁ ବ୍ୟବହାର କରାଯାଏ । କରଡ଼ାର ଛାଲି, ପତ୍ର, ମଞ୍ଜି କାଠ, ଫଳ ଏବଂ ଅନ୍ୟାନ୍ୟ ଅଂଶ ଲିଗନିନ୍ ଏବଂ ଲିଗନିନ୍ ଲାକ୍ଟୋନ୍‌ରେ ଭରପୂର, ଯାହା କର୍କଟ ରୋଗ ପ୍ରତିରୋଧୀ । କରଡ଼ା ରସ, ମଶା, ଇ. କୋଲାଇ ଠାରୁ ଷ୍ଟାଫାଇଲୋକୋକସ୍ ପର୍ଯ୍ୟନ୍ତ ବିଭିନ୍ନ ବ୍ୟାକ୍ଟେରିଆ ପ୍ରତିରୋଧୀ, କର୍କଟ ପ୍ରତିରୋଧୀ, ଭୂତାଣୁ ଏବଂ ଏଚ୍‌ଆଇଭି-୧ ପ୍ରତିରୋଧୀ ।

ଗଛର କାଠ, ଡାଳ, ମାଟି ଘର କାନ୍ଥ, ଜାତ ଛପର ତଥା ବିଭିନ୍ନ ସାମଗ୍ରୀ ଏବଂ ଉପକରଣ ତିଆରି କରିବାରେ ବ୍ୟବହୃତ ହୁଏ । ଏହାର ପତ୍ର ପାରମ୍ପରିକ ଭାବରେ ଛେଳି ଖାଦ୍ୟ ଭାବରେ ଜଣାଶୁଣା । ଏହାର ଛାଲି, ପତ୍ର ଏବଂ ଫଳଗୁଡ଼ିକରେ ଲାକ୍ଟୋନ୍ ଗ୍ଲାଇକୋସାଇଡ୍ ଭଳି ଜୈବ ରାସାୟନିକ ଉପାଦାନ ରହିଛି ଯାହାର କୀଟନାଶକ ଗୁଣ ଅଛି, ତେଣୁ ଏହାକୁ ଏକ ଶକ୍ତିଶାଳୀ ଜୈବ-କୀଟନାଶକ ଉପାଦାନ ହିସାବରେ ବ୍ୟବହାର କରାଯାଏ । ପଶୁମାନଙ୍କ ଦେହରେ ଉକୁଣୀ, ଟିଙ୍କ ଭଳି ଛୋଟ ଛୋଟ କୀଟନାଶକ ଭାବରେ ମଧ୍ୟ କରଡ଼ା ରସକୁ ଚାଷୀମାନେ ବ୍ୟବହାର କରନ୍ତି ।

କରଡ଼ାରେ, ବିଶେଷ ଭାବରେ ଏହାର ପତ୍ରରେ, ଷ୍ଟେରଏଡ୍, ଆଲକାଲଏଡ୍, ଟାନିନ୍, ଗ୍ଲାଇକୋସାଇଡ୍, ଫ୍ଲାଭୋନଏଡ୍, ଟେର୍ପେନୋଏଡ୍, ଫିନୋଲ୍ ଭଳି ଅନେକ ଜୈବ ରାସାୟନିକ ଉପାଦାନ ଗଛିତ ଥାଏ । କ୍ଲିଷ୍ଟାନଥିନ୍ -ଏ, କ୍ଲିଷ୍ଟାନଥିନ୍ -ବି, ଓଡୁଭିନ୍ ଓ ଡାଇଫିଲିନ୍ ଗ୍ଲାଇକୋସାଇଡ୍ସ ଭଳି ବିଭିନ୍ନ ଜୈବିକ ରସାୟନର ଉପସ୍ଥିତି ଯୋଗୁଁ ଉଦ୍ଭିଦର ସମସ୍ତ ଅଂଶ ବିଷାକ୍ତ ଅଟେ । ଆତ୍ମହତ୍ୟା, ହତ୍ୟା, ଗୋରୁ ଏବଂ ମାଛ ଦେହରେ ବିଷ ପ୍ରୟୋଗ ଭାବରେ ଏବଂ ଅପରାଧିକ ଗର୍ଭପାତ ପ୍ରବର୍ତ୍ତାଇବା ପାଇଁ ଏହା ବ୍ୟବହୃତ ହୁଏ ।

କରଡ଼ାର ବଂଶ ବିସ୍ତାର ବିହନ ଦ୍ୱାରା ହୁଏ । ଏହା କଟିଂ ବା ଡାଳ କାଟି ହରମୋନ ପ୍ରୟୋଗ ମାଧ୍ୟମରେ ମଧ୍ୟ ପ୍ରସାରିତ ହୋଇପାରିବ । ବହୁଳ ବ୍ୟବହାର ହେତୁ କରଡ଼ା ବର୍ତ୍ତମାନ ନିଜର ଅସ୍ତିତ୍ୱ ହରାଇବା ଦ୍ୱାରଦେଶରେ । ପ୍ରକୃତି ସଂରକ୍ଷଣ ପାଇଁ ଆନ୍ତର୍ଜାତିକ ସଂଘ(ଆଇୟୁସିଏନ୍) କରଡ଼ାକୁ ଅସୁରକ୍ଷିତ ବା କ୍ଷତସାପେକ୍ଷ ଉଦ୍ଭିଦ ଶ୍ରେଣୀରେ ବର୍ଗୀକୃତ କରିଛି ।

ଭୁବନେଶ୍ୱର, ମୋ: ୯୭୭୭୮୦୦୪୦୮

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ । ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ । ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର । ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ । ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।



## ଭୁବନେଶ୍ୱର + କଟକ

# ନିଶା କବଳରେ ରୌପ୍ୟନଗରୀ

## ବର୍ଷକରେ ୩୫ କୋଟି ୯୦ ଲକ୍ଷ ଟଙ୍କାର ନିଶାଦ୍ରବ୍ୟ ଜବତ

କଟକ,୧୦।୫(ସମିସ):

ରୋକି ହେଉନାହିଁ ନିଶା ଚାଲାଣ। ଦିନକୁ ଦିନ ଗଞ୍ଜେଇ ଓ ବ୍ରାଉନସୁଗର କାରବାର ବଢ଼ିବାରେ ଲାଗିଛି। କଟକ ସହର ସମେତ ଗ୍ରାମାଞ୍ଚଳରେ ନିଶା କାରବାର ଭୟଙ୍କର ରୂପ ଧାରଣ କରୁଛି। ଅବକାରୀ ବିଭାଗ ଓ ପୁଲିସର ମିଳିତ ଉଦ୍ୟମରେ ଚଢ଼ଉ କରାଯାଉଥିବା ବେଳେ ନିଶା କାରବାରରେ ରୋକ୍ ଲାଗି ପାରୁନାହିଁ। ଅବକାରୀ ବିଭାଗର ତଥ୍ୟ ଅନୁସାରେ, ୨୦୨୫-୨୬ ଆର୍ଥିକ ବର୍ଷରେ କଟକ ସହର ଓ ଗ୍ରାମାଞ୍ଚଳରେ ୨୮୨୦ଟି ଅବକାରୀ ମାମଲା ରୁଜୁ କରାଯାଇଛି। ୩୫କୋଟି ୯୦ଲକ୍ଷ ଟଙ୍କାର ନିଶାଦ୍ରବ୍ୟ ଜବତ ହୋଇଛି। ଏହା ୨୦୨୪-୨୫ଆର୍ଥିକ ବର୍ଷ ତୁଳନାରେ ୩ଗୁଣ ଅଧିକ। ପୂର୍ବ ଆର୍ଥିକ ବର୍ଷରେ ୧୨କୋଟି ୩୧ଲକ୍ଷ ୨୭ହଜାର ୫୨୦ଟଙ୍କା ନିଶାଦ୍ରବ୍ୟ ଜବତ ହୋଇଥିଲା। ଜିଲ୍ଲା ଅବକାରୀ ବିଭାଗ ତଥ୍ୟ ଅନୁସାରେ, ୨୦୨୫ ମସିହା ଏପ୍ରିଲ ପହିଲାରୁ ୨୦୨୬ମସିହା ମାର୍ଚ୍ଚ ୩୧ ତାରିଖ ମଧ୍ୟରେ କଟକ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ବ୍ୟାପକ ଚଢ଼ଉ କରାଯାଇଥିଲା। ଗତ ଆର୍ଥିକ ବର୍ଷରେ ମୋଟ୍ ୨୮୨୦ଟି ମାମଲା ରୁଜୁ କରାଯାଇଥିବା ବେଳେ ୧୯୩୭ଜଣ ନିଶା ବେପାରୀଙ୍କୁ ଗିରଫ କରାଯାଇଥିଲା। ଏହି ମାମଲାରେ ୬୧ଜଣ ନିଶା ବେପାରୀ ଫେରାର୍ ରହିଛନ୍ତି। ଏହି ଚଢ଼ଉରେ ୩୮ଥର ଗଞ୍ଜେଇ ଓ ୨୪ଥର ବ୍ରାଉନସୁଗର ଜବତ କରାଯାଇଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି। ଏହି ଚଢ଼ଉ ସମ୍ପର୍କରେ ଜିଲ୍ଲା ଅବକାରୀ ଅଧୀକ୍ଷକ କରୁଣାଶଙ୍କର ତିୱାରୀ କହିଛନ୍ତି ଯେ ଅବକାରୀ ବିଭାଗ ନିଶା ଚାଲାଣ ରୋକିବାକୁ ଆପ୍ରାଣ ଉଦ୍ୟମ କରୁଛି। କଟକ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ବ୍ରାଉନସୁଗର ଓ ଗଞ୍ଜେଇ କାରବାର ରୋକିବାକୁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଉଛି।

ଚଳିତ ଆର୍ଥିକ ବର୍ଷର ଚଢ଼ଉରେ ୧ଲକ୍ଷ ୪୯ହଜାର ୧୦୧ଲିଟର ଦେଶୀ ରନ୍ଧା ମଦକୁ ଜବତ କରାଯାଇଥିଲା। ୮ଲକ୍ଷ ଲିଟର ପୋଚକୁ ନଷ୍ଟ କରାଯାଇଥିଲା। ସେହିପରି ୨କୁଇଣ୍ଟାଲ୍ ୪୮କେଜି ଗଞ୍ଜେଇ ଜବତ କରାଯାଇଥିବା ବେଳେ ୨କେଜି ୯୫ଗ୍ରାମର ବ୍ରାଉନସୁଗର ଜବତ ହୋଇଥିଲା। ଯାହାର ମୂଲ୍ୟ ୨କୋଟି ୪୫ଲକ୍ଷ ଟଙ୍କା ହେବ। ଏହା ବ୍ୟତିତ ୯୦୨ଲିଟର ଦେଶୀ ମଦ,

**୨୮୨୦ ଅବକାରୀ ମାମଲା: ୧୯୮୫ ଅଭିଯୁକ୍ତ ଗିରଫ**

**୧୭୫ଟି ବାଇକ୍, ୩ଟି ଅଟୋ ଏବଂ ୨୫ଟି ପିକ୍ଅପ୍ ଭ୍ୟାନ୍ ଜବତ**

୧୩୯୨ଲିଟର ବିୟର୍, ୧୧ଶହ ୮୩କେଜି ଭାଙ୍ଗ, ୭ହଜାର ୪୮୧ଲିଟର ସରକାରୀ ଦେଶୀ ମଦ ଏବଂ ୯୮୦ଲିଟର ନକଲି ବିଦେଶୀ ମଦ ଜବତ ହୋଇଥିଲା। ଏହି ସବୁ ନିଶା କାରବାରେ ବ୍ୟବହୃତ ୧୭୫ଟି ବାଇକ, ୩ଟି ଅଟୋ ଏବଂ ୨୫ଟି ପିକ୍ଅପ୍ ଭ୍ୟାନ୍କୁ ଜବତ କରାଯାଇଛି। ଏସବୁ ସମ୍ପତ୍ତିର ମୂଲ୍ୟ ୩୫କୋଟି ୪୩ଲକ୍ଷ ୫୬ହଜାର ୮୪୩ଟଙ୍କା ହେବ ବୋଲି ଜଣାପଡ଼ିଛି। ଅନ୍ୟପଟେ ସହରରେ ବ୍ରାଉନ୍ସୁଗର ଓ ଗଞ୍ଜେଇ ସିଗାରେଟ୍ ପାନ ଦୋକାନ ଗୁଡ଼ିକରେ ସହଜରେ ଉପଲବ୍ଧ ହେଉଛି। ହାତ ପାଆନ୍ତାରେ ଏହି ମାରାତ୍ମକ ନିଶା ସାମଗ୍ରୀ ଉପଲବ୍ଧ ହେଉଥିବାରୁ ଯୁବକ ତଥା ଛାତ୍ରଗୋଷ୍ଠୀ ବ୍ରାଉନସୁଗର ଭଳି ନିଶା କବଳରେ ପଡ଼ି ପଥଭ୍ରଷ୍ଟ ହେଉଥିବା ଦେଖିବାକୁ ମିଳୁଛି। ୨୦୨୩-୨୪ ଆର୍ଥିକ ବର୍ଷରେ ୯୮କୋଟି, ୨୦୨୨-୨୩ ଆର୍ଥିକ ବର୍ଷରେ ପୁଲିସ ଓ ଅବକାରୀ ବିଭାଗ ପକ୍ଷରୁ କଟକରେ ଜିଲ୍ଲାରେ ୬୫ କୋଟି ଟଙ୍କାରୁ ଅଧିକ ମୂଲ୍ୟର ନିଶା ସାମଗ୍ରୀ ଜବତ କରାଯାଇଥିଲା। ଯାହା ଏହି କାରବାରର ବ୍ରାଉନସୁଗର ବିକ୍ରୟ ବୃଦ୍ଧିକୁ ବୃଦ୍ଧିକୁ ଦର୍ଶାଉଛି। ୨୦୨୪-୨୫ ଆର୍ଥିକ ବର୍ଷରେ ଏନ୍ଡିପିଏସ୍ ଆକ୍ଟରେ ୧୭୪ ମାମଲା ପଞ୍ଜିକୃତ ହୋଇଥିବା ବେଳେ ୨୧୬ ଜଣ ଗିରଫ ହୋଇଛନ୍ତି। ସେମାନଙ୍କ ନିକଟରୁ ୨୩୮୮ ଗ୍ରାମ ବାଉନସୁଗାର ଜବତ ହୋଇଥିଲା। ଜବତ ନିଶା ସାମଗ୍ରୀର ମୂଲ୍ୟ ୧୮ କୋଟି ହେବ ବୋଲି ଆକଳନ କରାଯାଇଥିଲା।

## 'ଆଗୁଆ ପରୀକ୍ଷଣ ଦ୍ୱାରା ଲୁପସ୍ ବ୍ୟାଧିକୁ ପରାସ୍ତ କରି ହେବ'




ଭୁବନେଶ୍ୱର,୧୦।୫(ସମିସ): ଅନେକ ଜାଣନ୍ତି ନାହିଁ ଯେ ଲୁପସ୍ ହେଉଛି ଏକ ଅଟୋଇମ୍ୟୁନୋ ବ୍ୟାଧି, ଯେଉଁଥିରେ ଶରୀରର ପ୍ରତିରକ୍ଷା ପ୍ରଣାଳୀ ନିଜର ସୁସ୍ଥ କୋଷକୁ ଆକ୍ରମଣ କରେ। ଏହି ସମସ୍ୟା ୨୦ ବର୍ଷରୁ ଆରମ୍ଭ କରି ୫୦ ବର୍ଷ ପର୍ଯ୍ୟନ୍ତ ମହିଳାମାନଙ୍କ ଠାରେ ପ୍ରାୟତଃ ଦେଖାଯାଇଥାଏ। ତେବେ ଏହାର ଚିକିତ୍ସା ସମ୍ଭବ ଏବଂ ଉଚିତ୍ ପଦକ୍ଷେପ ନେଲେ ରୋଗୀ ଜଣକ ସାଧାରଣ ଜୀବନ ଧାରଣ କରିପାରିବ ବୋଲି ସୂଚନା ଦେଇଛନ୍ତି ଇନ୍ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ୍ ଆଣ୍ଡ ସମ ହସ୍ପିଟାଲ୍ର କ୍ଲିନିକାଲ୍ ଇମ୍ୟୁନୋଲୋଜି ଆଣ୍ଡ ରୁମାଟୋଲୋଜି ବିଭାଗର ମୁଖ୍ୟ ପ୍ରଫେସର (ଡାକ୍ତର) ପ୍ରଦୀପ୍ତ ଶେଖର ପାତ୍ରୋ। ଲୁପସ୍ ଏକ ସଂକ୍ରାମକ ବ୍ୟାଧି ନୁହେଁ, ଯଦିଓ ଏହାର ଅନେକ ପ୍ରତିରୂପ ରହିଛି ତେବେ ଏହାର ଚିକିତ୍ସା ସମ୍ଭବ। ଲୁପସ୍ ବା ଏସ୍ଏଲ୍ଇ ସାଧାରଣତଃ ମହିଳା ମାନଙ୍କ କ୍ଷେତ୍ରରେ ଅଧିକ ଦେଖାଯାଇଥାଏ। ବିଶ୍ୱ ଲୁପସ୍ ଦିବସ ଅବସରରେ ଆଇଏମ୍ଏସ୍ ଆଣ୍ଡ ସମ ହସ୍ପିଟାଲ୍ର କ୍ଲିନିକାଲ୍ ଇମ୍ୟୁନୋଲୋଜି ଏବଂ ରୁମାଟୋଲୋଜି ବିଭାଗ ପକ୍ଷରୁ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ୍ ଛକରୁ ରାମ ମନ୍ଦିର ପର୍ଯ୍ୟନ୍ତ ଏକ ସଚେତନତା ରାଲି ମଧ୍ୟ ଆୟୋଜନ କରାଯାଇଥିଲା। ବାଚସ୍ପତି ସୁରମା ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏକାମ୍ର ବିଧାୟକ ବାବୁ ସିଂ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଆଇଏମଏସ୍ ଆଣ୍ଡ ସମ ହସ୍ପିଟାଲ୍ର ମେଡିକାଲ୍ ସୁପରିଟେଣ୍ଡେଣ୍ଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର ଏବଂ ପ୍ରଫେସର ପାତ୍ରୋ ପ୍ରମୁଖ ଉପସ୍ଥିତ ଥିଲେ। ସାମ୍ବାଦିକ ସମ୍ମିଳନୀରେ ଆଇଏମଏସ୍ ଆଣ୍ଡ ସମ ହସ୍ପିଟାଲ୍ର ଡିନ୍ ପ୍ରଫେସର (ଡାକ୍ତର) ସଂଘମିତ୍ରା ମିଶ୍ର ଏବଂ ମେଡିକାଲ ସୁପରିଟେଣ୍ଡେଣ୍ଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର ଉପସ୍ଥିତ ରହି ହସ୍ପିଟାଲର ଚିକିତ୍ସା ଓ ସଫଳତା ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ।

**ରାଜଧାନୀରେ ଏନ୍ସିବି ସହ ଗଞ୍ଜେଇ ମାଫିଆଙ୍କ ଛକାପଞ୍ଝା**

## ୧ କ୍ୱିଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ, ୩ ଗିରଫ

ଭୁବନେଶ୍ୱର,୧୦।୫(ସମିସ): ରାଜଧାନୀରେ ଅପରାଧୀଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇବାରେ ଲାଗିଛି। ଏଥିପାଇଁ ସାଧାରଣ ଜନତା ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ରବିବାର ନାର୍କୋଟିକ୍ସ କଣ୍ଟ୍ରୋଲ୍ ବ୍ୟୁରୋ (ଏନ୍ସିବି) ଓ ପୋଲିସକୁ ଚାଲେଞ୍ଜ୍ କରି ଗଞ୍ଜେଇ ମାଫିଆ ବେସ୍ କିଛି ସମୟ ରାଜଧାନୀରେ ଆତଙ୍କ ସୃଷ୍ଟି କରିଥିଲେ। ଛକାପଞ୍ଝା ପରେ ପୁଲିସ ଓ ଏନ୍ସିବି କର୍ମଚାରୀଙ୍କ ହାତରେ ଧରାପଡ଼ିଛନ୍ତି ୩ଜଣ ଗଞ୍ଜେଇ ମାଫିଆ। ବୌଦ୍ଧରୁ ପଶ୍ଚିମବଙ୍ଗ ବିପୁଳ ପରିମାଣରେ ଗଞ୍ଜେଇ ଚାଲାଣ ହେଉଥିବା ଗୁଇନ୍ଦା ସୂଚନା ପାଇଁ ଆଜି ଏନ୍ସିବି ଓ ଭରତପୁର ଥାନାର ପୋଲିସ କର୍ମଚାରୀମାନେ କେତେକ ସ୍ଥାନରେ ତନଖିଫାଟକ ଓ ବ୍ଲକିଂ ଲଗାଇଥିଲେ। ଗଞ୍ଜେଇ ନେଇ ଆସୁଥିବା ଦୁଇଟି ଏସ୍ୟୁଭି ଗାଡ଼ିକୁ ଅଟକାଇବାକୁ ଚେଷ୍ଟା କରିଥିଲେ, କିନ୍ତୁ ଗାଡ଼ିଦୁଇଟି ନଅଟକାଇ ଦୁଇଟି ବ୍ଲକିଂ ପୋଷ୍ଟ ଓ ତନଖିଫାଟକ ଭାଙ୍ଗି ଖସି ପଳାଇବାକୁ ଉଦ୍ୟମ କରିଥିଲେ। କେବଳ ଏହାନୁହେଁ ପୋଲିସ ଓ ସୁରକ୍ଷାକର୍ମୀଙ୍କୁ ଗାଡ଼ିଚପାଇ ମାରିଦେବାକୁ ଉଦ୍ୟମ କରିଥିଲେ। ଶେଷରେ ଚନ୍ଦକା ଜଙ୍ଗଲକୁ ଖସି ପଳାଇବାକୁ ଉଦ୍ୟମ କରୁଥିବା ବେଳେ ଅନ୍ଧାରୁଆ ନିକଟରେ ସୁରକ୍ଷାକର୍ମୀଙ୍କ ହାତରେ ଧରାପଡ଼ିଥିଲେ। ଗାଡ଼ିରୁ ୧ କ୍ୱିଣ୍ଟାଲ ଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ ହୋଇଥିଲା। ଏହି ଗଞ୍ଜେଇର ଆନୁମାନିକ ମୂଲ୍ୟ ୧ କୋଟି ଟଙ୍କା ହେବ ବୋଲି ଜଣାଯାଇଛି।

## ରାସ୍ତା ନବୀକରଣର ଭିତ୍ତିପ୍ରସ୍ତର

ବାଲିଅନ୍ତା,୧୦।୫(ସମିସ): ବାଲିଅନ୍ତା ବ୍ଲକ ଅଧୀନ ସରଦେଇପୁର ନିମାପ?। ପୂର୍ତ୍ତ ବିଭାଗ ରାସ୍ତା ନବୀକରଣ ଓ ରାସ୍ତାର ଉଭୟ ପାଶ୍ୱର୍ ଡ୍ରେନ ନିର୍ମାଣ ନେଇ ଆଜି ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ସାଂସଦ ଅପରାଜିତା ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏନେଇ ଆୟୋଜିତ ସଭାରେ ମଣ୍ଡଳ ସଭାପତି ବ୍ରହ୍ମାନନ୍ଦ ସ୍ୱାଇଁ ସଭାପତିତ୍ୱ କରିଥିଲେ। ସାଂସଦଙ୍କ ନିର୍ବାଚନମଣ୍ଡଳୀ ପ୍ରତିନିଧି ଚୌଧୁରୀ ଦ୍ୱାରିକା ନାଥ ଦାଶ, ବିଜୟ ମହାରଣା, ଶିବ ମଲ୍ଲିକ, ଅମ୍ବିକା ଶତପଥୀ, ତାପସ ଜେନା, ବସନ୍ତ ନାୟକ, ସୁବାସ ଜେନା, ମାଗୁଣି ସେଠୀ, ସୁଦର୍ଶନ ଜେନା ଏବଂ ପୂର୍ତ୍ତ ବିଭାଗ ଡିଭିଜନ ୨ ନିର୍ବାହୀ ଯନ୍ତ୍ରୀ ସଚିନ କୁମାର ସାହୁ ଏବଂ ସହକାରୀ ନିର୍ବାହୀ ଯନ୍ତ୍ରୀ ମନୋରଞ୍ଜନ ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

## ସାତସାହି କଟକ ନୃତ୍ୟୋତ୍ସବ ଓ ବାଣିଜ୍ୟ ମେଳା ୧୩ରୁ

କଟକ,୧୦।୫(ସମିସ): ସାତସାହି କଟକ ନୃତ୍ୟୋତ୍ସବ ଓ ବାଣିଜ୍ୟ ମେଳା ଆସନ୍ତା ୧୩ ତାରିଖଠାରୁ ଆରମ୍ଭ ହେବ। ଏହି ଉତ୍ସବ ୧୨ ଦିନ ପାଳନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ତବେ ସାତସାହି ବାଣିଜ୍ୟ ମେଳା ୧୩ ତାରିଖରୁ ଆରମ୍ଭ ହେଉଥିବା ବେଳ ୧୫ ତାରିଖରୁ ନୃତ୍ୟୋତ୍ସବ ଆରମ୍ଭ ହେବ ହବ ବୋଲି ଜଣାପଡ଼ିଛି। କଟକ ଜିଲ୍ଲା ପ୍ରଶାସନ, ସାଂସ୍କୃତିକ ପରିଷଦ, କଟକ ମହାନଗର ନିଗମ, କଟକ ଉନ୍ନୟନ କର୍ତ୍ତୃପକ୍ଷ ଏଥିରେ ସହଯୋଗ କରୁଛନ୍ତି। ବାଲିଯାତ୍ରା ପଡିଆରେ ଏହି କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ଅନୁମତି ମିଳିଛି। ଏହି କାର୍ଯ୍ୟକ୍ରମରେ ଶାସ୍ତ୍ରୀୟ ନୃତ୍ୟ, ଓଡ଼ିଶୀ, ଭାରତନାଟ୍ୟମ୍, ମଣିପୁରୀ, କୁଚିପୁଡ଼ି, ବିହୁ ପରିବେଷଣ କରାଯିବା ସାଙ୍ଗକୁ ଲୋକନୃତ୍ୟ, ସମ୍ବଲପୁରୀ, ଛଉନୃତ୍ୟ ଓ ଦେଶାତ୍ମବୋଧ ସଂଗୀତ ଉପରେ ନୃତ୍ୟ ପରିବେଷଣ କରାଯିବ। ନୃତ୍ୟୋତ୍ସବର ପ୍ରଥମ




ସନ୍ଧ୍ୟାରେ ପ୍ରଖ୍ୟାତ ଓଡିଶୀ ନୃତ୍ୟଶିଳ୍ପୀ ଗୁରୁ ମୀରା ଦାସଙ୍କୁ ଜାତୀୟ କଳାରତ୍ନ ସମ୍ମାନ ଓ ବିଶିଷ୍ଟ ସିନେ ଅଭିନେତ୍ରୀ ଇଶା ବେବର୍ତ୍ତାଙ୍କୁ ସମ୍ମାନିତ କରାଯିବ। କଣ୍ଠଶିଳ୍ପୀ ମୋନାଲି ମଧୁସ୍ମିତା ଓ ସାଥୀ କଳାକାରଙ୍କ ପକ୍ଷରୁ ଅକ୍ଷୟ ସଂଗୀତ ଏବଂ ମନଛୁଆଁ ଆଧୁନିକ ସଙ୍ଗୀତ ପରିବେଷଣ ହେବ। ଏହି କାର୍ଯ୍ୟକ୍ରମରେ ପଶ୍ଚିମବଙ୍ଗ, ମହାରାଷ୍ଟ୍ର, ମଣିପୁର, ଆସାମ, ଛତିଶଗଡ଼, ପଞ୍ଜାବର ବିଭିନ୍ନ ପ୍ରାନ୍ତରୁ ୧୫୦ରୁ ଊର୍ଦ୍ଧ୍ୱର୍ କଳାକାର ସେମାନଙ୍କ ଅନୁଷ୍ଠାନ ସହ ନୃତ୍ୟବିଚିତ୍ରା ପରିବେଷଣ କରିବେ। ପ୍ରତିବର୍ଷ ପରି ଏଥର ମଧ୍ୟ ନୃତ୍ୟୋତ୍ସବର ଅନ୍ତିମ ସନ୍ଧ୍ୟାକୁ କ୍ୟାନସର, ଥାଲାସେମିଆ, ମଧୁମେହ ରୋଗରେ ପୀଡ଼ିତ ଓ ଭିନ୍ନକ୍ଷମ, ଅନାଥ ଶିଶୁଙ୍କ ଉଦ୍ଦେଶ୍ୟରେ ସମର୍ପଣ କରାଯିବ। ଥାଲାସେମିଆ, କ୍ୟାନସର, ମଧୁମେହ ପୀଡ଼ିତ ଶିଶୁ ଓ ଭିନ୍ନକ୍ଷମ, ଅନାଥ ଅନୁଷ୍ଠାନକୁ କମିଟିକୁ ମିଳିଥିବା ସହଯୋଗ ତଥା ମେଳାରୁ ଦାନ ଆକାରରେ ସଂଗୃହୀତ ଅର୍ଥ ପ୍ରଦାନ କରାଯିବ। ଏଥିରେ ଓଡ଼ିଆ ଚଳଚ୍ଚିତ୍ର ଜଗତର ସ୍ୱନାମଧନ୍ୟ କଳାକାର କୁନା ତ୍ରିପାଠୀ, ଶ୍ରୀତମ ଦାସ, ପୁନମ୍, ଲକି ମନୀଷା, ଇପ୍ସିତା, ଅଭିଜିତ, ଶୁଭମ୍, ରୌମ୍ୟାଞ୍ଜଳି, ଅଙ୍କିତ କୁମାର, ଅଙ୍କିତା, ପ୍ରକାଶ, ସୁଭାଶିଷ ପ୍ରମୁଖ ଯୋଗଦେଇ ନୃତ୍ୟୋତ୍ସବର ଆକର୍ଷଣକୁ ଆହୁରି ଆକର୍ଷଣୀୟ କରିବେ ବୋଲି ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କମିଟି ପକ୍ଷରୁ ମେୟର ତଥା ପରିଚାଳନା କମିଟି ଅଧ୍ୟକ୍ଷ ସୁବାସ ଚନ୍ଦ୍ର ସିଂହ, ସାଧାରଣ ସମ୍ପାଦକ ଦୀପଶେ ମହାପାତ୍ର ଓ କାର୍ଯ୍ୟକାରୀ ସଭାପତି ଡଃ ଦୁର୍ଗାଚରଣ ଦାଶ ସୂଚନା ଦେଇଛନ୍ତି। ଏଥିରେ ଉପ-ସଭାପତି ରୂପକ ମିଶ୍ର, ଡଃ ଦ୍ୱୀପାୟନ ପଟ୍ଟନାୟକ, କୋଷାଧ୍ୟକ୍ଷ ଉଲ୍ଲାସ ସେନ୍, ପୃଷ୍ଠପୋଷକ ସୁନୀଲ୍ ମୁରାରକା, କମିଟିର କର୍ମକର୍ତ୍ତା ପଦ୍ମାଳୟା ବ୍ରହ୍ମଚାରୀ, ରଶ୍ମିରଞ୍ଜନ ତ୍ରିପାଠୀ, ସ୍ନେହାଶିଷ ଦାସ, ପାର୍ଥସାରଥୀ ସ୍ୱାଇଁ, ଜିତେନ୍ଦ୍ର ପ୍ରସାଦ, ସୁଶାନ୍ତ ପାତ୍ର, ସୁନୀଲ୍ ଦାସ, ସତ୍ୟପ୍ରସାଦ ବଳସାମନ୍ତ, ଶକ୍ତିପ୍ରସାଦ ସାମଲ, ସନ୍ଦୀପ ମିଶ୍ର, ତନ୍ମୟ ରାୟ, ଅଚ୍ୟୁତାନନ୍ଦ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ।

## ଭୁଆଶୁଣି ପଠାରେ ବୃଦ୍ଧଙ୍କ ଆତ୍ମହତ୍ୟା

କଟକ,୧୦।୫(ସମିସ): ଭୁଆଶୁଣି ପଠାରେ ଜଣେ ବୃଦ୍ଧ ଆତ୍ମହତ୍ୟା କରିଛନ୍ତି। ମୃତକ ଜଣକ ହେଲେ ବିଡ଼ାନାସୀ ଗୋପାଳସାହିର କେଦାର ସାହୁ(୭୦)। ବିଡ଼ାନାସୀ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ପୁଲିସ ତଦନ୍ତ ଜାରି ରଖିଛି। ଆଜି ସେ ଘରେ ଶୋଇଥିଲେ। ଉଠିବା ପରେ ଖାଇବା ପାଇଁ ମାଗିଥିଲେ। ଖାଇ ସାରିବା ପରେ ସେ ହଠାତ୍ ଘରୁ ଉଠି କେଉଁଆଡେ ଚାଲିଯାଇଥିଲେ। ଏହାର ଏକ ଘଣ୍ଟା ପରେ ଜଣେ ବ୍ୟକ୍ତି ପଠାକୁ ଯାଇଥିବା ବେଳେ ଏକ ଗଛରେ ଜଣଙ୍କର ଶବ ଝୁଲିଥିବା ଦେଖିବାକୁ ପାଇ ତୁରନ୍ତ ପୁଲିସକୁ ଜଣାଇଥିଲେ। ଏପଟେ କେଦାରକୁ କେଉଁଠାରେ ନ ପାଇ ତାଙ୍କ ପୁଅ ପଠାରେ ପହଞ୍ଚିଥିଲେ। ଝୁଲିଥିବା ଶବଟି ତାଙ୍କ ବାପାଙ୍କର ବୋଲି ଚିହ୍ନଟ କରିଥିଲେ। ତେବେ ବ୍ୟବଚ୍ଛେଦ ରିପୋର୍ଟ ହସ୍ତଗତ ହେବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ଥାନା ଅଧିକାରୀ ଅସିତ ବଳବନ୍ତରାୟ ସୂଚନା ଦେଇଛନ୍ତି।

## ହରମୋହନ ଓ ଗୀତାଙ୍କୁ ମିଳିବ 'ଭିକାରୀ ବଳ ସ୍ମୃତି ପୁରସ୍କାର'

କଟକ,୧୦।୫(ସମିସ): ଓଡ଼ିଶା ସରକାରଙ୍କ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ କଟକର ଭଜନସମ୍ରାଟ ଭିକାରୀ ବଳ ସ୍ମୃତି ସଂସଦର ମିଳିତ ଆନୁକୂଲ୍ୟରେ ସୁଖ୍ୟାତ କଣ୍ଠଶିଳ୍ପୀ ଭଜନସମ୍ରାଟ ଭିକାରୀ ବଳଙ୍କ ୯୭ତମ ଜୟନ୍ତୀ ଉତ୍ସବ ଆସନ୍ତା ମେ ୨୫ ତାରିଖ ସନ୍ଧ୍ୟାରେ କଟକ ଶତାବ୍ଦୀ ଭବନଠାରେ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ଓଡ଼ିଆ ସଙ୍ଗୀତ ଓ ସାହିତ୍ୟ କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ପାଇଁ ବିଶିଷ୍ଟ ସଙ୍ଗୀତକାର ହରମୋହନ ଖୁଣ୍ଟିଆ ଏବଂ ବିଶିଷ୍ଟ ଗୀତିକାର ଗୀତା ଖୁଣ୍ଟିଆଙ୍କୁ ମର୍ଯ୍ୟାଦାଜନକ 'ଭଜନସମ୍ରାଟ ଭିକାରୀ





ବଳ ସ୍ମୃତି ପୁରସ୍କାର-୨୦୨୬' ପ୍ରଦାନ କରାଯିବାକୁ ନିଷ୍ପତ୍ତି ହୋଇଛି। ଉଭୟଙ୍କୁ ପୁରସ୍କାର ସ୍ୱରୂପ ପାଞ୍ଚ ହଜାର ଟଙ୍କାର ଅର୍ଥରାଶି, ମାନପତ୍ର, ଉପାୟନ ଓ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯିବ। ଏଥିସହିତ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅତୁଳନୀୟ ଅବଦାନ ପାଇଁ ବିଶିଷ୍ଟ ଚକ୍ଷୁ ରୋଗ ବିଶେଷଜ୍ଞ ପ୍ରଫେସର ଡାକ୍ତର ଚଣ୍ଡୀ ଦାସଙ୍କୁ 'ଭଜନସମ୍ରାଟ ଭିକାରୀ ବଳ ସ୍ମୃତି ସମ୍ମାନ'ରେ ସମ୍ମାନିତ କରାଯିବାର କାର୍ଯ୍ୟକ୍ରମ ରହିଛି। ଏହି ଭବ୍ୟ ଜୟନ୍ତୀ ଉତ୍ସବକୁ ଦିବ୍ୟଜୀବନ ସଂଘର ବରିଷ୍ଠ ସନ୍ଥ ସ୍ୱାମୀ ଶିବଚିଦାନନ୍ଦ ସରସ୍ୱତୀ ଉଦ୍ଘାଟନ କରିବାକୁ ଥିବାବେଳେ 'ସମାଜ'ର ମୁଦ୍ରକ ଓ ପ୍ରକାଶକ ରାଜେନ୍ଦ୍ର କୁମାର ଜେନା ମୁଖ୍ୟଅତିଥି ଭାବେ ଯୋଗଦେବେ। ସ୍ମୃତି ସଂସଦର ସମ୍ପାଦକ ଡ. ସୁନାମଣି ରାଉତଙ୍କ ସୂଚନା ଅନୁଯାୟୀ, ଏହି ସନ୍ଧ୍ୟାରେ ବିଶିଷ୍ଟ କଣ୍ଠଶିଳ୍ପୀଙ୍କ ଦ୍ୱାରା ଭକ୍ତି ସଙ୍ଗୀତ ପରିବେଷଣ କରାଯାଇ ପରିବେଶକୁ ଆଧ୍ୟାତ୍ମିକମୟ କରାଯିବ।

## ରାଜ୍ୟସ୍ତରୀୟ ବସୁମାତା ସମ୍ମାନ ସମାରୋହ

ଭୁବନେଶ୍ୱର,୧୦।୫(ସମିସ): ବିଶ୍ୱ ମାତୃଦିବସ ଅବସରରେ ଓମେନ ଅର୍ଗାନାଇଜେସନ ଫର ସୋସିଆଲ ୱେଲଫାର ପକ୍ଷରୁ ବସୁଧାମାତା ସମ୍ମାନ ସମାରୋହ ସ୍ଥାନୀୟ ଜୟଦେବ ଭବନଠାରେ ଆୟୋଜିତ ହୋଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଅଲମ୍ପିକସ୍ ସଂଘର ସଭାପତି ସମୀର ମହାନ୍ତି ଉପସ୍ଥିତ ଥିଲେ। ୱସ୍ୱର ସମ୍ପାଦିକା ଜ୍ୟୋତ୍ସ୍ନା ଦାସ ପ୍ରାରମ୍ଭିକ ଭାଷଣ ପ୍ରଦାନ କରି ବସୁଧାମାତା ସମ୍ମାନ ଉପରେ ଆଲୋକପାତ ସହିତ ୱସ୍ୱର ବାର୍ଷିକ ବିବରଣୀ ପାଠ କରିଥିଲେ। ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗର ଉପନିର୍ଦ୍ଦେଶିକା ଦୀପ୍ତିମୟୀ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବସୁଧାମାତା ସମ୍ମାନ ସମାରୋହର ସଭାପତି ଅବସରପ୍ରାପ୍ତ ଆଇଏଏସ୍ ହୃଷିକେଶ ତ୍ରିପାଠୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ବସୁଧାମାତା ସମ୍ମାନ ସମାରୋହର ସ୍ମରଣିକା 'ମୋ ମା' ଉନ୍ମୋଚନ ହୋଇଥିଲା। ଏନେଇ




ସୁଷମା ନନ୍ଦଙ୍କୁ ତାଙ୍କର ଜୀବନବ୍ୟାପି ସେବା ଓ ସାଧନା ପାଇଁ ଚଳିତବର୍ଷର ବସୁଧାମାତା ସମ୍ମାନରେ ସମ୍ମାନିତ କରାଯାଇଥିଲା। ସମାଜ ଓ ସଂସାରରେ ଉଲ୍ଲେଖନୀୟ ସେବା ଓ ତ୍ୟାଗ ପାଇଁ ପାଇଁ ନିବେଦିତା ଲେଙ୍କା, ସ୍ୱର୍ଣ୍ଣପ୍ରଭା ରାଉତ, ଭାରତୀ ମହାନ୍ତି, କବିତାରାଣି ଗିରି, ସମିତି ମହାନ୍ତି, ତୁନା ପ୍ରଭା ସେନାପତି ଓ ସିଲା ପଟ୍ଟନାୟକ ପ୍ରମୁଖ ମା'ଙ୍କୁ ଆଦର୍ଶମାତା ସମ୍ମାନରେ ସମ୍ମାନିତ କରାଯାଇଛି।

## 'ଏକବିଂଶ ଶତାବ୍ଦୀରେ ସାମ୍ରାଜ୍ୟବାଦ, ଯୁଦ୍ଧ ବିଭୀଷିକା ଏବଂ ଭାରତ' ଆଲୋଚନା

ଭୁବନେଶ୍ୱର,୧୦।୫(ସମିସ): ଏକ ବିଂଶ ଶତାବ୍ଦୀରେ ବୃଦ୍ଧି ପାଉଥିବା ସାମ୍ରାଜ୍ୟବାଦୀ ଯୁଦ୍ଧ ପରିସ୍ଥିତି ଓ ଭାରତ ଉପରେ ଏହାର ପ୍ରଭାବ ସମ୍ବନ୍ଧରେ ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ) ଓଡ଼ିଶା ରାଜ୍ୟ କମିଟିଙ୍କ ପକ୍ଷରୁ ରବିବାର ବୁଦ୍ଧ ମନ୍ଦିର ଅଡିଟୋରିୟମ ଠାରେ ଏକ ଆଲୋଚନା ସଭା ଆୟୋଜିତ ହୋଇଥିଲା। 'ଏକବିଂଶ ଶତାବ୍ଦୀରେ ସାମ୍ରାଜ୍ୟବାଦ, ଯୁଦ୍ଧ ବିଭୀଷିକା ଏବଂ ଭାରତ' ବିଷୟରେ ଆୟୋଜିତ ଏହି ସଭାରେ ମୁଖ୍ୟବକ୍ତା ଭାବେ ପୂର୍ବତନ ରାଜ୍ୟସଭା ସାଂସଦ ତଥା କଲକାତା ହାଇକୋର୍ଟର ଅଧିବକ୍ତା ବିକାଶ ରଞ୍ଜନ ଭଟ୍ଟାଚାର୍ଯ୍ୟ ଯୋଗଦେଇ ବ୍ୟାପକ ଭାବେ ଅଭିଭାଷଣ ରଖିଥିଲେ। ସେ ବିଶ୍ୱ ପରିସ୍ଥିତି, ସାମ୍ରାଜ୍ୟବାଦୀ ଶକ୍ତିମାନଙ୍କ ଆକ୍ରମଣାତ୍ମକ ନୀତି ଓ ଭାରତର ଅର୍ଥନୀତି, ସାମାଜିକ ପରିସ୍ଥିତି ଓ ଲୋକଜୀବନ ଉପରେ ପଡୁଥିବା ପ୍ରଭାବ ବିଷୟରେ ତଥ୍ୟା ଆଧାରିତ ମତ ରଖିଥିଲେ।। ଏହି ସଭାରେ ସିପିଆଇ(ଏମ) ଓଡ଼ିଶା ରାଜ୍ୟ ସମ୍ପାଦକ ସୁରେଶ ଚନ୍ଦ୍ର ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। ସଭାରେ ସିପିଆଇ(ଏମ) ରାଜ୍ୟ ସମ୍ପାଦକମଣ୍ଡଳୀ ସଦସ୍ୟ ସନ୍ତୋଷ ଦାସ, ସିପିଆଇରାଜ୍ୟ ସମ୍ପାଦକମଣ୍ଡଳୀ ସଦସ୍ୟ ଆଶିଷ କାନୁନଗୋ, ସିପିଆଇ(ଏମଏଲ) ଲିବେରେସନ ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର ଓ ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ମହାପାତ୍ର ପ୍ରମୁଖ ନେତୃବୃନ୍ଦ ଉଦବୋଧନ ରଖିଥିଲେ। ସଭା ଆରମ୍ଭରେ ପ୍ରୟାତ ଜନନେତା ସାଥୀ ବିଷ୍ଣୁ ମହାନ୍ତିଙ୍କ ସ୍ମୃତିରେ ଶୋକ ପ୍ରକାଶ କରାଯାଇ ଏକ ମିନିଟ୍ ଦଣ୍ଡାୟମାନ ହୋଇ ନିରବତା ପାଳନ କରାଯାଇଥିଲା। ଏହି ଆଲୋଚନା ସଭାରେ ସହରର ବହୁ ନାଗରିକ ଓ ଶୁଭେଚ୍ଛୁ ଉପସ୍ଥିତ ରହିଥିଲେ।




## ସକାଳ ୯ଟା ପୂର୍ବରୁ ସବୁ ଥାନାରେ ବ୍ରିଫିଙ୍ଗ୍ ପରେଡ୍

ଭୁବନେଶ୍ୱର, ୧୦।୫(ସମିସ):

ଭୁବନେଶ୍ୱରସ୍ଥିତ ଡିଜିପିଙ୍କ କ୍ୟାମ୍ପ ଅଫିସ୍ରେ ରବିବାର ଅପରାହ୍ଣରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି, ଅପରାଧ ନିୟନ୍ତ୍ରଣ,

**କଡ଼ାକଡ଼ି ହେବ ରାଜପଥ ପାଟ୍ରୋଲିଂ**

ସାଧାରଣଲୋକଙ୍କ ସହ ପୁଲିସର ସମନ୍ୱୟ ଏବଂ ପୁଲିସିଂ ବ୍ୟବସ୍ଥାକୁ ଆହୁରି ସକ୍ରିୟ ଓ ଲୋକାଭିମୁଖୀ କରିବା ନେଇ ବିସ୍ତୃତ ସମୀକ୍ଷା କରାଯାଇଥିଲା। ଡିଜିପି ସମସ୍ତ ଜିଲ୍ଲାର ଏସ୍ପି ଏବଂ ରେଞ୍ଜ ଆଇଜି/ ଡିଆଇଜିମାନଙ୍କୁ ଅପରାଧ ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ଓ ଫଳପ୍ରଦ ପଦକ୍ଷେପ ଗ୍ରହଣ କରିବା ସହ ଜନସାଧାରଣଙ୍କ ସହ ପୁଲିସର ଆସ୍ଥା ଓ ସମନ୍ୱୟକୁ ଆହୁରି ମଜଭୁତ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

ଜରୁରୀକାଳୀନ ସହାୟତା ଯାନରେ କାର୍ଯ୍ୟରତ ସମସ୍ତ କର୍ମଚାରୀଙ୍କୁ ବୃତ୍ତିଗତ ଓ ବ୍ୟାବହାରିକ ତାଲିମ ପ୍ରଦାନ କରିବାକୁ ଡିଜିପି ନିର୍ଦ୍ଦେଶ



ଦେଇଛନ୍ତି। ଏପରି ତାଲିମ ଦ୍ୱାରା ଜଟିଳ ଓ ଜରୁରୀ ପରିସ୍ଥିତିରେ ସେମାନଙ୍କ କାର୍ଯ୍ୟଦକ୍ଷତା ଓ ତ୍ୱରିତ ପ୍ରତିକ୍ରିୟା କ୍ଷମତା ଆହୁରି ବୃଦ୍ଧି ପାଇବ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ଏହାସହ ପ୍ରତିଦିନ ପୂର୍ବାହ୍ନ ୯ଟା ପୂର୍ବରୁ ରାଜ୍ୟର ସମସ୍ତ ଥାନାରେ ନିୟମିତ ଭାବେ 'ବ୍ରିଫିଙ୍ଗ ପରେଡ୍' କରିବାକୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି। ଏହାର ସଠିକ୍ ପାଳନ ଏବଂ ନିୟମିତ ମନିଟରିଂ ସୁନିଶ୍ଚିତ କରିବାକୁ ମଧ୍ୟ ସେ ନିର୍ଦ୍ଦେଶ ଦେଇଥିଲେ।

ଏହି ବ୍ରିଫିଙ୍ଗ୍ ପରେଡ୍ ପରେ ସମ୍ପୃକ୍ତ ଥାନା ଅଞ୍ଚଳର ଆଇନଶୃଙ୍ଖଳା ପରିସ୍ଥିତି, ଅପରାଧ ପ୍ରବଣ ଅଞ୍ଚଳ, ଅପରାଧୀଙ୍କ ଚଳଚଳନ ଏବଂ ଚାଲୁଥିବା ତଦନ୍ତ ସମ୍ପର୍କରେ ସମୀକ୍ଷା ଓ ଆଲୋଚନା କରିବାକୁ ସେ ଗୁରୁତ୍ୱାରୋପ କରିଥିଲେ। ଏହାଦ୍ୱାରା ଥାନା ସ୍ତରରେ ସମନ୍ୱୟ, ସତର୍କତା ଓ ତ୍ୱରିତ ପ୍ରତିକ୍ରିୟା କ୍ଷମତା ଆହୁରି ସୁଦୃଢ଼ ହେବ ବୋଲି ସେ କହିଥିଲେ। ଏହାବ୍ୟତୀତ ରାଜ୍ୟରେ ଆଇନ-ଶୃଙ୍ଖଳାକୁ ଆହୁରି ସୁଦୃଢ଼ କରିବା ପାଇଁ ଡିଜିପି ବିଭିନ୍ନ କଡ଼ା ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷକରି ଜାରିଥିବା ଏନ୍ବିଡବ୍ଲ୍ୟୁ ଗୁଡ଼ିକର ତ୍ୱରିତ କାର୍ଯ୍ୟକାରୀ, ଦୁର୍ଦ୍ଦାନ୍ତ ଓ ଅଭ୍ୟାସଗତ ଅପରାଧୀମାନଙ୍କ ବିରୋଧରେ ଏନ୍ଏସ୍ଏ ଅଧୀନରେ କଡ଼ା କାର୍ଯ୍ୟାନୁଷ୍ଠାନ ଏବଂ ନିଶାଦ୍ରବ୍ୟ କାରବାର ରୋକିବା ପାଇଁ ଜୋରଦାର ଚଢ଼ଉ ଅଭିଯାନ ଚଲାଇବାକୁ ସେ ଗୁରୁତ୍ୱାରୋପ କରିଥିଲେ।

ସେହିପରି, ସମସ୍ତ ଥାନା ଅଞ୍ଚଳରେ ବିଟ୍ ପେଟ୍ରୋଲିଂକୁ ଆହୁରି ସକ୍ରିୟ କରିବା, ଜାତୀୟ ରାଜପଥରେ ନିୟମିତ ପାଟ୍ରୋଲିଂ ବୃଦ୍ଧି କରିବା ସହ ଅସଦାଚରଣ ଓ ଅପରାଧପ୍ରବଣ ଘଟଣା ରୋକିବା ପାଇଁ ସ୍ୱତନ୍ତ୍ର ଅଭିଯାନ ଗ୍ରହଣ କରିବାକୁ ମଧ୍ୟ ସେ ନିର୍ଦ୍ଦେଶ ଦେଇଥିଲେ। ଏହାସହ ହତ୍ୟା ଭଳି ଗୁରୁତର ମାମଲାଗୁଡ଼ିକୁ ବରିଷ୍ଠ ପୁଲିସ୍ ଅଧିକାରୀମାନଙ୍କ ଦ୍ୱାରା ନିୟମିତ ଭାବେ ମନିଟରିଂ କରି ଅଭିଯୁକ୍ତଙ୍କ ଶୀଘ୍ର ଗିରଫଦାରୀ, ଦୃଢ଼ ତଦନ୍ତ ଏବଂ ଆଇନ ଅନୁଯାୟୀ ଦଣ୍ଡାଦେଶ ସୁନିଶ୍ଚିତ କରିବା ପାଇଁ ପ୍ରଭାବଶାଳୀ ପଦକ୍ଷେପ ନେବାକୁ ଡିଜିପି ନିର୍ଦ୍ଦେଶ ଦେଇଥିଲେ। ଆଗାମୀ ୧୫ ଦିନ ମଧ୍ୟରେ ପୁଲିସର ସକାରାତ୍ମକ କାର୍ଯ୍ୟ, ତ୍ୱରିତ ପଦକ୍ଷେପ ଓ ଜନସେବାମୂଳକ ଭୂମିକା ସମ୍ପର୍କରେ ସାଧାରଣ ଲୋକ ଅବଗତ ହେବା ଉଚିତ ବୋଲି ଡିଜିପି ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଡିଜିପି (କ୍ରାଇମବ୍ରାଞ୍ଚ) ବିନୟତୋଷ ମିଶ୍ର, ଗୁଇନ୍ଦା (ନିର୍ଦ୍ଦେଶକ) ଆର.ପି. କୋଚେ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର ପ୍ରମୁଖ ଉପସ୍ଥିତ ଥିଲେ।



# କୁଆଖାଇରେ ବୁଡ଼ି ଛାତ୍ରର ମୃତ୍ୟୁ

ଭୁବନେଶ୍ୱର,୧୦।୫(ସମିସ):

ବାଲିକୁଦା ଥାନା ଅନ୍ତର୍ଗତ ଓଷକଣା ପଞ୍ଚାୟତ ଅଣିଅଙ୍କ ଗ୍ରାମର ସାମ୍ବାଦିକ ଲିଙ୍କନ ସ୍ୱାଇଁଙ୍କ ଏକମାତ୍ର ପୁତ୍ର ନବମ ଶ୍ରେଣୀର ଛାତ୍ର ଆଶୁତୋଷ ସ୍ୱାଇଁ (୧୪) ଭୁବନେଶ୍ୱର କୁଆଖାଇ ନଦୀରେ ବୁଡି ପ୍ରାଣ ହରାଇଛନ୍ତି। ଏକ ଟିଭି ଚ୍ୟାନେଲରେ କାର୍ଯ୍ୟ କରୁଥିବା ଲିଙ୍କନ ମଞ୍ଚେଶ୍ୱର ଥାନା ଅଧୀନରେ ରହୁଥିବା ବେଳେ ପୁଅ ଆଶୁତୋଷ ଦିନ ପ୍ରାୟ ୩.୩୦ ମିନିଟ ସମୟରେ ନିଜ ସାଙ୍ଗ ସହ ପ୍ରତ୍ୟେକ ଦିନ ଭଳି ଖେଳିବାକୁ ଯାଇଥିଲା। ଏହି ସମୟରେ କୁଆଖାଇ ନଦୀ କୂଳରେ ବୁଲୁଥିବା ବେଳେ ହଠାତ ଗୋଡ଼ ଖସି ଯିବାରୁ ନଦୀ ମଧ୍ୟକୁ ଚାଲି ଯାଇଥିଲା। ନିଜର ସାଙ୍ଗ ବୁଡି ଯାଉଥିବା ଦେଖି ଅନ୍ୟ ସାଙ୍ଗ ଜଣଙ୍କ ଡାକ ପକାଇଥିଲେ ସୁଦ୍ଧା କେହି ଶୁଣି ନଥିଲେ। ଫଳରେ ଭୟରେ ସେଠାରୁ ପଳାଇ ଆସିବା ସହ ଘରେ କାହାକୁ କିଛି କହି ନଥିଲା। ପରେ ଆଶୁର ମା' କୌଣସି ଏକ କାର୍ଯ୍ୟରୁ ଫେରି ପୁଅକୁ ନପାଇ ଏଣେତେଣେ ଖୋଜାଖୋଜି କରିବା ସହ ସ୍ଥାନୀୟ ମଞ୍ଚେଶ୍ୱର ଥାନାରେ ଅବଗତ କରାଇଥିଲେ। ସିସିଟିଭି ଫୁଟେଜରୁ ସାଙ୍ଗ ସହ ଘରୁ ବାହାରକୁ ଯାଇଥିବା ଦେଖି ସାଙ୍ଗ ଘରେ ପହଞ୍ଚି ପଚରା



ଉଚରା କରିବା ପରେ ସତ୍ୟ ମାନିବା ସହ ଆଶୁ ବୁଡି ଯାଇଥିବା କଥା ସ୍ୱୀକାର କରିଥିଲା। ଫଳରେ ଅଗ୍ନିଶମ ବାହିନୀ ସହ ଯୋଗାଯୋଗ କରିବା ପରେ ରାତି ପ୍ରାୟ ୩ଟା ସମୟରେ ମୃତଶରୀର ଖୋଜି ପାଇବାରେ ସକ୍ଷମ ହୋଇଥିଲା ଅଗ୍ନିଶମ ବିଭାଗ। ପରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୁଲିସ ଶବ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଥିବା ବେଳେ ଆଜି ମୃତ ଶରୀରକୁ ପରିବାରକୁ ହସ୍ତାନ୍ତର କରାଯାଇଥିଲା। ଏକ ଇଂରାଜୀ ମିଡିୟମ ଘରୋଇ ଶିକ୍ଷା ଅନୁଷ୍ଠାନରେ ପାଠ ପଢୁଥିବା ଆଶୁତୋଷର ଅକାଳ ମୃତ୍ୟୁରେ ଭାଙ୍ଗି ପଡିଛି ସମ୍ପୂର୍ଣ୍ଣ ପରିବାର।

## ଜୀବନର କେତେ ରଙ୍ଗ

# ଭାଙ୍ଗି ପଡ଼ିନାହାନ୍ତି ବିଷ୍ଣୁ ପ୍ରସାଦ

ଭୁବନେଶ୍ୱର,୧୦।୫(ସମିସ): ଶାରୀରିକ ଅକ୍ଷମତା କେବେ ତାଙ୍କ ପାଇଁ ପ୍ରତିବନ୍ଧକ ସାଜିନି। ପରିବାର ପୋଷିବାର ଦାୟିତ୍ୱ ତାଙ୍କୁ ନିଜର ସବୁ କଷ୍ଟ ଭୁଲିବାକୁ ବାଧ କରିଛି। ସେଥିପାଇଁ ଆଜି ଡେଲିଭରୀ ବଏ ଭାବେ କାର୍ଯ୍ୟକରି ପରିବାର ଚଳାଉଛନ୍ତି। ନିଜ ପରିଶ୍ରମ ବଳରେ ସେ ଆଜି ରୋଜଗାରକ୍ଷମ ହୋଇ ପାରିଛନ୍ତି। ଯେଉଁଠି ସାଧାରଣ ମଣିଷଟିଏ ସୁସ୍ଥ ଥାଇ ମଧ୍ୟ ପରିଶ୍ରମ କରିବାକୁ ପଛାଉଥାଏ, ସେଠାରେ ବିଷ୍ଣୁ ପ୍ରସାଦ ଦିବ୍ୟାଙ୍ଗ ହୋଇ ମଧ୍ୟ କାମ କରିବାକୁ ପଛାଇ ନାହାନ୍ତି। ଚାଲିବା ତାଙ୍କ ପାଇଁ ସ୍ୱପ୍ନ ହେଲେ ବି ନିଜ ପରିବାରର ସ୍ୱପ୍ନ ସଜେଇବାକୁ ଦି ପଇସା ରୋଜଗାର କରିବାରେ ଦିନ ରାତି ଏକ କରିଦେଉଛନ୍ତି।

ଏ ହେଉଛନ୍ତି ବିଷ୍ଣୁ ପ୍ରସାଦ ମହାକୁଡ଼। ଡେଲ୍‌ଟା ଛକ ନିକଟରେ ନିଜ ପରିବାର ସହ ରହୁଛନ୍ତି। ଘରେ ମା', ସ୍ତ୍ରୀ ଓ ଗୋଟେ ପୁଅ ଏବଂ ଝିଅକୁ ନେଇ ତାଙ୍କ ସଂସାର। ବିଷ୍ଣୁ ପ୍ରସାଦଙ୍କ କାହାଣୀ ପୂର୍ବରୁ ଏପରି ନଥିଲା ହେଲେ ୨୦୧୦ ମସିହାର ସେ ଦୁର୍ଘଟଣା ତାଙ୍କ ଜୀବନର ମୋଡ ବଦଳାଇ ଦେଇଥିଲା। ଆଖି ପିଛୁଳାକେ ସୁସ୍ଥ ସବଳ ମଣିଷର ପରିଚୟ ବଦଳିଗଲା। ଭାଗ୍ୟକୁ ନା ଆଉ କାହାକୁ ଦୋଷ ଦେବା ଆଗରୁ ସବୁ କଷ୍ଟ ଯନ୍ତ୍ରଣା ନିଜକୁ ଭୋଗିବାକୁ ପଡ଼ିଥିଲା। ଘରର ପୁଅ ହିସାବରେ ଯେଉଁ ଦାୟିତ୍ୱର ଦାୟାଦ ସେ ପାଲଟି ଥାଆନ୍ତେ ସେଥିରୁ ସେ ଓହରି ଯାଇ ନାହାନ୍ତି କି ହାର ମାନିନାହାନ୍ତି। ପୂର୍ବରୁ ସେ ଏକ ପ୍ଲାଣ୍ଟରେ କାମ କରୁଥିଲେ। ଏବେ ଜୋମାଟୋରେ ଡେଲିଭରୀ ବଏ ଭାବେ କାର୍ଯ୍ୟ କରୁଛନ୍ତି। କାରଣ ପରିବାରର ସାହାରା ପାଲଟିବା ଏବଂ ପୁଅ, ଝିଅଙ୍କ



ଭବିଷ୍ୟତ ଗଢିବା ତାଙ୍କର ଏକମାତ୍ର ଲକ୍ଷ୍ୟ। ମାତ୍ର ସେତିକି ପ୍ରାପ୍ୟରେ ଘର ଚଳାଇବା ସମ୍ଭବପର ହୋଇ ନଥିବାରୁ ଏଥିରେ ତାଙ୍କ ପତ୍ନୀ ମଧ୍ୟ ଟେଲରିଂ କରି କିଛି ଦାୟିତ୍ୱ ସମ୍ଭାଳୁଛନ୍ତି। ଅର୍ଡର ସ୍ଥାନରେ ପହଞ୍ଚିବା ପରେ ବିଭିନ୍ନ ହୋଟେଲ ଏବଂ ଗ୍ରାହକ ମଧ୍ୟ ତାଙ୍କ ଅସୁବିଧା ଦେଖି ଖାଦ୍ୟ ନେବା ଦେବାରେ ସାହାଯ୍ୟ କରିଥାନ୍ତି। ହେଲେ ତାଙ୍କୁ ମିଳୁଥିବା ଭତ୍ତା ଏବଂ ଜୋମାଟୋର ପ୍ରାପ୍ୟ ଅଣ୍ଟୁ ନାହିଁ। ଯାହାକି ତାଙ୍କ ପୁଅ ଏବଂ ଝିଅଙ୍କୁ ଆଗକୁ ପାଠ ପଢ଼ାଇବାରେ ବାଧା ସୃଷ୍ଟି କରୁଛି। ସେମାନଙ୍କ ଭବିଷ୍ୟତ ଗଢ଼ିବାରେ ସେ ସରକାରଙ୍କ ତରଫରୁ କିଛି ସାହାଯ୍ୟ ମିଳିଲେ ଦୁଃଖ ଦୂର ହୁଅନ୍ତା ବୋଲି ଅନୁରୋଧ କରିଛନ୍ତି।

# ଆସିଲା ସୌମ୍ୟଙ୍କ ଶବ ବ୍ୟବଚ୍ଛେଦ ରିପୋର୍ଟ

ଭୁବନେଶ୍ୱର,୧୦।୫(ସମିସ): ଭିଡ଼ ହତ୍ୟାର ଶିକାର ଜିଆର୍‌ପି କନ୍‌ଷ୍ଟେବଲ୍ ସୌମ୍ୟରଞ୍ଜନ ସ୍ୱାଇଁଙ୍କ ବ୍ୟବଚ୍ଛେଦ ରିପୋର୍ଟ ଅରାସିଛି। କ୍ୟାପିଟାଲ ହସ୍ପିଟାଲରେ ତାଙ୍କ ଶବ ବ୍ୟବଚ୍ଛେଦ କରାଯାଇଥିଲା। ହସ୍ପିଟାଲ କର୍ତ୍ତୃପକ୍ଷ ବ୍ୟବଚ୍ଛେଦ ରିପୋର୍ଟକୁ କମିଶନରେଟ୍ ପୁଲିସକୁ ହସ୍ତାନ୍ତର କରିଛନ୍ତି। ତେବେ କେଉଁ କାରଣରୁ ତାଙ୍କର ମୃତ୍ୟୁ ହୋଇଛି, ପୁଲିସ୍ ପକ୍ଷରୁ ଏପର୍ଯ୍ୟନ୍ତ କିଛି ସ୍ପଷ୍ଟ କରାଯାଇନାହିଁ। ପୁଲିସ ଏହି ରିପୋର୍ଟର ଏକ ନକଲ କ୍ରାଇମ୍‌ବ୍ରାଞ୍ଚକୁ ହସ୍ତାନ୍ତର କରିଛି।

# ଗଞ୍ଜିପା ଶିଳ୍ପୀ ସତ୍ୟନାରାୟଣ ମହାରଣାଙ୍କୁ ଦୀନନାଥ ପାଠୀ କଳା ସମ୍ମାନ

ଭୁବନେଶ୍ୱର,୧୦।୫(ସମିସ): କେତକୀ ଫାଉଣ୍ଡେସନ୍ ଟ୍ରଷ୍ଟ ପକ୍ଷରୁ ଭାରତୀୟ ବିଦ୍ୟା ଭବନଠାରେ ଅନୁଷ୍ଠିତ ହୋଇଛି ଷଷ୍ଠ ଦୀନନାଥ ପାଠୀ କଳା ସମ୍ମାନ ଓ ଚତୁର୍ଥ ଦିନନାଥ ପାଠୀ ସ୍ମାରକୀ ବକ୍ତୃତା ପ୍ରଦାନ ସଭା। ଏହି ଆୟୋଜନରେ ଚଳିତ ବର୍ଷ ସୋନପୁରର ପ୍ରଖ୍ୟାତ ଗଞ୍ଜିପା ଚିତ୍ରଶିଳ୍ପୀ ସତ୍ୟନାରାୟଣ ମହାରଣାଙ୍କୁ ଓଡ଼ିଶାର ପାରମ୍ପରିକ ଗଞ୍ଜିପା କଳାର ସୁରକ୍ଷା ଓ ଅବିରତ ସାଧନା ପାଇଁ ଷଷ୍ଠ ଦିନନାଥ ପାଠୀ କଳା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଦିନନାଥ ପାଠୀଙ୍କ ସାମଗ୍ରିକ କୃତି ଓ ତାର ସାମ୍ପ୍ରତିକ ଗୁରୁତ୍ୱ ସମ୍ପର୍କରେ ଏ ବର୍ଷର ଚତୁର୍ଥ ଦିନନାଥ ପାଠୀ ସ୍ମାରକୀ ବକ୍ତୃତା ପ୍ରଦାନ କରିଥିଲେ ନାସନାଲ ମନୁମେଣ୍ଟସ ଅଥରିଟିର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର କିଶୋର କୁମାର ବାସା। ନିଜର ସନ୍ଦର୍ଭ 'ଓଡିଶାର କଳା ସ୍ଥାପତ୍ୟ: ଏକ ଇତିହାସତାତ୍ତ୍ୱିକ ଅଧ୍ୟୟନ' ଉପରେ ବ୍ୟାଖ୍ୟା କରିଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବେ



ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ଡ. ପ୍ରିୟମ୍ବଦା ମହାନ୍ତି ହେଜମାଦି ଯୋଗଦେଇଥିଲେ ଏବଂ ଚିତ୍ରଶିଳ୍ପୀ ରାମହରି ଜେନା କାର୍ଯ୍ୟକ୍ରମଟିକୁ ସଂଚାଳନା କରିଥିଲେ। କେତକୀ ଫାଉଣ୍ଡେସନର ମ୍ୟାନେଜିଂ ଟ୍ରଷ୍ଟି ଜ୍ୟୋତିରଞ୍ଜନ ସ୍ୱାଇଁ ଟ୍ରଷ୍ଟ ପକ୍ଷରୁ ଓଡ଼ିଶାର କଳା, ସାହିତ୍ୟ ଓ ସଂସ୍କୃତିର ସୁରକ୍ଷା ବିଷୟରେ ମତପ୍ରକାଶ କରିଥିଲେ।

# ବିଶ୍ୱ ଲୁପସ୍ ଦିବସରେ ସଚେତନତା ଶୋଭାଯାତ୍ରା

ଭୁବନେଶ୍ୱର,୧୦।୫(ସମିସ): ବିଶ୍ୱ ଲୁପସ୍ ଦିବସ ଅବସରରେ ଓଡ଼ିଶା ଆର୍ଥ୍ରାଇଟିସ୍ ଆଣ୍ଡ ରିଉମାଟୋଲୋଜି ଫାଉଣ୍ଡେସନ୍ ଟ୍ରଷ୍ଟ ପକ୍ଷରୁ ଲୁପସ ସମ୍ପର୍କିତ ସଚେତନତା ବୃଦ୍ଧି ପାଇଁ ଏକ ସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇଛି। ଏହି ଅବସରରେ ଓଏଆର୍‌ଏଫ୍‌ଟି ପକ୍ଷରୁ ଓଏଆର୍‌ସି ଶୈଳଶ୍ରୀ ବିହାର ପରିସରରୁ ଡିଏଭି ସ୍କୁଲ୍ ଛକ ପର୍ଯ୍ୟନ୍ତ ଏକ ୱାକାଥନର ଆୟୋଜନ କରାଯାଇଥିଲା। ଏହି ୱାକାଥନ୍‌ର ଉଦ୍‌ଘାଟନ ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ କରିଥିଲେ। ବରିଷ୍ଠ ଚିକିତ୍ସକ ଏବଂ ଭାରତୀୟ ରିଉମାଟୋଲୋଜି ସଂଘର ପୂର୍ବତନ ସଭାପତି ଡା. ମନୋଜ ଛୋଟରାୟ ଓ ବରିଷ୍ଠ ସାମ୍ବାଦିକ ଗିରିଜା ଶଙ୍କର ଦାଶ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଓଏଆରସିର ମେଡିକାଲ ନିର୍ଦ୍ଦେଶକ ପ୍ରଫେସର ଡ. ଜ୍ୟୋତି ରଞ୍ଜନ ପରିଡ଼ା ଏବଂ ଓଏଆରସି




ଶୈଳଶ୍ରୀବିହାର ଶାଖାର ମୁଖ୍ୟ ପରାମର୍ଶଦାତା ରିଉମାଟୋଲୋଜିଷ୍ଟ୍ ଡା. ଦେବାଶିଷ ମେକାପ ଲୁପସ ସମ୍ପର୍କିତ ସୂଚନା ପ୍ରଦାନ କରିଥିଲେ।

# ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଛାତ୍ରଛାତ୍ରୀଙ୍କ ଐତିହ୍ୟ ଅନୁସନ୍ଧାନ

**ଏକାମ୍ର ମହାବିଦ୍ୟାଳୟ**

ଧଉଳି,୧୦।୫(ସମିସ): ଜାତୀୟ ଶିକ୍ଷାନୀତିର ଲକ୍ଷ୍ୟ ଅନୁଯାୟୀ, ଶିକ୍ଷାକୁ କେବଳ ଶ୍ରେଣୀ ଗୃହ ମଧ୍ୟରେ ସୀମିତ ନ ରଖି ବାସ୍ତବ ଅଭିଜ୍ଞତା ମାଧ୍ୟମରେ ସମୃଦ୍ଧ କରିବା ପାଇଁ ଏକାମ୍ର ମହାବିଦ୍ୟାଳୟ ପକ୍ଷରୁ ଏକ ପ୍ରଶଂସନୀୟ ପଦକ୍ଷେପ ଗ୍ରହଣ କରାଯାଇଛି। ମହାବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ଦ୍ୱିତୀୟ ବର୍ଷ ତଥା ଚତୁର୍ଥ ସେମିଷ୍ଟରର ଛାତ୍ରଛାତ୍ରୀ ଗୋଷ୍ଠୀ ସହଭାଗିତା ଭିତ୍ତିରେ ଐତିହାସିକସ୍ଥଳୀ ଧଉଳି ପରିଦର୍ଶନ କରି ଓଡ଼ିଶାର ଗୌରବମୟ ଇତିହାସ ସମ୍ପର୍କରେ ଜ୍ଞାନ ଆହରଣ କରିଛନ୍ତି।

ଏହି ଶୈକ୍ଷିକ ଯାତ୍ରାରେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗୀୟ ମୁଖ୍ୟ ଡକ୍ଟର ପ୍ରଶାନ୍ତ କୁମାର ସେଠୀ, ବରିଷ୍ଠ ଅଧ୍ୟାପକ ଡକ୍ଟର ଅରବିନ୍ଦ ପ୍ରଧାନ, ଅଧ୍ୟାପିକା ଲୋଚନ ଖଣ୍ଡାଇ ଏବଂ ଅଧ୍ୟାପକ ମୋହନ କୁମାର ବଡମୁଣ୍ଡି ପ୍ରମୁଖ ତତ୍ତ୍ୱାବଧାନ କରିଥିଲେ। ଅଧ୍ୟାପକମାନେ ଧଉଳି ଶାନ୍ତି ସ୍ତୁପର ମହତ୍ତ୍ୱ ସହିତ ଅଶୋକଙ୍କ ଶିଳାଲେଖ ଓ ହାତୀଗୁମ୍ଫା ଶିଳାଲେଖର ଐତିହାସିକ ପୃଷ୍ଠଭୂମି ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ବିଶେଷ କରି ପ୍ରାଚୀନ ଓଡ଼ିଆ କଳା, ସ୍ଥାପତ୍ୟ ଏବଂ ଶିଳାଲେଖରେ ଖୋଦିତ ଭାଷାର ବିବର୍ତ୍ତନ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ ପ୍ରଦାନ କରାଯାଇଥିଲା।

ଏହି ଅବସରରେ ଧଉଳି ପଞ୍ଚାୟତର ସରପଞ୍ଚ ଶ୍ରୀ ଚନ୍ଦନ ମଲ୍ଲିକ ଏବଂ ଗ୍ରାମ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟବ୍ରତ ସାମନ୍ତରାୟ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିବା ସହ ସ୍ଥାନୀୟ ଅଞ୍ଚଳର ସୁରକ୍ଷା ଓ ଇତିହାସ ବିଷୟରେ ସଂକ୍ଷେପରେ ଆଲୋକପାତ କରିଥିଲେ। ପରିଦର୍ଶନ ସମୟରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ମଧ୍ୟ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯାଇଥିଲା। ଭିଡ଼ ଶିକ୍ଷାଦାନର ଏହି ଅଭିନବ ଶୈଳୀ ଦ୍ୱାରା ପିଲାମାନେ ନିଜ ସଂସ୍କୃତି ଓ ପରମ୍ପରାକୁ ନିକଟରୁ ଦେଖିବାର ସୁଯୋଗ ପାଇଥିଲେ। ପାଠ୍ୟପୁସ୍ତକର ଜ୍ଞାନକୁ ପ୍ରାୟୋଗିକ କ୍ଷେତ୍ରରେ ପରଖିବାର ଏହି ପ୍ରୟାସ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନୂତନ ଉନ୍ମାଦନା ସୃଷ୍ଟି କରିଛି। ଏହି ପରିଦର୍ଶନ କେବଳ ଏକ ଭ୍ରମଣ ନ ହୋଇ ଓଡ଼ିଶାର ଅସ୍ମିତାକୁ ବୁଝିବାର ଏକ ମାଧ୍ୟମ ସାଜିଥିଲା।

# 'ବୈଷ୍ଣବ ପାଣି ଥିଲେ ଗଣମାନସର କବି ଓ କଳାକାର'

**ଗଣକବି ବୈଷ୍ଣବ ପାଣିଙ୍କ ପୁଣ୍ୟ ତିଥି ପାଳିଲା ବିଜେଡି**

ଭୁବନେଶ୍ୱର,୧୦।୫(ସମିସ): ଗଣକବି ବୈଷ୍ଣବ ପାଣି ଥିଲେ ଏକଧାରାରେ କବି, ନାଟ୍ୟକାର, ନାଟ୍ୟ ନିର୍ଦ୍ଦେଶକ, ଅଭିନେତା, ସାହିତ୍ୟକ ଏବଂ ସର୍ବୋପରି ଜଣେ ସମାଜ ସଂସ୍କାରକ। ଗୀତିନାଟ୍ୟ ପରମ୍ପରାକୁ ଋଦ୍ଧିମନ୍ତ କରି ସେ ଗଣକବିର ଆଖ୍ୟା ପାଇଛନ୍ତି ବୋଲି ରବିବାର ତାଙ୍କର ପୁଣ୍ୟ ତିଥିରେ ଉପସ୍ଥିତ ଅତିଥିମାନେ ମତ ରଖିଥିଲେ। ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ପାଶ୍ୱର୍ରେ ଅବସ୍ଥିତ ତାଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ଦ୍ୱାରା ତାଙ୍କର ପୁଣ୍ୟ ତିଥି ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି ସଞ୍ଚାଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶକ୍ତିକାନ୍ତ ବେହେରା, ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପାତାଳ ସିଂ, ସଂଯୁକ୍ତା ପାଣିଗ୍ରାହୀ, ସମାଜସେବୀ ମନୋରଞ୍ଜନ ମହାନ୍ତି, ବିଜୟ ସାହୁ ସୁକାନ୍ତ ଜେନା ଓ ଭାବିନି ଜେନା ପ୍ରମୁଖ ଯୋଗଦାନ କରି ଗଣକବିଙ୍କୁ ଶ୍ରଦ୍ଧା ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶେଷରେ ଅମିତ୍ ପାତାଳ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।




# ବିଶ୍ୱ ମାତୃ ଦିବସରେ ରକ୍ତଦାନ ଶିବିର



ଭୁବନେଶ୍ୱର,୧୦।୫(ସମିସ): ବିଶ୍ୱ ମାତୃ ଦିବସ ଏବଂ ମା ସନ୍ତୋଷୀ ନିର୍ମାଣ ସଂସ୍ଥାର ମୁଖ୍ୟ ସନ୍ତୋଷ କୁମାର ବେହେରା ଏବଂ ସରସ୍ୱତୀ ବେହେରାଙ୍କ ବିବାହ ବାର୍ଷିକୀ ଅବସରରେ ଓ ଜାତୀୟ ଯୁବ ପ୍ରକଳ୍ପର ସ୍ୱେଚ୍ଛାସେବୀ ମାନସ୍ମୃପ୍ତି ମହାପାତ୍ରଙ୍କ ଜନ୍ମ ଦିବସ ଅବସରରେ ରାଜଧାନୀ ଡାକ୍ତରଖାନା ରକ୍ତ କେନ୍ଦ୍ର ପରିସରରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଏହି ଶିବିରକୁ ଜାତୀୟ ଯୁବ ପ୍ରକଳ୍ପ ରାଷ୍ଟ୍ରୀୟ ଟ୍ରଷ୍ଟି ମଧୁସୂଦନ ଦାସ ଉଦ୍‌ଘାଟନ କରିଥିଲେ। ମିଶନ ରକ୍ତଦାନ ସଂଯୋଜକ ବିଭୂତି ଭୂଷଣ ସାହୁ ରକ୍ତଦାନର ଆବଶ୍ୟକତା ସମ୍ପର୍କରେ ସଚେତନତା କରିଥିଲେ। ଶିବିରରୁ ୨୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଏହି ଶିବିରରେ ହର ପ୍ରସାଦ ମହାପାତ୍ର, ଚନ୍ଦ୍ରକାନ୍ତ ଭୋଇ, ମାନସୀ ସରକାର, ବିଭୂତି ଭୂଷଣ ସାହୁ, ମାନୀ ପଣ୍ଡା ଏବଂ ଜୟଦେବ କଲେଜର ଛାତ୍ରଛାତ୍ରୀ ମଧ୍ୟ ଉପସ୍ଥିତ ଥିଲେ।

# ପରିଚୟ ମାତୃଶକ୍ତି ସମ୍ମାନ ୨୦୨୬

ଭୁବନେଶ୍ୱର,୧୦।୫(ସମିସ): ମାତୃ ଦିବସ ଅବସରରେ ପ୍ରୟାସ ଓ ବ୍ରାଇଟ ଓଡ଼ିଶା ଫାଉଣ୍ଡେସନର ମିଳିତ ଆୟୋଜନରେ 'ପରିଚୟ ମାତୃଶକ୍ତି ସମ୍ମାନ-୨୦୨୬' ଏକ ଘରୋଇ ହୋଟେଲ ପରିସରରେ ଅନୁଷ୍ଠିତ ହୋଇଛି। ସମାଜର ବିଭିନ୍ନ କ୍ଷେତ୍ରରେ ମାଆମାନଙ୍କ ଅଦମ୍ୟ ସଂଘର୍ଷ, ତ୍ୟାଗ, ସଫଳତା ଓ ଅମୂଲ୍ୟ ଅବଦାନକୁ ସମ୍ମାନ ଜଣାଇବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଥିଲା। କାର୍ଯ୍ୟକ୍ରମରେ ସାଂସଦ ଅପରାଜିତା ଷଡ଼ଙ୍ଗୀ ମୁଖ୍ୟ ଅତିଥି ଏବଂ ବକ୍ତା ପ୍ରଫେସର ଦାଶ ବେନହୁର ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ସେହିଭଳି ଆଇଏସଡିପିଏଲ୍ ଜର୍ମାନୀର ପରିଚାଳନା ନିର୍ଦ୍ଦେଶକ ବ୍ରାମ ଭାଣ୍ଡେପିଟ୍‌ଟେ ବିଶେଷ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଡ. ଭାଗ୍ୟଲିପି ମଲ୍ଲ, ପ୍ରୟାସ ଅନୁଷ୍ଠାନର ପ୍ରତିଷ୍ଠାତା ସଭାପତି ପ୍ରିୟଦର୍ଶୀ ମିଶ୍ର, ପ୍ରତିଷ୍ଠାତା ସଭାନେତ୍ରୀ ଡ. ରୋଜାଲିନ ପଟ୍ଟଶାଣୀ ମିଶ୍ର, ବ୍ରାଇଟ ଓଡ଼ିଶା ଫାଉଣ୍ଡେସନର ସଂସ୍ଥାପକ ସଞ୍ଜୟ କୁମାର ମହାକୁଡ଼ ମଧ୍ୟ ଉପସ୍ଥିତ ଥିଲେ। ସମାଜର ବିଭିନ୍ନ କ୍ଷେତ୍ରରେ ନିଜ କୃତୀତ୍ୱ ଓ ସଫଳତା ମାଧ୍ୟମରେ ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଥିବା ୧୨ ଜଣ କୃତୀ ମହିଳାଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯାଇଥିଲା।



# ନିଷ୍ଠା ଓ ସାଧନା ବଳରେ ଅସମ୍ଭବକୁ ସମ୍ଭବ କରିହୁଏ

ଭୁବନେଶ୍ୱର,୧୦।୫(ସମିସ):

ଅଦମ୍ୟ ନିଷ୍ଠା ଓ ସାଧନା ବଳରେ ଅସମ୍ଭବକୁ ମଧ୍ୟ ସମ୍ଭବ କରିହୁଏ। ଅଞ୍ଜି ଜଣେ ସୁନିପୁଣା ନୃତ୍ୟଶିଳ୍ପୀ। କଳା କ୍ଷେତ୍ରରେ ଅନେକ ସମ୍ମାନ ଓ ସ୍ୱୀକୃତିର ଅଧିକାରିଣୀ। ମାତ୍ର ଘଟଣାକ୍ରମେ ଅସାମାଜିକ ତତ୍ତ୍ୱଙ୍କ ଲୋଲୁପ ଦୃଷ୍ଟିର ଶିକାର ହୁଏ ସେ। ତା'ର ପ୍ରତି ପ୍ରତିବାଦ ଓ ପ୍ରତିରୋଧ କ୍ଷୀଣ ହୋଇଯାଏ। ସେମାନଙ୍କ ସାମ୍ନାରେ ଏବଂ ଏସିଡ୍ ଆକ୍ରମଣରେ ସବୁଦିନ ପାଇଁ ହରାଇ ବସେ ନିଜର ବାକ୍‌ଶକ୍ତି ଓ ଶ୍ରବଣ ଶକ୍ତି। ତଥାପି ପରାଜୟ ସ୍ୱୀକାର କରେ ନାହିଁ ସେ। ତା'ର ପ୍ରେରଣାର ଉତ୍ସ ତା' ବାପା ହିମାଂଶୁ। ନିଜର କଠୋର ସାଧନା ବଳରେ ଧ୍ୱନି ତରଙ୍ଗର ସ୍ପନ୍ଦନକୁ ଅନୁଭବ ପୂର୍ବକ ପୁର୍ନବାର ସେ ନୃତ୍ୟ ଆରମ୍ଭ କରେ ଏବଂ ପ୍ରସିଦ୍ଧି ଓ ପ୍ରତିଷ୍ଠା ଅର୍ଜନ କରେ। ନିଷ୍ଠା ଓ ସାଧନା ବଳରେ ଅସମ୍ଭବ ସମ୍ଭବରେ ପରିଣତ ହୁଏ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ଏବଂ ଓଡ଼ିଶା ନାଟ୍ୟ ସଂଘର ମିଳିତ ଆନୁକୂଲ୍ୟରେ ନାଟ୍ୟ ଧାରା କାର୍ଯ୍ୟକ୍ରମରେ ରବିବାର ରବୀନ୍ଦ୍ର ମଣ୍ଡପରେ ନାଟକ ସାଧନା ମଞ୍ଚସ୍ଥ ହୋଇଯାଇଛି।

ଶ୍ରୀ କଲ୍‌ଚରାଲ ଆସୋସିଏସନ୍, ସମ୍ବଲପୁର ନାଟ୍ୟ ଅନୁଷ୍ଠାନ ଏହି ନାଟକକୁ ପରିବେଷଣ କରିଥିଲେ। ଆଶିଷ କୁମାର ସୋନାରଙ୍କ ରଚିତ ଏବଂ ସତ୍ୟ ରଞ୍ଜନ ବେହେରାଙ୍କ ନିର୍ଦ୍ଦେଶିତ ସମ୍ବଲପୁରୀ ନାଟକରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ ସୌମ୍ୟଜିତ୍ ବଡ଼ପଣ୍ଡା। ନାଟ୍ୟ ସଂଘର ସାଧାରଣ ସମ୍ପାଦକ ସୁଧାଂଶୁ ମୋହନ ଦ୍ୱିବେଦୀ ପ୍ରାରମ୍ଭିକ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଅତିଥି ଭାବେ ନାଟ୍ୟକାର ତଥା ମଞ୍ଚ ନାଟକ ନିର୍ଦ୍ଦେଶକ ଲଲାଟେନ୍ଦୁ ରଥ ଯୋଗଦେଇଥିଲେ। ନାଟକର ନିର୍ଦ୍ଦେଶକ ବେହେରାଙ୍କୁ ସମ୍ମାନିତ ଅତିଥି ମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସଂଘର ଯୁଗ୍ମ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ମହାନ୍ତି ଧନ୍ୟବାଦ ଦେଇଥିଲେ। ସୂଚନାଯୋଗ୍ୟ ଏହି ନାଟକର ବାର୍ତ୍ତାକୁ ବହନ କରୁଥିବା ଏହି ଭିନ୍ନ ସ୍ୱାଦ ସମ୍ବଲପୁରୀ ନାଟକ ମାଗାସେସେ ପୁରସ୍କାର ବିଜୟିନୀ ପ୍ରସିଦ୍ଧ ମୂକ-ବଧିର ଶିଳ୍ପୀ ଏଭଲିନ୍ ଗ୍ଲେନିଙ୍କ ସଂଘର୍ଷମୟ ଷମୟ ଜୀବନ କାହାଣୀରୁ ଅନୁ ଅନୁପ୍ରେରିତ।



# 'ପ୍ରୟାସ' ପକ୍ଷରୁ ବୃକ୍ଷରୋପଣ



ଭୁବନେଶ୍ୱର,୧୦।୫(ସମିସ): ମାତୃ ଦିବସ ଅବସରରେ ପ୍ରୟାସ ତରଫରୁ ମଞ୍ଚେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟ-୩ ଠାରେ ଶତାଧିକ ବୃକ୍ଷ ରୋପଣ କରାଯାଇଛି। କେନ୍ଦ୍ରୀୟ ବିଦ୍ୟାଳୟ ଅଧ୍ୟକ୍ଷ ଡ. ଏକେ ମିଶ୍ର, ଏମ୍‌କେ ବଳିଆରସିଂଙ୍କ ସହ ବିଦ୍ୟାଳୟର କର୍ମକର୍ତ୍ତା ତଥା ବିଦ୍ୟାର୍ଥୀମାନେ ଓ ପ୍ରୟାସର ସଭାପତି ଚିରଞ୍ଜିବୀ ରେଡ୍ଡୀ ଏବଂ ସମ୍ପାଦକ ପ୍ରମୋଦ କୁମାର ମହାରଣା, ସେବା ପ୍ରତିନିଧିର ମୁଖ୍ୟ ସଂଗଠକ ନୀଳମଣି ମିଶ୍ର କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ପ୍ରୟାସର କର୍ମକର୍ତ୍ତା ଅନୁଦାନ ଦ୍ୱାରା ଅସହାୟ ଛାତ୍ରଛାତ୍ରୀଙ୍କୁ ଶିକ୍ଷାର ସମସ୍ତ ଖର୍ଚ୍ଚ ବହନ କରିବା ସହ ବିଭିନ୍ନ ବିଦ୍ୟାଳୟମାନଙ୍କରେ ବୃକ୍ଷ ରୋପଣ କରି ଯତ୍ନ ନେବା, ଗ୍ରୀଷ୍ମ ଋତୁରେ ଜଳଛତ୍ର, ପଶୁପକ୍ଷୀଙ୍କୁ ଖାଦ୍ୟ ପ୍ରଦାନ ଆଦି କାର୍ଯ୍ୟ ମଧ୍ୟ ଅନୁଷ୍ଠାନ ତରଫରୁ କରାଯାଇଥାଏ।

# ୫୩ ୟୁନିଟ୍ ରକ୍ତ ସଂଗୃହୀତ

ଭୁବନେଶ୍ୱର,୧୦।୫(ସମିସ): ଆର୍ଟ ଅଫ ଲିଭିଙ୍ଗ ଆନୁକୂଲ୍ୟରେ ରବିବାର ରବିଶଙ୍କରଙ୍କ ୭୦ ତମ ଜନ୍ମ ବାର୍ଷିକ ଏବଂ ଆନ୍ତର୍ଜାତିକ ମାତୃ ଦିବସ ଅବସରରେ ସହିଦ୍‌ନଗର ଦୁର୍ଗାପୂଜା ମଣ୍ଡପଠାରେ ଏକ ରକ୍ତ ଦାନ ଶିବିର ଆୟୋଜିତ ହୋଇଛି। ଶିବିରଟି ସକାଳ ସମୟରେ ଆରମ୍ଭ ହୋଇଥିଲା। ଏଥିରେ ବିଭିନ୍ନ ବର୍ଗର ରକ୍ତଦାତାମାନଙ୍କଠୁ ମୋଟ ୫୩ ୟୁନିଟ୍‌ର ରକ୍ତ ସଂଗ୍ରହ କରାଯାଇଥିଲା। ଏହି ସଂଗୃହୀତ ରକ୍ତକୁ ରାମଚନ୍ଦ୍ର ଭଞ୍ଜ ମେଡିକାଲ୍ କଲେଜ୍ ଓ ହସ୍ପିଟାଲ କଟକ ରକ୍ତ ସେଣ୍ଟର୍‌ର ମେଡିକାଲ୍ ଟିମ୍ ସଂଗ୍ରହ କରିଥିଲେ। ଶିବିରକୁ ସହିଦ୍ ନଗର ପୂଜା ମଣ୍ଡପରେ ଆୟୋଜନ କରିବା ପାଇଁ ସହାୟ ସ୍ୱେଚ୍ଛାସେବୀମାନେ ସହଯୋଗ କରିଥିଲେ।

ସକାଳ
THE SAKALA





**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୪.୪୯ • ପାଉଣ୍ଡ ୧୨୮.୭୬
- ୟୁରୋ ୧୧୧.୨୮ • ୟେନ୍ ୦.୬୦

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୩୯,୬୫୦ (ଭୁବନେଶ୍ୱର)
- ରୁପା : ୨,୮୦,୦୦୦ (କେଜି)

**ଷ୍ଟକ୍ ମାର୍କେଟ୍**



ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୭,୩୨୮.୦୦
- ନିଫ୍ଟି ୨୪,୧୭୬.୦୦

**ପେଟ୍ରୋଲ-ଡିଜେଲ୍**



ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦

# ଏଡିବିର ଚେତାବନୀ: ଅସମ୍ଭାଳ ହେବ ତେଲ ଦର

## ମଧ୍ୟପ୍ରାଚ୍ୟ ସଙ୍କଟ

## ବିପଦରେ ଭାରତର ଅଭିବୃଦ୍ଧି

ନୂଆଦିଲ୍ଲୀ,୧୦।୫(ଏଜେନ୍ସି): ଦିନକୁ ଦିନ ଘନେଇବାରେ ଲାଗିଛି ମଧ୍ୟପ୍ରାଚ୍ୟ ସଙ୍କଟ। ଏହି ସଙ୍କଟ ଏବେ ଏପରି ରୂପ ନେବାରେ ଲାଗିଛି ଯେ, ଯାହା ଦେଶରେ ଶକ୍ତି ସଙ୍କଟକୁ ଉପରମୁହାଁ କରିବ। ଏ ନେଇ ଏସୀୟ ବିକାଶ ବ୍ୟାଙ୍କ (ଏଡିବି) ଚେତାବନୀ ଦେଇଛି। ବ୍ୟାଙ୍କର ମୁଖ୍ୟ ଅର୍ଥନୀତିଜ୍ଞ ଆଲବର୍ଟ ପାର୍କ କହିଛନ୍ତି ଯେ ଆଗାମୀ ବର୍ଷଗୁଡ଼ିକରେ ଅଶୋଧିତ ତୈଳ ମୂଲ୍ୟ ଉଚ୍ଚ ରହିବାର ସମ୍ଭାବନା ରହିଛି। ଏହା ମଧ୍ୟପ୍ରାଚ୍ୟରେ ଦୀର୍ଘକାଳୀନ ଉତ୍ତେଜନା ଯୋଗୁଁ ହେବ। ସେ ସତର୍କ କରାଇଛନ୍ତି ଯେ ଏହା ଭାରତର ଅଭିବୃଦ୍ଧିକୁ ପ୍ରଭାବିତ କରିପାରେ, ଏବଂ ମୁଦ୍ରାସ୍ଫୀତିର ବିପଦ ମଧ୍ୟ ବୃଦ୍ଧି କରିପାରେ।

ଏଡିବିର ଆକଳନ ଅନୁଯାୟୀ, ଅଗାମୀ ଦିନରେ ବିଶ୍ୱ ବଜାରରେ ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧି ପାଇବା ଆଶଙ୍କା କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ବ୍ୟାଙ୍କର ସର୍ବଶେଷ ପୂର୍ବାନୁମାନ ୨୦୨୬ ରେ ତୈଳର ହାରାହାରି ମୂଲ୍ୟ ପ୍ରତି ବ୍ୟାରେଲ ୯୬ ଡଲାର ହେବ ବୋଲି ଆକଳନ କରାଯାଇଛି। ଏହା ୨୦୨୭ ରେ ପ୍ରତି ବ୍ୟାରେଲ ୮୦ ଡଲାରର ଉଚ୍ଚ ସ୍ତରରେ ରହିପାରେ। ତେଣୁ, ଯାହା ଆଶଙ୍କା କରାଯାଉଛି ତୈଳ ମୂଲ୍ୟ ଦୀର୍ଘ ସମୟ ପର୍ଯ୍ୟନ୍ତ ଉଚ୍ଚ ରହିବ। ବିଶେଷଜ୍ଞମାନେ ଆହୁରି ମଧ୍ୟ ବ୍ୟାଖ୍ୟା କରିଛନ୍ତି ଯେ କିପରି ଭବିଷ୍ୟତ ବଜାରଗୁଡ଼ିକ ବର୍ତ୍ତମାନ ପରବର୍ତ୍ତୀ ବର୍ଷ ମୂଲ୍ୟ ଉପରେ ଚାପ ଜାରି ରଖୁଛନ୍ତି। ରିପୋର୍ଟ ଅନୁଯାୟୀ, ପଶ୍ଚିମ ଏସିଆରେ ଚାଲିଥିବା ସଙ୍କଟ ୨୦୨୬-୨୭ ରେ ଭାରତର ଜିଡିପି ଅଭିବୃଦ୍ଧିରେ



୦.୬% ହ୍ରାସ କରିପାରେ। ଏହା ଭାରତର ଅର୍ଥନୈତିକ ଅଭିବୃଦ୍ଧିକୁ ୬.୩% ଖସାଇଆଣିବ। ଏହାସହିତ, ଦେଶରେ ଏଭଳି ସ୍ଥିତି ମୁଦ୍ରାସ୍ଫୀତି ଚାପରେ ତୀବ୍ର ବୃଦ୍ଧି ଆଣିପାରେ। ଏପ୍ରିଲରେ ଏସୀୟ ବିକାଶ ବ୍ୟାଙ୍କ ଆକଳନ କରିଥିଲା ଯେ ଭାରତର ଅର୍ଥନୀତି ଚଳିତ ଆର୍ଥିକବର୍ଷରେ ୬.୯%ଏବଂ ପରବର୍ତ୍ତୀ ଆର୍ଥିକ ବର୍ଷରେ ୭.୩% ବୃଦ୍ଧି ପାଇବ।

ଅର୍ଥନୀତିଜ୍ଞ ଆହୁରି ମଧ୍ୟ କହିଛନ୍ତି ଯେ ଭାରତରେ ମୁଦ୍ରାସ୍ଫୀତି ଚଳିତ ବର୍ଷ ୨.୪% ପ୍ରତିଶତ ବୃଦ୍ଧି ପାଇ ୬.୯% ପ୍ରତିଶତରେ ପହଞ୍ଚିପାରେ। ଏହା ମୁଖ୍ୟତଃ ଆମଦାନୀ ହୋଇଥିବା ତେଲ ଏବଂ ଗ୍ୟାସ ଉପରେ ଦେଶର ନିର୍ଭରଶୀଳତା ଯୋଗୁଁ ସମ୍ଭବ ହେବ। ପାର୍କଙ୍କ ଅନୁଯାୟୀ, ଏହା ଏହି ଅଞ୍ଚଳ (ଏସିଆ-ପ୍ରଶାନ୍ତ ମହାସାଗର) ରେ ମୁଦ୍ରାସ୍ଫୀତିର ପ୍ରଭାବ ଅପେକ୍ଷା ଟିକିଏ ଅଧିକ ରହିବ। କାରଣ ଭାରତ ଆମଦାନୀ ହୋଇଥିବା ତେଲ ଏବଂ ଗ୍ୟାସ ଉପରେ ଅଧିକ ନିର୍ଭରଶୀଳ। ଯଦି ଚୀନକୁ ବାଦ ଦିଆଯାଏ, ତେବେ ଚଳିତ ବର୍ଷ ଅଭିବୃଦ୍ଧି ଉପରେ ଏହି ନକାରାତ୍ମକ ୦.୬% ପ୍ରତିଶତ ପ୍ରଭାବ ସମଗ୍ର ଅଞ୍ଚଳ ଉପରେ ପ୍ରଭାବ ସହିତ ସମାନ।

# ୩ ବର୍ଷରେ ୧ ହଜାର କର୍ମଚାରୀଙ୍କୁ ବରଖାସ୍ତ କରିଛି ଏୟାର ଇଣ୍ଡିଆ

ନୂଆଦିଲ୍ଲୀ,୧୦।୫(ଏଜେନ୍ସି): ଏୟାର ଇଣ୍ଡିଆ ସିଇଓ କ୍ୟାମ୍ପବେଲ ୱିଲସନଙ୍କ ଅନୁସାରେ ଏୟାର ଲାଇନ ଗତ ୩ ବର୍ଷରେ ନୈତିକତା ଉଲ୍ଲଂଘନ ଲାଗି ୧ ହଜାରରୁ ଅଧିକ କର୍ମଚାରୀଙ୍କୁ ବରଖାସ୍ତ କରିଛି। ସେ କହିଛନ୍ତି ପ୍ରତିବର୍ଷ ଶହଶହ କର୍ମଚାରୀଙ୍କୁ ନିୟମ ଉଲ୍ଲଂଘନ ପାଇଁ ଚାକିରିରୁ ବରଖାସ୍ତ କରାଯାଉଛି। ଏୟାର ଇଣ୍ଡିଆରେ ଏବେ ୨୪ ହଜାରରୁ ଅଧିକ କର୍ମଚାରୀ କାମ କରୁଛନ୍ତି। ୱିଲସନ କର୍ମଚାରୀଙ୍କ ସହ ଟାଉନହଲ ବୈଠକ କାଳରେ ଏହି ସୂଚନା ଦେଇଛନ୍ତି। ୱିଲସନ କହିଛନ୍ତି ଯେ ଅନେକ କର୍ମଚାରୀଙ୍କୁ ପ୍ଲେନରୁ ସାମାନ ତସ୍କରୀ ଓ ବିନା ଶୁଳ୍କରେ ଅତିରିକ୍ତ ସାମାନ ନେବା ଭଳି ମାମଲାରେ ହଟା ଯାଇଛି। ଏହାଛଡା କର୍ମଚାରୀଙ୍କ ଲାଗି ତିଆରି ହୋଇଥିବା ଏମ୍ପ୍ଲଇ ଲିଜର ଟ୍ରାଭେଲ ସିଷ୍ଟମର ତ୍ରୁଟିପୂର୍ଣ୍ଣ ଉପଯୋଗ ମାମଲା ମଧ୍ୟ ସାମ୍ନାକୁ ଆସିଛି। ରିପୋର୍ଟ ଅନୁସାରେ ଏୟାର ଇଣ୍ଡିଆ ଏହି ସିଷ୍ଟମରେ ଶହଶହ କର୍ମଚାରୀଙ୍କ ତ୍ରୁଟି ଧରିଛି। ଏପରି ମାମଲାରେ କମ୍ପାନୀ ଜରିମନା ଲାଗୁ କରିବା ଓ ନିୟମ କଡ଼ାକଡ଼ି କରିବା ଭଳି ପଦକ୍ଷେପ ନେଇଛି।

ଏୟାର ଇଣ୍ଡିଆ ଏବେ ଆର୍ଥିକ ଚାପର ସମ୍ମୁଖୀନ ହୋଇଛି। ଏଣୁ ଖର୍ଚ୍ଚ ହ୍ରାସ ପାଇଁ ଉପାୟ କାର୍ଯ୍ୟକାରୀ କରୁଛି। ଏଥିରେ କମ୍ପାନୀ କର୍ମଚାରୀଙ୍କ ବାର୍ଷିକ ବେତନ ବୃଦ୍ଧିକୁ କିଛି ସମୟ ଲାଗି ଟାଳି ଦେଇଛି। ଏହା ସହିତ ଜରୁରି ନଥିବା ଖର୍ଚ୍ଚ କାଟ କରିବାକୁ ମଧ୍ୟ ପରାମର୍ଶ ଦିଆଯାଇଛି। କମ୍ପାନୀ ପ୍ରବନ୍ଧନ କର୍ମଚାରୀଙ୍କୁ ଫାଲତୁ ଖର୍ଚ୍ଚ ରୋକିବାକୁ ଓ ଅସୁବିଧା ସମୟକୁ ବୁଝିବା ପାଇଁ ନିବେଦନ କରିଛି। ଏୟାର ଲାଇନ କହିଛି ଯେ ଏବେକା ପରିସ୍ଥିତିରେ ସବୁ ସ୍ତରରେ ଖର୍ଚ୍ଚ ନିୟନ୍ତ୍ରଣ ଜରୁରି ହୋଇପଡିଛି। ଏୟାର ଇଣ୍ଡିଆ ସିଇଓ କର୍ମଚାରୀଙ୍କୁ କହିଛନ୍ତି ଯେ ଯଦି ମଧ୍ୟପ୍ରାଚ୍ୟ ପରିସ୍ଥିତିରେ ସୁଧାର ନ ଆସେ ଏହି ବର୍ଷ କମ୍ପାନୀ ଲାଗି ଅଧିକ କଠିନ ହୋଇପାରେ।

# ଆମେରିକାରେ ଚାକିରି ସଙ୍କଟ

## ୨୦୨୬ରେ ୯୨ ହଜାରରୁ ଅଧିକ ଛଟେଇ

ନୂଆଦିଲ୍ଲୀ,୧୦।୫(ଏଜେନ୍ସି): ଆମେରିକାର କର୍ପୋରେଟ୍ କ୍ଷେତ୍ର ପାଇଁ ୨୦୨୬ ବେଶ ଚିନ୍ତାର ବର୍ଷ ହୋଇଛି। ବର୍ଷର ମାତ୍ର କିଛି ମାସ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ୯୨,୦୦୦ରୁ ଅଧିକ କର୍ମଚାରୀ ଛଟେଇ ହୋଇଛନ୍ତି। ଏଭଳି ପରିସ୍ଥିତିକୁ ଦେଖି ଅର୍ଥନୀତିଜ୍ଞ ଏବଂ ଶିଳ୍ପ ବିଶେଷଜ୍ଞମାନେ ଭୟ କଲେଣି। ଏସବୁ ଦ୍ୱାରା କର୍ପୋରେଟ୍ ଜଗତର କାର୍ଯ୍ୟଶୈଳୀରେ ଏକ'ସ୍ଥାୟୀ ରୂପାନ୍ତରଣ ହେବ। ଯାହା ଭବିଷ୍ୟତର ଚାକିରି ବଜାରକୁ ସମ୍ପୂର୍ଣ୍ଣ ବଦଳାଇ ଦେଇପାରେ ବୋଲି ବିଶେଷଜ୍ଞମାନେ ଚିନ୍ତା ପ୍ରକଟ କରିଛନ୍ତି।

ଲେଅଫ୍ସଡଟ୍ଏଫ୍‌ୱାଇଆଇର ରିପୋର୍ଟ ଅନୁଯାୟୀ, ୨୦୨୬ରେ୯୨,୦୦୦ରୁ ଅଧିକ ଟେକ୍ କର୍ମଚାରୀଙ୍କୁ ଛଟେଇ କରାଯାଇଛି। ୨୦୨୦ପରଠାରୁ ମୋଟ ଛଟେଇ ହୋଇଥିବା କର୍ମଚାରୀଙ୍କ ସଂଖ୍ୟା ପ୍ରାୟ ୯,୦୦,୦୦୦ରେ ପହଞ୍ଚିଛି। ଏକ ରିପୋର୍ଟ ଅନୁଯାୟୀ,ମେଟା ଏବଂ ମାଇକ୍ରୋସଫ୍ଟ ଦ୍ୱାରା କରାଯାଇଥିବା ସାମ୍ପ୍ରତିକ ଛଟେଇ ଘୋଷଣାରେ ମୋଟ ୨୦ ହଜାରରୁ ଅଧିକ ଚାକିରି ଯାଇପାରେ। ରିପୋର୍ଟ ଅନୁଯାୟୀ,ଏହି ଛଟେଇ କେବଳ ଗୋଟିଏ କ୍ଷେତ୍ରରେ ସୀମିତ ନାହିଁ। ବଡ଼ ବଡ଼ ଟେକ୍ନୋଲୋଜି କମ୍ପାନୀ ରୁ ଆରମ୍ଭ କରି ବ୍ୟାଙ୍କିଙ୍ଗ,ଖୁଚୁରା ବ୍ୟବସାୟ ଏବଂ ମାନୁଫ୍ୟାକଚରିଂ ୟୁନିଟ୍ ପର୍ଯ୍ୟନ୍ତ ସବୁଠି ହଜାର ହଜାର କର୍ମଚାରୀଙ୍କୁ ପଦରୁ ହଟାଇ ଦିଆଯାଇଛି। ବିଶେଷଜ୍ଞଙ୍କ ମତରେ,କମ୍ପାନୀଗୁଡିକ ଏବେ କେବଳ ଖର୍ଚ୍ଚ କାଟ ପାଇଁ ନୁହେଁ,ବରଂ ନିଜର ଆଭ୍ୟନ୍ତରୀଣ ଢାଞ୍ଚାକୁ ପୁନଃନିର୍ମାଣ କରିବା ପାଇଁ ଏଭଳି ପଦକ୍ଷେପ ନେଉଛନ୍ତି। ମହାମାରୀ ସମୟରେ ଏଆଇ-ଚାଳିତ ଦକ୍ଷତା ଏବଂ ହୋଇଥିବା ଅଧିକ ନିଯୁକ୍ତିର ବାହାନା ଦର୍ଶାଇ ଆମାଜନ୍,ଗୁଗଲ୍, ଓରାକଲ୍, ନାଇକ୍ ଏବଂ ସ୍ନାପ୍ ଭଳି କମ୍ପାନୀଗୁଡ଼ିକ ଗତ କିଛି ମାସ ମଧ୍ୟରେ କର୍ମଚାରୀ ଛଟେଇ ଘୋଷଣା କରିଛନ୍ତି। ମେଟା ମଧ୍ୟ ୮ ହଜାର ଛଟେଇ ଏବଂ ପ୍ରାୟ ୬ ହଜାର ନୂଆ ନିଯୁକ୍ତିକୁ ସ୍ଥଗିତ କରିବାକୁ ଯୋଜନା କରୁଛି। ଅନ୍ୟପକ୍ଷରେ, ମାଇକ୍ରୋସଫ୍ଟ ପ୍ରାୟ ୭% ଆମେରିକୀୟ କର୍ମଚାରୀଙ୍କୁ ସ୍ୱେଚ୍ଛାକୃତ ଅବସର ପାଇଁ ସୁବିଧା ପ୍ରଦାନ କରୁଛି। ନାଇକ୍ ମଧ୍ୟ ୧,୪୦୦ ପଦବୀ ହ୍ରାସ କରିଛି,ମୁଖ୍ୟତଃ ଟେକ୍ନୋଲୋଜି କ୍ଷେତ୍ରରେ ଏହି ଛଟେଇ କରାଯାଇଛି। ରିପୋର୍ଟ ଅନୁଯାୟୀ,କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କ କହିବା କଥା ହେଲା ଏଆଇ କାର୍ଯ୍ୟପ୍ରବାହକୁ ପରିବର୍ତ୍ତନ କରୁଛି। ଆନ୍ଥ୍ରୋପିକର କ୍ଲାଉଡ୍ ଟୁଲ୍ସ ଏବଂ ଚାର୍ଟଜିପିଟି ପ୍ରଦର୍ଶନ ଏହା ଦର୍ଶାଉଛି ଯେ ଏମାନେ ସମସ୍ତ କାର୍ଯ୍ୟକୁ ସ୍ୱୟଂଚାଳିତ କରିପାରିବେ। ଏହି ପରିବର୍ତ୍ତନ ପଛରେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ




ବା ଏଆଇର ପ୍ରଭାବ ସବୁଠୁ ଅଧିକ ବୋଲି କୁହାଯାଉଛି। ଅନେକ କମ୍ପାନୀ ଏବେ ମାନବୀୟ କାର୍ଯ୍ୟକୁ ସ୍ୱୟଂଚାଳିତ (ଅଟୋମୋସନ୍) କରିବା ପାଇଁ ଟେକ୍ନୋଲୋଜିରେ ଅଧିକ ପୁଞ୍ଜି ନିବେଶ କରୁଛନ୍ତି। ବିଶେଷଜ୍ଞଙ୍କ ମତରେ,ଏହା କେବଳ ଏକ ମାନ୍ଦାବସ୍ଥା ନୁହେଁ,ବରଂ କାମ କରିବାର ପଦ୍ଧତିରେ ଏକ ବୈପ୍ଳବିକ ପରିବର୍ତ୍ତନ,ଯେଉଁଠି ଦକ୍ଷତା ଏବଂ ବୈଷୟିକ ଜ୍ଞାନକୁ ମାନବ ଶ୍ରମ ଅପେକ୍ଷା ଅଧିକ ଗୁରୁତ୍ୱ ଦିଆଯାଉଛି।

ଅର୍ଥନୀତିଜ୍ଞମାନେ ଚେତାବନୀ ଦେଇଛନ୍ତି ଯେ,କର୍ପୋରେଟ୍ ଆମେରିକାରେ ଦେଖାଯାଇଥିବା ଏହି ଧାରା ଏକ ସ୍ଥାୟୀ ରୂପ ନେଇପାରେ। ଅର୍ଥାତ୍,ଭବିଷ୍ୟତରେ କମ୍ପାନୀଗୁଡିକ ଆଉ ଅଧିକ ସଂଖ୍ୟାରେ କର୍ମଚାରୀ ନିଯୁକ୍ତି କରିବା ପରିବର୍ତ୍ତେ'ଲିନ୍ ମଡେଲ' ବା କମ୍ କର୍ମଚାରୀରେ ଅଧିକ କାମ କରିବା ପାଇଁ ଚେଷ୍ଟା କରିବେ।ଏହି ପରିସଂଖ୍ୟାନ ଏବଂ ସ୍ଥିତି ଏହା ଦର୍ଶାଉଛି ଯେ,ଶିଳ୍ପ ଜଗତରେ ଏକ ନୂଆ ଯୁଗର ଆରମ୍ଭ ହେଉଛି।

## ଭାରତୀୟ ବଜାର ଉପରୁ ଆସ୍ଥା ହରାଉଛନ୍ତି ବିଦେଶୀ ନିବେଶକ

# ଦଶ ଦିନରେ ଉଠାଇନେଲେଣି ୧୪ ହଜାର କୋଟି

ନୂଆଦିଲ୍ଲୀ,୧୦।୫(ଏଜେନ୍ସି): ଇରାନ ଯୁଦ୍ଧ ଯୋଗୁ ଉତ୍ତେଜନା ଲାଗି ରହିଥିବାବେଳେ ଆମେରିକୀୟଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟ ହ୍ରାସ ହେବା ଆଦି କାରଣରୁ ଭାରତୀୟ ବଜାରୁ ନିବେଶକଙ୍କ ପୁଞ୍ଜି ପ୍ରତ୍ୟାହାର ଜାରି ରହିଛି। ବିଦେଶୀ ନିବେଶକମାନେ ଭାରତୀୟ ବଜାରରୁ ପାଣ୍ଠି ଉଠାଇନେବାରେ ବ୍ୟସ୍ତ। ମେ' ମାସରେ ବିଦେଶୀ ସଂସ୍ଥାଗତ ନିବେଶକମାନେ ଭାରତୀୟ ଷ୍ଟକ୍ ବଜାରରୁ ବିପୁଳ ପରିମାଣରେ ପାଣ୍ଠି ପ୍ରତ୍ୟାହାର ଜାରି ରଖିଛନ୍ତି। ବିଶ୍ୱ ଆର୍ଥିକ ଚିନ୍ତା ଯୋଗୁ ଚଳିତ ବର୍ଷ ଏ ପର୍ଯ୍ୟନ୍ତ ବିଦେଶୀ ନିବେଶକମାନେ ବଜାରରୁ ୨ ଲକ୍ଷ କୋଟି ଟଙ୍କାରୁ ଅଧିକ ଟଙ୍କା ପ୍ରତ୍ୟାହାର କରିଛନ୍ତି। ଏନ୍‌ଏସ୍‌ଡିଏଲ୍ ତଥ୍ୟ ଅନୁଯାୟୀ, କେବଳ ମେ ମାସରେ ବିଦେଶୀ ନିବେଶକମାନେ ୧୪,୨୩୧ କୋଟି ଟଙ୍କା ବିକ୍ରି କରିଛନ୍ତି।

୨୦୨୬ରେ ଏ ପର୍ଯ୍ୟନ୍ତ ମୋଟ ଉଠାଣ ପୂର୍ବ ବର୍ଷର ସମଗ୍ର ବର୍ଷ ତୁଳନାରେ ଯଥେଷ୍ଟ ଅଧିକ ରହିଛି। ୨୦୨୫ରେ ବିଦେଶୀ ନିବେଶକମାନେ ଭାରତୀୟ ବଜାରରୁ ମୋଟ ୧.୬୬ ଲକ୍ଷ କୋଟି ଟଙ୍କା ପ୍ରତ୍ୟାହାର କରିଥିଲେ। ହେଲେ ଚଳିତ ବର୍ଷ ଏହି ସଂଖ୍ୟା ଏ ପର୍ଯ୍ୟନ୍ତ ୨ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିଛି। ଯାହା ବଜାରରେ ନିରନ୍ତର ବିକ୍ରିଚାପକୁ ପ୍ରତିଫଳିତ କରୁଛି। ଚଳିତ ବର୍ଷ ଭାରତୀୟ ବଜାର ପାଇଁ ବିଦେଶୀ ନିବେଶକଙ୍କ ମନ ମୁଖ୍ୟତଃ ନକାରାତ୍ମକ ରହିଥିଲା। ଜାନୁଆରୀରେ ୩୫,୯୬୨ କୋଟି ଟଙ୍କା ମୂଲ୍ୟର ଶେୟାର ବିକ୍ରି ହୋଇଥିଲା। ତେବେ, ଫେବୃଆରୀ ଏଥିରେ ବ୍ୟତିକ୍ରମ ଘଟିଥିଲା। ଲୋକେ ନିବେଶ ବଢାଇଥିଲେ। ନିବେଶକମାନେ ୨୨,୬୧୫ କୋଟି ଟଙ୍କା ନିବେଶ କରିଥିଲେ, ଯାହା ଗତ ୧୭ ମାସ




ମଧ୍ୟରେ ସର୍ବାଧିକ ମାସିକ ନିବେଶ ଥିଲା। କିନ୍ତୁ ଏହି ବୃଦ୍ଧି ଅଧିକ ସମୟ ପର୍ଯ୍ୟନ୍ତ ତିଷ୍ଠି ରହି ପାରିଲା ନାହିଁ। ଫେବୃଆରୀ ଶେଷ ବେଳକୁ ଇରାନ ଯୁଦ୍ଧ ଆରମ୍ଭ ହେବା ପରେ ମାର୍ଚ୍ଚ ମାସରେ ଭାରତୀୟ ମାର୍କେଟ୍ ଉପରେ ଏହାର ସର୍ବାଧିକ ପ୍ରଭାବ ପଡ଼ିଥିଲା। ଭାରତୀୟ ଷ୍ଟକ୍ ବଜାରରୁ ରେକର୍ଡ ୧.୧୭ ଲକ୍ଷ କୋଟି ଟଙ୍କା ବାହାର କରି ନେଇଥିଲେ ବିଦେଶୀ ନିବେଶକ। ଏପ୍ରିଲରେ ମଧ୍ୟ ୬୦,୮୪୭ କୋଟି ଟଙ୍କା ବାହାରକୁ ଚାଲିଯାଇଥିଲା।

ମର୍ଣ୍ଣିଂଷ୍ଟାର ଇନଭେଷ୍ଟମେଣ୍ଟ ରିସର୍ଚ୍ଚ ଇଣ୍ଡିଆର ପ୍ରିନ୍ସପାଲ୍ ମ୍ୟାନେଜର ରିସର୍ଚ୍ଚ ହିମାଂଶୁ ଶ୍ରୀବାସ୍ତବଙ୍କ ଅନୁଯାୟୀ, ବିଶ୍ୱ ସ୍ତରରେ ବୃଦ୍ଧି ପାଉଥିବା ମୁଦ୍ରାସ୍ଫୀତି, ସୁଧ ହାର ପରିବର୍ତ୍ତନର ଭୟ ଏବଂ ଭୂ-ରାଜନୈତିକ ବିପଦ ଏହି ବିକ୍ରୟର ମୁଖ୍ୟ କାରଣ। ମଧ୍ୟପ୍ରାଚ୍ୟରେ ଜାରି ଉତ୍ତେଜନା ଏବଂ ଉଚ୍ଚ ଅଶୋଧିତ ତୈଳ ମୂଲ୍ୟ ମୁଦ୍ରାସ୍ଫୀତି ଚିନ୍ତାକୁ ବୃଦ୍ଧି କରିଛି। ଫଳସ୍ୱରୂପ, ନିବେଶକମାନେ ସୁଧ ହାର ହ୍ରାସ ଆଶା ଛାଡ଼ି ବିକଶିତ ବଜାରରେ ଡେଟ ଇନଷ୍ଟ୍ରମେଣ୍ଟ ଆଡ଼କୁ ମୁହାଇଁଛନ୍ତି। ବିକ୍ରୟ ଜାରି ରହିବା ସତ୍ତ୍ୱେ, ବିଦେଶୀ ନିବେଶକମାନେ ଭାରତୀୟ ବଜାରରୁ ସମ୍ପୂର୍ଣ୍ଣ ବାହାରି ନାହାଁନ୍ତି। ସେମାନେ ଏବେ ବି ବିଦ୍ୟୁତ୍, ନିର୍ମାଣ ଏବଂ ପୁଞ୍ଜି ସାମଗ୍ରୀ(କ୍ୟାପିଟାଲ୍ସ ଗୁଡ୍ସ) ଭଳି କିଛି ନିର୍ଦ୍ଦିଷ୍ଟ କ୍ଷେତ୍ରଗୁଡ଼ିକରେ ନିବେଶ କରୁଛନ୍ତି। ଏଥିସହିତ ଦୃଢ଼ ଆୟ ଏବଂ ଭଲ ଅଭିବୃଦ୍ଧି ଥିବା ମିଡ-କ୍ୟାପ୍ ଏବଂ କିଛି ସ୍ମଲ-କ୍ୟାପ୍ ଷ୍ଟକ୍ ମଧ୍ୟ କିଣୁଛନ୍ତି। ତଥାପି, ବିଶ୍ୱ ସ୍ତରରେ, ନିବେଶକମାନେ ଏବେ ଦକ୍ଷିଣ କୋରିଆ ଏବଂ ତାଇୱାନ ଭଳି ବଜାର ଆଡକୁ ମୁହାଁଇଛନ୍ତି, ଯେଉଁଠାରେ ଏଆଇ (କୃତ୍ରିମ ବୁଦ୍ଧିମତ୍ତା) ଯୋଗୁଁ ଭଲ ରୋଜଗାର ଆଶା କରାଯାଉଛି।

# ତନିସ୍କ ପକ୍ଷରୁ ସ୍ୱତନ୍ତ୍ର 'ଏକ୍‌ଜୋଟିକ୍ ଇଣ୍ଡିଆ ଜୁଏଲେରୀ ଏକ୍ସପୋ'

ଭୁବନେଶ୍ୱର, ୧୦।୫(ସମିସ): ସାବିତ୍ରୀ ବ୍ରତ ଉପଲକ୍ଷେ ଦେଶର ଅନ୍ୟତମ ଅଗ୍ରଣୀ ଗହଣା ରିଟେଲ ବ୍ରାଣ୍ଡ ତନିସ୍କ ଆଣିଛି'ଏକ୍‌ଜୋଟିକ୍ ଇଣ୍ଡିଆ ଜୁଏଲେରୀ ଏକ୍ସପୋ'। ଏହି ଏକ୍ସପୋ ଭୁବନେଶ୍ୱର ଜନପଥସ୍ଥିତ ଲାଇଫ୍ ହୋଟେଲରେ ମେ' ୧୦ ଯାଏ ଚାଲିବ। ଏହି ଅବସରରେ ଗ୍ରାହକ ତନିସ୍କର କାଳଜୟୀ ସୁନ୍ଦରତା ଏବଂ ଗ୍ଲାସ୍ କୁନ୍ଦନର ଅନନ୍ୟ କାରିଗରୀ, ଓପନ୍ ପୋଲ୍କି ଏବଂ ରତ୍ନପଥର ଖଚିତ ଗହଣାର ବ୍ୟାପକ ସମ୍ଭାର ଦେଖିବାକୁ ପାଇବେ` ଏହା ପରେ ପରେ ସାବିତ୍ରୀ ବ୍ରତ ଅଫର ମେ' ୧୧ରୁ ୧୩ ଯାଏ ଚାଲିବ, ଯାହାକି ରାଜ୍ୟରେ ଥିବା ସମସ୍ତ ତନିସ୍କ ଷ୍ଟୋରରେ ଉପଲବ୍ଧ ହେବ। ଏହି ସ୍ୱତନ୍ତ୍ର ଏବଂ ସୀମିତ ସମୟ ଅଫର, ଯାହାକି ସେଲିବ୍ରେଶନ୍‌କୁ ଅଧିକ ସ୍ମରଣୀୟ କରିବ। ପରମ୍ପରା ସହ ଜଡ଼ିତ ଏବଂ ପ୍ରେମ, ଭକ୍ତି ଓ ସମୃଦ୍ଧିର ପ୍ରତୀକ ସାବିତ୍ରୀ ବ୍ରତ ରାଜ୍ୟବ୍ୟାପୀ ବିବାହିତ ମହିଳାମାନଙ୍କ ପାଇଁ ହେଉଛି ଏକ ସୁନ୍ଦର ମୁହୂର୍ତ୍ତ କାଳଜୟୀ ଗହଣାରେ ନିବେଶ କରିବା ପାଇଁ ଏହା ପ୍ରକୃଷ୍ଟ ସମୟ। ସାବିତ୍ରୀ ବ୍ରତ ପ୍ରେମ ଏବଂ ଭକ୍ତିର ଭାବନାକୁ ସତେଜ କରିଥାଏ। ଅଫର ଅନ୍ତର୍ଗତ ମେ' ୧୧ରୁ ୧୩ ପର୍ଯ୍ୟନ୍ତ ଗ୍ରାହକ ସୁନା ଗହଣାର ଗଢ଼ା ମଜୁରି ମନ୍ତ୍ର ଏବଂ ହୀରା ମୂଲ୍ୟ ଉପରେ ୨୦% ପର୍ଯ୍ୟନ୍ତ ରିହାତି ପାଇବେ` ଯେକୌଣସି କୌଣସି ଗହଣା ଦୋକାନରୁ କିଣିଥିବା ସୁନା ଏପରିକି ୯ କ୍ୟାରେଟ୍ ସୁନା ଗହଣାର ବଦଳରେ ଶତ ପ୍ରତିଶତ ମୂଲ୍ୟ ମୂଳ ପାଇବେ ଗ୍ରାହକ। ବିଶ୍ୱାସ, ଶୁଦ୍ଧତା ଏବଂ କାରିଗରୀ ଆଧାରରେ ନିର୍ମିତ ତନିସ୍କ ଦେଶବ୍ୟାପୀ ଗହଣା କ୍ରୟରେ ଏକ ପସନ୍ଦଯୋଗ୍ୟ ସ୍ଥଳ ପାଲଟିଛି।




# ଗୁଣପୁରରେ ବେଦାନ୍ତ ନନ୍ଦଘରର ନୂତନ କେନ୍ଦ୍ର

ଭୁବନେଶ୍ୱର, ୧୦।୫(ସମିସ): ଅନିଲ ଅଗ୍ରୱାଲ ଫାଉଣ୍ଡେସନ୍‌ର ତତ୍ତ୍ୱାବଧାନରେ ବେଦାନ୍ତର ପ୍ରମୁଖ ସାମାଜିକ ପ୍ରଭାବ ପଦକ୍ଷେପ ନନ୍ଦଘର କଳାହାଣ୍ଡି ଜିଲ୍ଲାର ଗୁଣପୁର ଗ୍ରାମପଞ୍ଚାୟତର ସାଇସୁର୍ଣ୍ଣି ଗ୍ରାମରେ ସରପଂଚ ସୁଜାତା ମାଝୀଙ୍କ ଦ୍ୱାରା ଏକ ନୂତନ କେନ୍ଦ୍ରର ଉଦଘାଟନ ସହିତ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ ସ୍ଥାପନ ହୋଇଛି। ଏହା ଓଡ଼ିଶାର ଏକ ଦୁର୍ଗମ ଆଦିବାସୀ ଅଂଚଳରେ ପ୍ରାରମ୍ଭିକ ଶୈଶବ ଯତ୍ନ ଏବଂ ମହିଳା-କୈନ୍ଦ୍ରିକ ସେବାର ଶେଷ ମାଇଲ ବିତରଣକୁ ଆହୁରି ସୁଦୃଢ଼ କରିବା ସହିତ ସାରା ରାଜ୍ୟରେ କମ୍ପାନୀର ୬୩୧ ନାନ୍ଦଘରର ବର୍ଦ୍ଧିତ ନେଟୱାର୍କକୁ ଯୋଡିବା ପାଇଁ ସ୍ଥିର ହୋଇଛି। ନନ୍ଦଘର ହେଉଛି ବେଦାନ୍ତ ଦ୍ୱାରା ବିକଶିତ ଆଧୁନିକୀକରଣ କରାଯାଇଥିବା ଅଙ୍ଗନୱାଡି, ଯାହାକି ଗ୍ରାମୀଣ ଭାରତରେ ମହିଳା ଏବଂ ଶିଶୁ ବିକାଶର ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ଭାବରେ ଉଭା ହୋଇଛି। ଜାତୀୟ ସମନ୍ୱିତ ଶିଶୁ ବିକାଶ ସେବା ଢାଂଚା ଅନୁଯାୟୀ ସେବା ପ୍ରଦାନକୁ ବୃଦ୍ଧି କରିବା ପାଇଁ ଡିଜାଇନ୍ କରାଯାଇଥିବା ସାଇସୁର୍ଣ୍ଣିର ନନ୍ଦଘର ଶିଶୁ-ଅନୁକୂଳ ଭିତିଭୂମି ସହିତ ସଜ୍ଜିତ, ଯେଉଁଥିରେ ଶିକ୍ଷା ସହାୟକ ଭାବରେ ନିର୍ମାଣ କାନ୍ଥ, ଏଲଇଡି-ସକ୍ଷମ ସ୍ମାର୍ଟ ଶିକ୍ଷା ଉପକରଣ, ସ୍ୱଚ୍ଛ ରୋଷେଇ ଘର ଏବଂ ପରିମଳ ସୁବିଧା, ସୌରଶକ୍ତି, ନିରାପଦ ପାନୀୟ ଜଳ ବ୍ୟବସ୍ଥା ଏବଂ ବୟସ ଅନୁକୂଳ ଫର୍ନିଚର ଅନ୍ତର୍ଭୁକ୍ତ।




## ଭାରତରେ ଦୌଡୁଛି ଇଭି ବଜାର

# ଚାର୍ଜିଂ ଷ୍ଟେସନ୍‌କୁ ନେଇ ଚିନ୍ତାରେ ଗ୍ରାହକ

ନୂଆଦିଲ୍ଲୀ,୧୦।୫(ଏଜେନ୍ସି): ଭାରତର ଇଭି ବଜାର ୨୦୨୬ ଏପ୍ରିଲରେ ଦ୍ରୁତ ଗତିରେ ବୃଦ୍ଧି ପାଇଛି। ଫାଡା ତଥ୍ୟ ଅନୁଯାୟୀ, ଗତ ବର୍ଷ ତୁଳନାରେ ବୈଦ୍ୟୁତିକ ଯାତ୍ରୀବାହୀ ଯାନର ବିକ୍ରି ୭୫.୧% ବୃଦ୍ଧି ପାଇ ୨୩,୫୦୬ ୟୁନିଟ୍ ହୋଇଛି। ସେହି ସମୟରେ, ବୈଦ୍ୟୁତିକ ଦୁଇ ଚକିଆ ଯାନର ବିକ୍ରି ୬୦.୭% ବୃଦ୍ଧି ପାଇ ପ୍ରାୟ ୧,୪୯,୦୦୦ ୟୁନିଟ୍ରେ ପହଞ୍ଚିଛି। ବୈଦ୍ୟୁତିକ ତିନି ଚକିଆ ଯାନରେ ମଧ୍ୟ ୩.୩% ବୃଦ୍ଧି ଦେଖାଯାଇଛି। ବିକ୍ରିରେ ଏହି ବୃଦ୍ଧି ବର୍ତ୍ତମାନ ଯାନର ଚାହିଦା ଠାରୁ ସମସ୍ତ ଧ୍ୟାନ ଚାର୍ଜିଂ ନେଟୱାର୍କର ଶକ୍ତି ଉପରେ ନେଇଛି। ଇଭିଚାର୍ଜିଂ ସଲ୍ୟୁସନ୍ସ ଫାର୍ମ ଜେନର୍ଜୀର ସିଇଓ ନବନୀତ ଡାଗା କୁହନ୍ତି ଯେ ପ୍ରକୃତ ଚ୍ୟାଲେଞ୍ଜ କେବଳ ଚାର୍ଜର ସ୍ଥାପନ କରିବା ନୁହେଁ, ବରଂ ସେଗୁଡ଼ିକୁ ସର୍ବଦା କାର୍ଯ୍ୟକ୍ଷମ ରଖିବା, ସର୍ବୋତ୍ତମ କାର୍ଯ୍ୟଦକ୍ଷତା ପ୍ରଦାନ କରିବା ଏବଂ ଭାରତର ଗରମ, ବିଦ୍ୟୁତ୍ ଉତ୍ଥାନ ଏବଂ ଉଚ୍ଚ ବ୍ୟବହାରରେ ସେଗୁଡ଼ିକୁ ବଜାୟ ରଖିବା। ସେ ଆହୁରି ମଧ୍ୟ କହିଛନ୍ତି ଯେ ଇଭି ଗୁଡ଼ିକୁ ଜନସାଧାରଣଙ୍କ ପାଇଁ ସୁଗମ କରିବା ପାଇଁ, ଚାର୍ଜିଂ ଷ୍ଟେସନଗୁଡ଼ିକୁ ପେଟ୍ରୋଲ ପମ୍ପ ପରି ନିର୍ଭରଯୋଗ୍ୟ ହେବା ଆବଶ୍ୟକ।



ଆଇଫାର ଏକ ରିପୋର୍ଟରେ ପୁରୁଣା ପ୍ରଯୁକ୍ତିବିଦ୍ୟା, ରକ୍ଷଣାବେକ୍ଷଣର ଅଭାବ ଏବଂ ସାର୍ବଜନୀନ ଚାର୍ଜିଂ ଷ୍ଟେସନଗୁଡ଼ିକର ଖରାପ କାର୍ଯ୍ୟକ୍ଷମତାକୁ ଇଭି ଗ୍ରହଣ କରିବାରେ ପ୍ରମୁଖ ବାଧା ଭାବରେ ଚିହ୍ନଟ କରାଯାଇଛି। ଡେଲୋଇଟ୍ ଇଣ୍ଡିଆର ପାର୍ଟନର ରଜତ ମହାଜନ କହିଛନ୍ତି ଯେ ୨୦୨୬ ସର୍ଭେ ଅନୁଯାୟୀ, ୪୩% ଭାରତୀୟ ସାର୍ବଜନୀନ ଚାର୍ଜିଂ ଭିତ୍ତିଭୂମିର ଅଭାବ ବିଷୟରେ ଚିନ୍ତିତ, ୪୧% ଚାର୍ଜିଂ ସମୟ ବିଷୟରେ ଚିନ୍ତିତ । ୩୧% ଘରେ ଚାର୍ଜିଂ ସୁବିଧାର ଅଭାବ ବିଷୟରେ ଚିନ୍ତିତ। ମହାଜନଙ୍କ ଅନୁଯାୟୀ, ଭାରତରେ ବର୍ତ୍ତମାନ ପ୍ରତି ୨୩୫ ଯାନ ପାଇଁ କେବଳ ଗୋଟିଏ ଚାର୍ଜର ଅଛି, ଯାହା ବିଶ୍ୱ ଅନୁପାତ ୧:୬ ରୁ ୧:୨୦। ସେ କହିଛନ୍ତି, ନୀତି ଆୟୋଗର ୩୦% ଇଭି ଲକ୍ଷ୍ୟ ହାସଲ କରିବା ପାଇଁ, ଆମକୁ ପ୍ରାୟ ୧.୩୨ ନିୟୁତ ଚାର୍ଜର ଆବଶ୍ୟକ, ଯେତେବେଳେ ଆମ ପାଖରେ ବର୍ତ୍ତମାନ କେବଳ ୩୦ ହଜାର ଚାର୍ଜର ଅଛି।

ଅପରପକ୍ଷେ ଏକ୍ସିକମର 'ଇଣ୍ଡିଆ ଡିସି ଫାଷ୍ଟ ଚାର୍ଜିଂ ରିଲାଏବିଲିଟି ରିପୋର୍ଟ ୨୦୨୬› ଅନୁଯାୟୀ, ଭାରତରେ ସାର୍ବଜନୀନ ଚାର୍ଜିଂ ଷ୍ଟେସନଗୁଡ଼ିକ ୨୦୨୨ରେ ୫,୦୦୦ରୁ ୨୦୨୫ ସୁଦ୍ଧା ୨୯,୦୦୦ରୁ ଅଧିକ ହୋଇଯିବ ବୋଲି ଆକଳନ କରାଯାଇଛି। କିନ୍ତୁ କେବଳ ସଂଖ୍ୟା ବୃଦ୍ଧି କରିବା ଦ୍ୱାରା ସମସ୍ୟାର ସମାଧାନ ହେବ ନାହିଁ। ରିପୋର୍ଟରେ କୁହାଯାଇଛି ଯେ ୨୦୨୪ ଫେବୃଆରୀରେ ପ୍ରାୟ ଅଧା ସାର୍ବଜନୀନ ଚାର୍ଜର (୨୫,୦୦୦ ମଧ୍ୟରୁ ୧୨,୧୦୦) କୌଣସି ସମୟରେ ବନ୍ଦ ହୋଇଯାଇଥିଲା। ଯାନ୍ତ୍ରିକ ତ୍ରୁଟି, ଗ୍ରୀଡ୍ ସମସ୍ୟା କିମ୍ବା ରକ୍ଷଣାବେକ୍ଷଣ ବିଳମ୍ବ ଯୋଗୁଁ ପ୍ରାୟ ୨୫% ଚାର୍ଜର ପ୍ରାୟତଃ ବନ୍ଦ ହୋଇଯାଉଥିଲା। ଚାର୍ଜିଂ ଗତି ମଧ୍ୟ ଏକ ପ୍ରମୁଖ ସମସ୍ୟା। ଭାରତରେ, ଏକ ଗାଡ଼ି ଚାର୍ଜ କରିବାକୁ ହାରାହାରି ୧.୫ ରୁ ୨ ଘଣ୍ଟା ସମୟ ଲାଗେ, ଯେତେବେଳେ ଦ୍ରୁତ ଚାର୍ଜିଂ ପାଇଁ ବିଶ୍ୱ ମାନଦଣ୍ଡ ୩୦ ମିନିଟ୍ ରୁ ୧ ଘଣ୍ଟା ରଖାଯାଇଛି। ଗ୍ରାହକମାନଙ୍କ ପାଇଁ ଆଉ ଏକ ମୁଣ୍ଡବିନ୍ଧାର କାରଣ ହେଉଛି ଏକ କାର୍ଯ୍ୟକ୍ଷମ ଚାର୍ଜର ଖୋଜିବା ପାଇଁ ସେମାନଙ୍କୁ ୧୭ ରୁ ୨୦ ଟି ବିଭିନ୍ନ ମୋବାଇଲ୍ ଆପ୍ ବ୍ୟବହାର କରିବାକୁ ପଡ଼େ ଏବଂ ପେମେଣ୍ଟ ସିଷ୍ଟମ ମଧ୍ୟ ବହୁତ ଜଟିଳ। ବର୍ତ୍ତମାନ ଇଭି ବ୍ୟବହାର କରୁ ନ ଥିବା ପ୍ରାୟ ୭୩% ଲୋକ ବିଶ୍ୱାସ କରନ୍ତି ଯେ ଭାରତରେ ଅଲ୍ଟ୍ରା-ଫାଷ୍ଟ ଚାର୍ଜିଂର ଘୋର ଅଭାବ ରହିଛି।

ବିଶ୍ୱବ୍ୟାପୀ ଲୋକମାନେ ଘରେ ଇଭି ଚାର୍ଜ କରିବାକୁ ପସନ୍ଦ କରିଥାନ୍ତି। ଭାରତୀୟ ସହରଗୁଡ଼ିକରେ ହାଉସିଂ ସୋସାଇଟିଗୁଡ଼ିକର ଚିନ୍ତା ଏବଂ ନିୟମାବଳୀ ଯୋଗୁଁ ଏହା କଷ୍ଟକର ହେଉଛି। ଥିଙ୍କ ଟ୍ୟାଙ୍କ ନେସନ ଫାଷ୍ଟର ଶାଗୁନ ବିଶ୍ୱନାଥ କୁହନ୍ତି ଯେ ଯଦି ସମ୍ଭବ ହୁଏ, ତେବେ ୭୦-୮୦% ଚାର୍ଜିଂ ଘରେ ହେବା ଉଚିତ, ଯାହା ଆପାର୍ଟମେଣ୍ଟଗୁଡ଼ିକୁ ଏହି ପରିବର୍ତ୍ତନର କେନ୍ଦ୍ର କରିଥାଏ। ତଥାପି, ଅନେକ ରେସିଡେଣ୍ଟ ୱେଲଫେୟାର ଆସୋସିଏସନ ସୁରକ୍ଷା ଚିନ୍ତା ଯୋଗୁଁ ଏ ନେଇ ଦ୍ୱିଧାରେ । ବେସମେଣ୍ଟ ଭେଣ୍ଟିଲେସନ, ଟ୍ରାନ୍ସଫର୍ମର କ୍ଷମତା, ଅପ୍ରମାଣିତ ଚାର୍ଜର ଏବଂ ଅଗ୍ନି ବିପଦ ଭଳି ଚିନ୍ତା ଅନିଶ୍ଚିତତା ସୃଷ୍ଟି କରିଛି।

## ଆଜିର ରାଶିଫଳ

**ମେଷ:** ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ଲୋକସମ୍ପର୍କ ବୃଦ୍ଧି ପାଇପାରେ। ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ଧର୍ମକର୍ମ ପ୍ରତି ମନ ବଳାଇବେ। ମାନସିକ ଏବଂ ଶାରୀରିକ ଥକ୍କା ଅନୁଭବ କରିପାରନ୍ତି।

**ବୃଷ:** ଦୀର୍ଘ ଦିନର ଆଶା ପୂରଣ ହେବ। ଯାନବାହନ ଚଳାଚଳ ସମୟରେ ସତର୍କ ରୁହନ୍ତୁ। ଅଟକି ଥିବା ଧନ ମିଳିପାରେ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହେବ। ମାନ ସମ୍ମାନ ବୃଦ୍ଧି ପାଇବ।

**ମିଥୁନ:** ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ। ଆର୍ଥିକ ମାମଲାରେ ସୁଧାର ଆସିପାରେ। ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି।

**କର୍କଟ:** ଅଟକି ରହିଥିବା କାର୍ଯ୍ୟ ପୂରା ହୋଇପାରେ। ସକାରାତ୍ମକ ଚିନ୍ତାଧାରାରୁ ଦିନ ଆରମ୍ଭ କରନ୍ତୁ। ମହିଳାମାନେ ଘର କାମରେ ବ୍ୟସ୍ତ ରହିପାରନ୍ତି। ବ୍ୟକ୍ତିଗତ କଥା କାହା ଆଗେ ପ୍ରକାଶ କରନ୍ତୁନି।

**ସିଂହ:** ସ୍ୱାସ୍ଥ୍ୟ ଭଲ ରହିବ। ବ୍ୟବସାୟରୁ ଲାଭ ମିଳିପାରେ। ବୈବାହିକ ଜୀବନ ସୁଖମୟ ହେବ। ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ। ଦାନ ଧର୍ମ କରନ୍ତୁ।

**କନ୍ୟା:** ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ରାଜନୀତିରେ ସାମିଲ ହୋଇପାରନ୍ତି। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ଯୋଗ ଅଛି। ପିଲାମାନେ ଖେଳମନସ୍କ ହେବେ। ପରିଶ୍ରମର ଫଳ ମିଳିବ।

**ତୁଳା:** କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ଧୈର୍ଯ୍ୟ ରଖି କାମ କରନ୍ତୁ। ମହିଳାମାନେ ଘର କାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି। ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିପାରେ। ଦାନ ଧର୍ମ କରନ୍ତୁ।

**ବିଛା:** ଖର୍ଚ୍ଚ ଉପରେ ନିୟନ୍ତ୍ରଣ ରଖନ୍ତୁ। କୋର୍ଟ କଚେରୀ ମାମଲାର ଶୁଣାଣି ହେବ। ଯୋଜନା ମୁତାବକ କାମ କରନ୍ତୁ। କର୍ମଚଞ୍ଚଳ ରହିବେ। କଳାକାରଙ୍କ ପାଇଁ ଦିନଟି ଭଲ।

**ଧନୁ:** ଦୀର୍ଘ ଦିନର ଆଶା ପୂରଣ ହେବ। ବନ୍ଧୁଙ୍କଠାରୁ ସାହାଯ୍ୟ ମିଳିପାରେ। ଭାବିଚିନ୍ତି କଥା କୁହନ୍ତୁ। ରାଜନେତାଙ୍କ ପାଇଁ ଦିନଟି ଭଲ। ସମାଜସେବାରେ ନିଜକୁ ନିୟୋଜିତ କରିବେ।

**ମକର:** ଦିନଟି ବ୍ୟସ୍ତ ଭିତରେ କଟିବ। ଅଚାନକ ଖର୍ଚ୍ଚ ବଢ଼ିପାରେ। ଗୁରୁଜନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତା ବଢ଼ିପାରେ। ଆଣ୍ଠୁଗଣ୍ଠି ସମସ୍ୟା ଭୋଗିପାରନ୍ତି। ଆଇଟି କର୍ମଚାରୀଙ୍କୁ ସଫଳତା ମିଳିବ।

**କୁମ୍ଭ:** ପ୍ରଭାବଶାଳୀ ବ୍ୟକ୍ତିଙ୍କ ସହ ସାକ୍ଷାତ ହୋଇପାରେ। ଆତ୍ମବିଶ୍ୱାସର ସହ କାର୍ଯ୍ୟ ସମ୍ପାଦନ କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଆଣ୍ଠୁଗଣ୍ଠି ସମସ୍ୟା ଭୋଗିପାରନ୍ତି।

**ମୀନ:** ଘରର ଦାୟିତ୍ୱ ବଢ଼ିପାରେ। ତରବରିଆ ଭାବେ ନିଷ୍ପତ୍ତି ନିଅନ୍ତୁନି। ନୂତନ ବ୍ୟବସାୟରୁ ଲାଭ ମିଳିପାରେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

## ଆଜିର ଇତିହାସ

- ୧୯୪୦- ବ୍ରିଟିଶ ବ୍ରଡକାଷ୍ଟିଂ ସର୍ଭିସ୍ ହିନ୍ଦୀରେ ତାର ସେବା ଆରମ୍ଭ କଲା।
- ୧୯୫୧- ରାଷ୍ଟ୍ରପତି ରାଜେନ୍ଦ୍ର ପ୍ରସାଦ ନବନିର୍ମିତ ସୋମନାଥ ମନ୍ଦିରର ଉଦ୍‌ଘାଟନ କଲେ।
- ୧୯୫୫- ଇସ୍ରାଏଲ୍ ଗାଜା ଉପରେ ଆକ୍ରମଣ କଲା।
- ୧୯୬୫-ବାଂଲାଦେଶରେ ଆସିଥିବା ତୋଫାନ୍ ଯୋଗୁଁ ୧୭ ହଜାର ଲୋକଙ୍କ ମୃତ୍ୟୁ।
- ୧୯୮୮- ଫ୍ରାନ୍ସ ପରମାଣୁ ପରୀକ୍ଷା କଲା।

## ଜାତୀୟ ପ୍ରଯୁକ୍ତିବିଦ୍ୟା ଦିବସ



ଭାରତରେ ପ୍ରତିବର୍ଷ ମେ' ୧୧ ତାରିଖରେ ଜାତୀୟ ପ୍ରଯୁକ୍ତିବିଦ୍ୟା ଦିବସ ପାଳନ କରାଯାଏ। ଦେଶର ପ୍ରଯୁକ୍ତି ବିଦ୍ୟା ଓ ବୈଷୟିକ ଜ୍ଞାନକୌଶଳ କ୍ଷେତ୍ରରେ ବିଶାରଦ, ଗବେଷକ ଓ ଯନ୍ତ୍ରୀମାନଙ୍କର ଅବଦାନ ତଥା ଉପଲବ୍ଧିକୁ ସ୍ୱୀକୃତି ଦେବା ପାଇଁ ଏହି ଦିବସର ପରିକଳ୍ପନା କରାଯାଇଛି। ଏହି ଦିନ ପ୍ରଥମେ ସ୍ୱଦେଶୀ ଏୟାରକ୍ରାଫ୍ଟ 'ହଂସ-୩'ର ବେଙ୍ଗାଲୁରୁଠାରେ ସଫଳ ପରୀକ୍ଷଣ କରାଯାଇଥିଲା। ତ୍ରିଶୂଳ କ୍ଷେପଣାସ୍ତ୍ରର ପରୀକ୍ଷଣ ମଧ୍ୟ ଭାରତ ସେହିଦିନ କରିଥିଲା। ୧୯୯୮ ମଇ ୧୧ ତାରିଖରେ ଭାରତ ରାଜସ୍ଥାନର ପୋଖରାନଠାରେ ସଫଳତାର ସହ ପରମାଣୁ ପରୀକ୍ଷଣ କରିଥିଲା। ଏହି ଐତିହାସିକ ସଫଳତାକୁ ମନେରଖିବା ପାଇଁ ଭାରତ ସରକାର ୧୯୯୯ରୁ ଏହି ଦିନକୁ ଜାତୀୟ ପ୍ରଯୁକ୍ତିବିଦ୍ୟା ଦିବସ ଭାବେ ପାଳନ କରିଆସୁଛନ୍ତି। ଏହି ପରୀକ୍ଷା ପରେ ଭାରତ 'ପରମାଣୁ କ୍ଲବ୍'ରେ ଷଷ୍ଠ ଦେଶ ଭାବେ ସାମିଲ ହୋଇଥିଲା। ଏହାପରେ ଭାରତ ଏକ ଅଣୁଶକ୍ତି ସମ୍ପନ୍ନ ରାଷ୍ଟ୍ର ଓ ଅଣୁ ଶକ୍ତିରୁ ଇନ୍ଧନ ସୃଷ୍ଟିକାରୀ ରାଷ୍ଟ୍ରଭାବେ ଭାବେ ବିଶ୍ୱଦରବାରରେ ପରିଚିତ ହେଲା। ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରଯୁକ୍ତିବିଦ୍ୟା ସଂସ୍ଥା ଏବଂ ବୈଜ୍ଞାନିକ ବ୍ୟକ୍ତିବିଶେଷଙ୍କୁ ଆଜିର ଦିନରେ ପୁରସ୍କୃତ କରାଯାଏ। ଏହି ଦିନ ପାଳନ ଅବସରରେ ଦେଶର ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ଗବେଷଣାଗାରରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ। ଦେଶର ଯୁବପିଢ଼ିଙ୍କ ମଧ୍ୟରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ପ୍ରତି ଆଗ୍ରହ ସୃଷ୍ଟି କରିବା ଏବଂ ନୂତନ ଉଦ୍ଭାବନକୁ ପ୍ରୋତ୍ସାହିତ କରିବା ଏହି ଦିବସର ମୁଖ୍ୟ ଲକ୍ଷ୍ୟ।

## ସାମୁଦ୍ରିକ ଇତିହାସର ଅସମାହିତ ରହସ୍ୟ



ସମୁଦ୍ର ମଝିରେ ଭାସୁଥିବା ଏକ ଜାହାଜର କାହାଣୀ ସମଗ୍ର ବିଶ୍ୱକୁ ଆଶ୍ଚର୍ଯ୍ୟ କରିଛି। ୧୮୭୨ ମସିହା ଡିସେମ୍ବର ମାସରେ, ମେରି ସେଲେଷ୍ଟେ ନାମକ ଆମେରିକୀୟ ଜାହାଜଟି ଆଟଲାଣ୍ଟିକ ମହାସାଗରର ଆଜୋରସ୍ ଦ୍ୱୀପପୁଞ୍ଜ ନିକଟରେ ସମ୍ପୂର୍ଣ୍ଣ ଅକ୍ଷତ ଅବସ୍ଥାରେ ମିଳିଥିଲା। ଜାହାଜରେ ପ୍ରଚୁର ଖାଦ୍ୟ, ପାନୀୟ ଏବଂ ମୂଲ୍ୟବାନ ସାମଗ୍ରୀ ଥିଲା, କିନ୍ତୁ କ୍ୟାପଟେନ୍ ବେଞ୍ଜାମିନ ବ୍ରିଗସ୍, ତାଙ୍କ ପତ୍ନୀ ସାରା ଓ ତାଙ୍କ ଦୁଇ ବର୍ଷର ଝିଅ ସୋଫିଆ ଏବଂ ଆଠଜଣ କ୍ରୁ ସଦସ୍ୟ ନିଖୋଜ ଥିଲେ। ଏବେ ବି ଏହି ଘଟଣା ସାମୁଦ୍ରିକ ଇତିହାସର ଏକ ଅସମାହିତ ରହସ୍ୟ ହୋଇ ରହିଛି।

୧୮୭୨ ମସିହା ନଭେମ୍ବର ମାସରେ ଏହି ଆମେରିକୀୟ ଜାହାଜ ନ୍ୟୁୟର୍କରୁ ଇଟାଲୀ ଅଭିମୁଖେ ଯାତ୍ରା କରିଥିଲା। ମାତ୍ର କିଛି ଦିନ ପରେ, ଡିସେମ୍ବର ୫ ତାରିଖରେ ଏହା ଆଟଲାଣ୍ଟିକ ମହାସାଗରରେ କେହି ନ ଥିବା ଅବସ୍ଥାରେ ମିଳିଥିଲା। ବ୍ରିଟିଶ ଜାହାଜ ଦିଇ ଗ୍ରେସିଆ ଏହି ଜାହାଜକୁ ଠାବ କରିଥିଲା। ଏହି ଜାହାଜର ଚାଳକ ଦଳର ଲୋକେ ଯେତେବେଳେ ମେରି ସେଲେଷ୍ଟେ ଭିତରକୁ ଯାଇ ଦେଖିଲେ ସେଥିରେ କେହି ନ ଥିଲେ। ସେଠାରେ କୌଣସି ଆକ୍ରମଣର ଚିହ୍ନ ବି ନ ଥିଲା। କ୍ୟାପଟେନ୍‌ବେଞ୍ଜାମିନ୍ ବ୍ରିଗ୍ସ, ତାଙ୍କ ସ୍ତ୍ରୀ ଏବଂ କୁନି ଝିଅ ଏବଂ ଆଠ ଜଣ କ୍ରୁ ସଦସ୍ୟ ରହସ୍ୟମୟ ଭାବେ ନିଖୋଜ ଥିଲେ। ଜାହାଜ ଉପରେ ସମସ୍ତ ଦାମୀ ଜିନିଷ ଏବଂ ଖାଦ୍ୟପାନୀୟ ସାମଗ୍ରୀ ସବୁକିଛି ସେମିତି ଥିଲା। ତଦନ୍ତକାରୀ ଟିମ୍ ଯେମିତି ମେରି ସେଲେଷ୍ଟେକୁ ଗଲେ ଜାଣି ଆଶ୍ଚର୍ଯ୍ୟ ହେଲେ ଯେ ଜାହାଜ ବୁଡ଼ିବା ସ୍ଥିତିରେ ହିଁ ନ ଥିଲା। ଜାହାଜ ଭିତରେ ଯଦିଓ ଅଳ୍ପ ପାଣି ଥିଲା, ହେଲେ ତାହା ସୁରକ୍ଷିତ ଭାବେ ଭାସୁଥିଲା। ନାବିକଙ୍କ ପୋଷାକ, ଦାମୀ ଜିନିଷ ଏବଂ ପିଲାଙ୍କ ଖେଳଣା ସବୁକିଛି ଠିକ୍ ସ୍ଥାନରେ ହିଁ ରହିଥିଲା। ଏପରିକି ଜାହାଜରେ ଥିବା ଲୋକଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ ହୋଇଥିବା ବେଳେ କ୍ୟାପଟେନ୍‌ଙ୍କ କ୍ୟାବିନ୍‌ରେ ସବୁ କିଛି ବ୍ୟବସ୍ଥିତ ଥିଲା। କୌଣସି ଜଳଦସ୍ୟୁ ଯଦି ଆକ୍ରମଣ କରିଥାନ୍ତା, ତେବେ ସେ ଜିନିଷ ଚୋରି କରିଥାନ୍ତା। ହେଲେ ସେଭଳି କିଛି ହୋଇ ନ ଥିବା ଜଣାପଡ଼ିଲା। ଅବଶ୍ୟ ଦୁଇଟି ଜିନିଷ ନ ଥିଲା। ତାହା ହେଉଛି ଲାଇଫବୋଟ୍ ଏବଂ ନାଭିଗେସନ ଉପକରଣ। ମେରି ସେଲେଷ୍ଟେ ୧୭୦୦ରୁ ଅଧିକ ବ୍ୟାରେଲ ମଦ ନେଇ ଯାଉଥିଲା। କୁହାଯାଏ ଯେ, ସେଥିରୁ କିଛି ଗ୍ୟାସ୍ ବାହାରି ବିସ୍ଫୋରଣ ହେବାର ଭୟରେ କର୍ମଚାରୀମାନେ ଜାହାଜ ଛାଡ଼ି ପଳାଇ ଥାଇ ପାରନ୍ତି। କେହି କେହି କୁହନ୍ତି ଯେ, ପ୍ରବଳ ସାମୁଦ୍ରିକ ଝଡ଼ କିମ୍ବା ଜଳରାଶିର ବିପଦ ଯୋଗୁଁ ଜାହାଜରେ ଥିବା ଲୋକେ ଛୋଟ ଡଙ୍ଗାରେ ପଳାଇବାକୁ ଚେଷ୍ଟା କରି ହୁଏତ ସମୁଦ୍ରରେ ବୁଡ଼ି ଯାଇ ଥାଇ ପାରନ୍ତି। କିଛି ଲୋକ ଏହାକୁ ଜଳଦସ୍ୟୁଙ୍କ ଚକ୍ରାନ୍ତ ବୋଲି ଭାବିଲେ ବି ଜାହାଜରେ ଦାମୀ ଜିନିଷ ରହିବା କଥାକୁ ଏହା ଭୁଲ୍ ପ୍ରମାଣିତ କରୁଥିବା କୁହାଯାଉଛି। ସେହିପରି ଆଉ କିଛି ଲୋକ ଏହି ଘଟଣାକୁ ସାମୁଦ୍ରିକ ଜୀବ ତଥା ଦିବ୍ୟ ଘଟଣା ସହିତ ଯୋଡ଼ି ଦେଖୁଛନ୍ତି। ଏବେ ବି ବିଶ୍ୱର ତମାମ ବିଶେଷଜ୍ଞ ଏହି ଘଟଣା ଉପରେ ଗବେଷଣା କରୁଛନ୍ତି। ଅନ୍ୟପଟେ ଏବେ ବି ଏହି ଜାହାଜ 'ଭୂତ ଜାହାଜ' ତାଲିକାର ଶୀର୍ଷରେ ଅଛି। ଆଜି ପର୍ଯ୍ୟନ୍ତ ସେହି ଜାହାଜରେ ଥିବା ଲୋକଙ୍କର ପ୍ରକୃତରେ କ'ଣ ହୋଇଥିଲା ତାହା କେହି ଜାଣି ପାରି ନାହାନ୍ତି।

## ଶାହିଦ୍‌ଙ୍କ ସହ ରୋମାନ୍ସ କରିବେ ଜାହ୍ନବୀ

ଜାହ୍ନବୀ କପୁର ୨୦୨୪ ମସିହାରେ ଆସିଥିବା 'ତେରି ବାତୋଁ ମେ ଏସା ଉଲଝା ଜିଆ'ରେ ଅତିଥି କଳାକାର ଭାବେ ନଜର ଆସିଥିଲେ। ଏଥିରେ ଶାହିଦ୍ କପୁର ଓ କ୍ରିତି ସାନନ୍ ଲିଡ୍ ରୋଲରେ ଦେଖାଯାଇଥିଲେ। କିଛିଦିନ ପୂର୍ବରୁ ଏହାର ସିକ୍ୱେଲ ଆସୁଛି ବୋଲି ଖବର ପ୍ରକାଶ ପାଇଥିଲା। ଏଥିରେ ଶାହିଦ୍, କ୍ରିତି ଓ ଜାହ୍ନବୀଙ୍କ ମଧ୍ୟରେ ତ୍ରିକୋଣୀୟ ପ୍ରେମକୁ ଦେଖାଯିବ ବୋଲି କୁହାଯାଉଥିଲା। ହେଲେ ଏଯାବତ୍ ଏହାକୁ ନେଇ କୌଣସି ଅପଡେଟ୍ ଆସିନାହିଁ। ହେଲେ ଶାହିଦ୍ ଓ ଜାହ୍ନବୀ ଅନ୍ୟ ଏକ ଫିଲ୍ମରେ ଏକାଠି ସ୍କ୍ରିନ୍ ସେୟାର୍ କରିବେ ବୋଲି ଏବେ ଖବର ଆସିଛି। ଅମିତ୍ ଶର୍ମା ଏହାର ନିର୍ଦ୍ଦେଶନା ଦେବେ। ଏହା ଏକ ରୋମାଣ୍ଟିକ୍ କମେଡି ଫିଲ୍ମ ହେବ। ଆଧୁନିକ ପ୍ରେମ ସମ୍ପର୍କକୁ ବେଶ୍ ହାଲ୍‌କା ଫୁଲକା ଭାବେ ଏଥିରେ ଦେଖାଯିବ। ଯଦି ଏହି ପ୍ରୋଜେକ୍ଟ ଫାଇନାଲ ହେଉଛି ତେବେ ପ୍ରଥମ ଥର ପାଇଁ ଶାହିଦ୍ ଓ ଜାହ୍ନବୀଙ୍କୁ ପରଦାରେ ଏକାଠି ରୋମାନ୍ସ କରୁଥିବାର ଦେଖିବାକୁ ମିଳିବ। ଏହି ଯୋଡ଼ି ଆସନ୍ତା ଅକ୍ଟୋବରରୁ ଫିଲ୍ମର ସୁଟିଂ ଆରମ୍ଭ କରିପାରନ୍ତି ବୋଲି ଜଣାପଡ଼ିଛି। ଏବେ ଏହାର ପ୍ରିପ୍ରଡକ୍ସନ୍ କାମ ବେଶ୍ ଜୋରସୋରରେ ଚାଲିଛି। ଏବେ ଶାହିଦ୍, ରାଜ୍ ଓ ଡିକେଙ୍କ ଫିଲ୍ମ 'ଫର୍ଜି ସିଜନ୍ ୨'ର ସୁଟିଂରେ ବ୍ୟସ୍ତ ଅଛନ୍ତି। ସେହିଭଳି ଜାହ୍ନବୀ ରାମଚରଣଙ୍କ ସହିତ 'ପେଦ୍ଦି'ରେ ନଜର ଆସିବେ।



## ଆସ୍ଥା

## ସାବିତ୍ରୀ ବ୍ରତରେ କେଉଁ ଜିନିଷ ଦାନ କରିବେ

**ସଧବା ନାରୀଙ୍କ ଲାଗି ସାବିତ୍ରୀ ବ୍ରତ ଖୁବ୍ ଗୁରୁତ୍ୱ ବହନ କରେ। ଏହି ଦିନ କେଉଁ ଜିନିଷ ଦାନ କଲେ ଅଖଣ୍ଡ ସୌଭାଗ୍ୟ ପ୍ରାପ୍ତି ହୁଏ, ସେ ସମ୍ପର୍କରେ ଜାଣିବା।**

**ବସ୍ତ୍ର:** ଏହିଦିନ ବସ୍ତ୍ର ଦାନ କରିବା ଦ୍ୱାରା ସ୍ୱାମୀ ଦୀର୍ଘାୟୁ ହୁଅନ୍ତି ଏବଂ ସୌଭାଗ୍ୟ ବୃଦ୍ଧି ହୁଏ। ଅସହାୟ ମହିଳାଙ୍କୁ ଶାଢ଼ି ତଥା ଅନ୍ୟ ବସ୍ତ୍ର ଦାନ କରନ୍ତୁ।

**ଫଳ:** ଋତୁ ଅନୁସାରେ ଫଳ ଦାନ କରିବାକୁ ଶୁଭ ବୋଲି କୁହାଯାଇଛି। ସଧବା ମହିଳା, ଗରିବ ଲୋକଙ୍କୁ ଫଳ ଦାନ କଲେ ବୈବାହିକ ଜୀବନ ସୁଖମୟ ହୁଏ।

**ଶୃଙ୍ଗାର ଜିନିଷ:** ଏହି ଦିନ ଶୃଙ୍ଗାର ସାମଗ୍ରୀ ସଧବା ମହିଳାଙ୍କୁ ଦେଲେ ଅଖଣ୍ଡ ସୌଭାଗ୍ୟ ପ୍ରାପ୍ତି ହୁଏ। କୁମକୁମ, ମେହେନ୍ଦି, ଚୁଡ଼ି ଆଦି ଦେବା ଉଚିତ।

**ଚାଉଳ:** ଶସ୍ୟ ଦାନ ବି ଶୁଭଫଳ ପ୍ରଦାନ କରେ। ଏହା ଦ୍ୱାରା ଘରେ ଅନ୍ନ ଏବଂ ଧନର ଅଭାବ ରହେ ନାହିଁ।

**ଘିଅ ଓ ତେଲ ଦାନ:** ମନ୍ଦିର ତଥା ଅସହାୟଙ୍କୁ ଘିଅ ଓ ତେଲ ଦାନ କଲେ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆସେ।

**ଧନ:** ସାବିତ୍ରୀ ବ୍ରତରେ ନିଜ ସାମର୍ଥ୍ୟ ଅନୁସାରେ ଧନ ଦାନ କଲେ ମା' ଲକ୍ଷ୍ମୀ ଘରେ ସ୍ଥିର ଭାବେ ବାସ କରନ୍ତି। ବ୍ରାହ୍ମଣ ତଥା ଗରିବଙ୍କୁ ଦକ୍ଷିଣା ସ୍ୱରୂପ ଧନ ଦାନ କରନ୍ତୁ। ଏହି ଦାନ ଦ୍ୱାରା ବ୍ରତ ପୂର୍ଣ୍ଣ ହେବ ଏବଂ ଆର୍ଥିକ ସମସ୍ୟା ଦୂର ହେବ।





## ସାବିତ୍ରୀ ଅମାବାସ୍ୟା

**ସାବିତ୍ରୀ ବ୍ରତ ଜ୍ୟେଷ୍ଠ ମାସ ଅମାବାସ୍ୟାରେ ପାଳନ କରାଯାଏ। ସଧବା ନାରୀମାନେ ଅଖଣ୍ଡ ସୌଭାଗ୍ୟ ଓ ସ୍ୱାମୀଙ୍କ ଦୀର୍ଘ ଜୀବନ କାମନା ପାଇଁ ଏହି ବ୍ରତ ପାଳନ କରିଥାନ୍ତି। ଏହି ଦିନ ମହିଳାମାନେ ଉପବାସ ରଖନ୍ତି। ଏହି ବ୍ରତରେ ଭଗବାନ ବ୍ରହ୍ମା-ଦେବୀ ସାବିତ୍ରୀ, ଶିବ-ପାର୍ବତି, ଯମ ଦେବତା, ସତ୍ୟବାନ-ସାବିତ୍ରୀଙ୍କୁ ପୂଜା କରିବାର ବିଧି ଅଛି। ଏହାବାଦ୍ ଏହି ପୂଜାରେ ବର ଗଛ ପୂଜାର ବିଶେଷ ମହତ୍ତ୍ୱ ରହିଛି। ଓଡ଼ିଆ ଘରର ପରମ୍ପରା ଅନୁସାରେ, ବ୍ରତ ପାଇଁ ସମସ୍ତ ଜିନିଷ ମହିଳାଙ୍କ ବାପଘରୁ ଆସିଥାଏ। ଯାହା ସାବିତ୍ରୀ ଭାର ନାମରେ ଜଣାଶୁଣା।**





ଏହି ପୂଜାର ଆରାଧ୍ୟ ଦେବୀ ହେଉଛନ୍ତି ମା' ସାବିତ୍ରୀ। ସାବିତ୍ରୀ ହେଉଛନ୍ତି ବ୍ରହ୍ମାଙ୍କ ପତ୍ନୀ। ତେବେ ସାବିତ୍ରୀଙ୍କ ମାନବୀ ସାବିତ୍ରୀଙ୍କ ପ୍ରତି ନିଜ ଆଶୀର୍ବାଦ ଓ କରୁଣା ସତ୍ୟବାନଙ୍କୁ ମୃତ୍ୟୁ ଫାଶରୁ ଫେରାଇ ଆଣିଥିଲେ। ତାହାକୁ ଆଧାର କରି ମା' ସାବିତ୍ରୀଙ୍କୁ ମହିମାନ୍ୱିତ କରାଯାଇଥାଏ। ଚଉଁରା ମୂଳ, ଠାକୁର ଘର ଏବଂ ବରଗଛରେ ସଧବା ନାରୀମାନେ ଏହି ପୂଜା କରିଥାନ୍ତି। ନୂଆ ଶାଢ଼ି ସହିତ ଶଙ୍ଖା, ସିନ୍ଦୂର ଏବଂ ଅଳତାକୁ ପୂଜା କରନ୍ତି। ଏହାବାଦ୍ ନଡ଼ିଆ, ଖଜୁରି, ତାଳ, ଆମ୍ବ, ପଣସ, ଲିଚୁ ଆଦି ଭୋଗ ଲାଗି କରନ୍ତି। ସ୍ୱାମୀଙ୍କ ଦୀର୍ଘ ଆୟୁଷ ପାଇଁ ଏହି ବ୍ରତରେ ସାବିତ୍ରୀ ଉପାଖ୍ୟାନ ପାଠ କରାଯାଏ। ସଧବା ନାରୀମାନେ ଏହି ବ୍ରତକୁ ନିଷ୍ଠାର ସହ ପାଳନ କରନ୍ତି। ବ୍ରତଧାରୀ ଉପବାସ ରଖି ଅନ୍ନ ଗ୍ରହଣ କରନ୍ତି ନାହିଁ। ପୂଜା ଶେଷ ପରେ ଫଳାହାର କରନ୍ତି।

ବରଗଛର ବିଭିନ୍ନ ଶାଖାରେ ଭିନ୍ନ ଭିନ୍ନ ଦେବତା ବାସ କରୁଥିବା ବିଶ୍ୱାସ ରହିଛି। ସାବିତ୍ରୀ ଅମାବାସ୍ୟାରେ ବରଗଛକୁ ପୂଜା କରିବା ବିଧି ଅଛି। ପୌରାଣିକ କାହାଣୀ ଅନୁସାରେ, ସାବିତ୍ରୀ ପତିବ୍ରତା ଧର୍ମ ପାଳନ କରି ନିଜ ସ୍ୱାମୀ ସତ୍ୟବାନଙ୍କ ଜୀବନ ଫେରାଇ ଆଣିଥିଲେ। ଯୁବାବସ୍ଥାରେ ସତ୍ୟବାନଙ୍କ ମୃତ୍ୟୁ ହୋଇଥିଲା। ସେଇଠୁ ସାବିତ୍ରୀ ମୃତ୍ୟୁ ଦେବତା ଯମରାଜଙ୍କୁ ନିଜ ପତିଙ୍କ ଜୀବନ ମାଗିଥିଲେ। ସେ ଭକ୍ତି ଓ ନିଷ୍ଠାର ସହ ଯମରାଜଙ୍କୁ ପ୍ରସନ୍ନ କରି ସତ୍ୟବାନଙ୍କୁ ମୃତ୍ୟୁ କବଳରୁ ଫେରାଇ ଆଣିବାରେ ସଫଳ ହୋଇଥିଲେ। ସାବିତ୍ରୀ ବରଗଛ ତଳେ ହିଁ ନିଜ ସ୍ୱାମୀଙ୍କ ଜୀବନ ଫେରି ପାଇଥିଲେ। ଏହି କାରଣ ଯୋଗୁଁ ଏହିଦିନ ବରଗଛ ପୂଜାର ପରମ୍ପରା ଥିବା କୁହାଯାଏ।

## ଚୌମୁଖୀ ଦୀପ



ହିନ୍ଦୁ ଧର୍ମରେ ପୂଜାରେ ଦୀପ ଜଳାଇବାର ମହତ୍ତ୍ୱ ରହିଛି। ଦୀପ ବିନା ପୂଜା ପୂର୍ଣ୍ଣ ହୁଏ ନାହିଁ। ଏପରିକି ଶୁଭ ତଥା ମାଙ୍ଗଳିକ କାର୍ଯ୍ୟର ଆରମ୍ଭ ଦୀପ ପ୍ରଜ୍ୱଳନରୁ ହିଁ ହୋଇଥାଏ। ସେହିପରି ଦୀପ ବିଭିନ୍ନ ପ୍ରକାର ଥିବା ବେଳେ ସେଥିରୁ ଅନ୍ୟତମ ଚୌମୁଖୀ ଦୀପ। ଏହା ଏମିତି ଏକ ଦୀପ, ଯାହାର ଚାରିଟି ମୁହଁ ଥାଏ।

- ହିନ୍ଦୁ ପରମ୍ପରାରେ ଚୌମୁଖୀ ଦୀପକୁ ଅତ୍ୟନ୍ତ ଶୁଭ ଓ ମଙ୍ଗଳମୟ ବୋଲି କୁହାଯାଇଛି।
- ଏହାକୁ ଧନ, ସମ୍ପତ୍ତି, ସୁଖ ସମୃଦ୍ଧି ଏବଂ ଅକାଳ ମୃତ୍ୟୁ ଭୟରୁ ମୁକ୍ତି ପାଇବା ପାଇଁ ଘରର ଦକ୍ଷିଣ ଦିଗ ତଥା ମନ୍ଦିରରେ ଜଳାଯାଏ।
- ଚୌମୁଖୀ ଦୀପ ଜାଳିଲେ ଭୈରବ ଦେବତା ପ୍ରସନ୍ନ ହୁଅନ୍ତି। ଘରଲୋକଙ୍କୁ କଷ୍ଟରୁ ମୁକ୍ତି ମିଳିବା ସହିତ ଭୟରୁ ବି ମୁକ୍ତି ମିଳିଥାଏ।
- ଚୌମୁଖୀ ଦୀପ ଲାଗି ସୋରିଷ ତେଲକୁ ଉତ୍ତମ ବୋଲି କୁହାଯାଇଛି। ଯେଉଁ ଘରେ ସକାଳେ ତଥା ସନ୍ଧ୍ୟାରେ ସୋରିଷ ତେଲରେ ଚୌମୁଖୀ ଦୀପ ଜଳେ, ସେଠାରେ ନକାରାତ୍ମକ ଶକ୍ତି ପ୍ରବେଶ କରେ ନାହିଁ।
- ଘରେ ଚୌମୁଖୀ ଦୀପ ଜାଳିବା ଦ୍ୱାରା ବାସ୍ତୁ ଦୋଷ ଦୂର ହୁଏ।
- ପ୍ରତି ଅମାବାସ୍ୟାରେ ରାଶି ତେଲରେ ଚୌମୁଖୀ ଦୀପ ଜାଳିଲେ ପିତୃଦୋଷରୁ ମୁକ୍ତି ମିଳିଥାଏ।

## ଭୂମି ଦୋଷର ସଙ୍କେତ

**ବାସ୍ତୁ ଶାସ୍ତ୍ରରେ ଭୂମି ଦୋଷକୁ ସବୁଠୁ ଗମ୍ଭୀର ଏବଂ ପ୍ରଭାବଶାଳୀ ଦୋଷ ବୋଲି କୁହାଯାଇଛି। ଏହି ଦୋଷ ଯୋଗୁଁ ଘରେ ବାରମ୍ବାର ଅଶାନ୍ତି, ବିବାଦ, ଆର୍ଥିକ କ୍ଷତି, ସ୍ୱାସ୍ଥ୍ୟ ସହ ଜଡ଼ିତ ସମସ୍ୟା ଏବଂ କ୍ୟାରିୟରରେ ବାଧା ଆଦି ସମସ୍ୟା ଦେଖା ଦିଏ। ଭୂମି ଦୋଷର ସଙ୍କେତ କ'ଣ, ସେ ସମ୍ପର୍କରେ ଜାଣିବା।**

- ଘରେ ବାରମ୍ବାର କଳି, ଝଗଡ଼ା, ଅର୍ଥହାନି ଆଦି ଭଳି ସମସ୍ୟା ଦେଖା ଦେବା।
- ବୈଦ୍ୟୁତିକ ଉପକରଣ ବାରମ୍ବାର ଖରାପ ହେବା।
- ମାନସିକ ଅଶାନ୍ତି ବୃଦ୍ଧି ପାଇବା।
- କାର୍ଯ୍ୟରେ ଲଗାତାର ବିଫଳ ହେବା।
- ବାସ୍ତୁ ଅନୁସାରେ, ଭୂମି ମାଟିର ରଙ୍ଗ, ସ୍ୱାଦ ଓ ଗନ୍ଧରୁ ଏହାର ପ୍ରକୃତି ଏବଂ ପ୍ରଭାବ ବାବଦରେ ଅନୁମାନ ଲଗାଇପାରିବେ।
- ଭୂମି ଦୋଷ ଉପାୟକୁ ଦୂର କରିବା ପାଇଁ ବାସ୍ତୁ ଶାସ୍ତ୍ରରେ ବି ଅନେକ ଉପାୟ କୁହାଯାଇଛି।
- ଏ ଲାଗି ବାସ୍ତୁବିଦ୍‌ଙ୍କ ପରାମର୍ଶ ନେବା ଜରୁରି।



# କ୍ରୀଡ଼ା

ସକାଳ
THE SAKALA
www.sakalaepaper.com

### ଉର୍ଭିଲ ପଟେଲଙ୍କ ୧୩ ବଲ୍‌ରେ ଦ୍ରୁତତମ ଅର୍ଦ୍ଧଶତକ

# ପ୍ଲେ ଅଫ୍ ଦୌଡ଼ରେ ସିଏସ୍‌କେ; ଏଲଏସ୍‌ଜି ଆଉଟ୍

ଚେନ୍ନଇ,୧୦।୫(ଏଜେନ୍ସି)

ଉର୍ଭିଲ ପଟେଲଙ୍କ ବିସ୍ଫୋରକ ଅର୍ଦ୍ଧଶତକ ଓ ବୋଲରଙ୍କ ଚତୁର ବୋଲିଂ ବଳରେ ଏଠାରେ ରବିବାର ଅନୁଷ୍ଠିତ ଆଇପିଏଲ୍‌ର ୫୩ତମ ଲିଗ୍ ମ୍ୟାଚ୍‌ରେ ସିଏସ୍‌କେ (ଚେନ୍ନଇ ସୁପର କିଙ୍ଗସ୍) ୫ ୱିକେଟରେ ଏଲଏସଜି (ଲକ୍ଷ୍ନୌ ସୁପର ଜାଏଣ୍ଟସ)କୁ ପରାସ୍ତ କରିଛି। ଏହା ଫଳରେ ଏକାଦଶ ମୁକାବିଲାରୁ ୬ଷ୍ଠ ବିଜୟ ସହ ପଏଣ୍ଟ ଟେବୁଲର ୫ମ ସ୍ଥାନକୁ ଉନ୍ନୀତ ହୋଇଥିବା ସିଏସ୍‌କେ ପ୍ଲେ ଅଫ୍ ଦୌଡ଼ରେ ତିଷ୍ଠି ରହିଛି। ଅନ୍ୟ ପକ୍ଷରେ ସମାନସଂଖ୍ୟକ ଲିଗ୍ ମ୍ୟାଚ୍‌ରୁ ୮ମ ପରାଜୟ ସହ ଏଲଏସଜି ଚଳିତବର୍ଷର ପ୍ଲେ ଅଫ୍ ଦୌଡ଼ରୁ ବାଦ୍ ପଡ଼ିଛି। ଏଲଏସଜି ଇନିଂସରେ ୪ ଓଭର ବୋଲିଂ କରି ୩୬ ରନ୍‌ରେ ୩ଟି ୱିକେଟ ନେଇଥିବା ସିଏସ୍‌କେର ଜାମି ଓଭରଟନଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ୨୦୧୯ ଏବଂ ଏହା ପରେ ସିଏସ୍‌କେ ପ୍ରଥମଥର ୧୮୦ କିମ୍ବା ତା'ଠାରୁ ଅଧିକ ରନ୍ ଚେଜ୍ କରି ପ୍ରଥମଥର ବିଜୟୀ ହୋଇଛି।



ଆଜିର ମ୍ୟାଚ୍‌ରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଏଲଏସଜି ଜୋଶ ଇଂଲିଶଙ୍କ ବିସ୍ଫୋରକ ୮୫ ରନ୍ ବଳରେ ପ୍ରଥମେ ବ୍ୟାଟିଂ କରି ୮ ୱିକେଟରେ ୨୦୩ ରନ୍ କରିଥିଲା। ଜବାବରେ ସିଏସ୍‌କେ ଉତ୍ତେଜନାମୂଳକ ସ୍ଥିତି ଉତ୍ପନ୍ନ କରି ଇନିଂସର ଶେଷ ଓଭରରେ ୫ ୱିକେଟରେ ବିଜୟୀ ହୋଇଥିଲା। ଏଲଏସଜି ପ୍ରଦତ୍ତ ୨୦୪ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ସିଏସ୍‌କେ ଦମ୍‌ଦାର ଆରମ୍ଭ କରିଥିଲେ ମଧ୍ୟ ଚତୁର୍ଥ ଓଭରରେ ସଞ୍ଜୁ ସାମସନ (୧୪ବଲ୍‌ରେ ୨୮ ରନ୍)ଙ୍କ ୱିକେଟ ହରାଇ ବିପଦରେ ପଡ଼ିଥିଲା। ଏହି ସମୟରେ ବ୍ୟାଟିଂ କରିବାକୁ ଆସି ଉର୍ଭିଲ ପଟେଲ ଏଲଏସଜି ବୋଲରଙ୍କ ମଧ୍ୟରେ ଆତଙ୍କ ଖେଳାଇଦେଇଥିଲେ। ସେ ସାମ୍ନା କରିଥିବା ପ୍ରଥମ ୮ଟି ବଲ୍‌ରୁ ୭ଟି ଛକା ଓ ଗୋଟିଏ ଚୌକା ମାରିଥିଲେ ମଧ୍ୟ ଆଇପିଏଲ୍‌ରେ ଦ୍ରୁତତମ ଶତକ ହାସଲ କରିପାରି ନ ଥିଲେ। ସେ ମାତ୍ର ୧୩ଟି ବଲ୍‌ରେ ୫୦ ରନ୍ ପୂରଣ କରି ଯଶସ୍ୱୀ ଜୟସ୍ୱାଲଙ୍କ ସହ ଦ୍ରୁତତମ ଅର୍ଦ୍ଧଶତକ ରେକର୍ଡର ସମକକ୍ଷ ହୋଇପାରିଥିଲେ। ସେ ମୋଟରେ ୨୩ବଲ୍ ଖେଳି ୨ଚୌକା ଓ ୮ଛକା ସହ ୬୫ରନ୍ କରି ଦଳର ବିଜୟ ରାସ୍ତା ସହଜ କରିଦେଇଥିଲେ। ତାଙ୍କ ଆଉଟ ପରେ ସତର୍କତାର ସହ ଖେଳୁଥିବା ଋତୁରାଜ ଗାଏକ୍ୱାଡ ୨୮ ବଲ୍‌ରୁ ୪୨ ରନ୍ କରି ଆଉଟ ହୋଇଯାଇଥିଲେ। ଯୁବ ଖେଳାଳି କାର୍ତ୍ତିକ ଶର୍ମା ୨୦ବଲ୍‌ରେ ୨୦ ଓ ଡିୱାଲ୍ଡ ବ୍ରେଭିସ୍ ୧୨ବଲ୍‌ରେ ୧୦ ରନ୍ କରି ପାଭିଲିୟନ ଫେରିଯାଇଥିଲେ। ସିଏସ୍‌କେ ଏକଦା ୧ ୱିକେଟରେ ୧୨୬ ରନ୍ କରିଥିଲାବେଳେ ଏହି ଖେଳାଳିଙ୍କ ଦାୟିତ୍ୱହୀନତା ଯୋଗୁଁ ୧୬.୧ ଓଭର ସୁଦ୍ଧା ୧୬୯ ରନ୍‌ରେ ୫ ୱିକେଟ ହରାଇ ଦଳୀୟ ଶିବିର ଓ ଷ୍ଟାଡିୟମ୍‌ରେ ଉପସ୍ଥିତ ଦର୍ଶକଙ୍କ ମନରେ ଉତ୍ତେଜନା ସୃଷ୍ଟି କରାଇଥିଲେ। ଏହି ସମୟରେ ଦଳକୁ ମ୍ୟାଚ୍ ଜିତିବା ଲାଗି ୨୩ ବଲ୍‌ରେ ୩୫ ରନ୍ ଆବଶ୍ୟକ ହେଉଥିଲା। କିନ୍ତୁ କ୍ରିଜ୍‌ରେ ଥିବା ଶିବମ ଦୁବେ କିମ୍ବା ପ୍ରଶାନ୍ତ ବୀର ସେପରି ବିଶ୍ୱସନୀୟ ବ୍ୟାଟିଂ କରି ନ ଥିଲେ ମଧ୍ୟ ଆଉଟ ହୋଇ ନ ଥିଲେ। ଶେଷ ଓଭରରେ ଦଳକୁ ମ୍ୟାଚ୍ ଜିତିବା ଲାଗି ୧୦ ରନ୍ ଆବଶ୍ୟକ ହେଉଥିଲା। ଏହି ଓଭର ବୋଲିଂ କରିଥିବା ଆଇଡେନ୍ ମାରକ୍ରମ ପ୍ରଥମ ଦୁଇଟି ବଲ୍ ୱାଇଡ୍ ବୋଲିଂ କରିବା ପରେ ଦୁବେ ପରବର୍ତ୍ତୀ ଦୁଇଟି ବଲ୍‌କୁ ଛକା ମାରି ଚେନ୍ନଇକୁ କ୍ରମାଗତ ତୃତୀୟ ମ୍ୟାଚ୍‌ରେ ବିଜୟୀ କରାଇଥିଲେ। ଦୁବେ ୭ବଲ୍‌ରେ ୧୫ ଓ ବୀର ୧୨ ବଲ୍‌ରେ ୧୮ ରନ୍‌କରି ଶେଷ ଯାଏ ଅପରାଜିତ ରହିଥିଲେ। ଦିଗବେଶ ସିଂ ରାଠୀ ଓ ଶାହବାଜ ଅହମ୍ମଦ୍ ୨ଟି ଲେଖାଏଁ ୱିକେଟ ପାଇଥିଲେ। ପୂର୍ବରୁ ଏଲଏସଜି ଇନିଂସରେ ଜୋଶ ଇଂଲିଶଙ୍କ ବିସ୍ଫୋରକ ବ୍ୟାଟିଂ ଖୁବ୍ ଚର୍ଚ୍ଚାରେ ରହିଥିଲା। ସେ ମାତ୍ର ୧୭ ବଲ୍‌ରେ ୫୦ରନ୍ ପୂରଣ କରିଥିଲେ। ମୋଟରେ ୩୩ ବଲ୍‌ର ସାମ୍ନା କରିବା ପରେ ଜାମି ଓଭରଟନ୍ ତାଙ୍କୁ ଆଉଟ କରିବାରେ ସମର୍ଥ ହୋଇଥିଲେ। ଇଂଲିଶଙ୍କ ୮୫ବଲ୍ ଇନିଂସରେ ୧୦ଟି ଚୌକା ଓ ୬ଟି ଛକା ସାମିଲ ଥିଲା। ଶେଷ ଭାଗରେ ଶାହାବାଜ୍ ୨୫ବଲ୍‌ରେ ଅପରାଜିତ ୪୩ ଓ ହିମ୍ମତ ସିଂ ୧୨ ବଲ୍‌ରେ ୧୭ ରନ୍ କରିବା ଫଳରେ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ ହରାଇ ସମ୍ମାନଜନକ ୨୦୩ ରନ୍ କରିଥିଲା। ସିଏସ୍‌କେର ଜାମି ଓଭରଟନଙ୍କ ନେତୃତ୍ୱରେ ବୋଲରମାନେ ଶେଷ ଭାଗରେ ଏଲଏସଜିର ଇନିଂସକୁ ନିୟନ୍ତ୍ରଣ କରିଥିଲେ। ସେ ୪ ଓଭରରେ ୩୬ ରନ୍ ଦେଇ ଏଲଏସଜିର ଇଂଲିଶ, ଋଷଭ ପନ୍ତ ଓ ଅକ୍ଷତ ରଘୁବଂଶୀଙ୍କ ୱିକେଟ ନେଇଥିଲେ। ଅଂଶୁଲ କାମ୍ବୋଜ ୨ଟି ଓ ନୁର ଅହମ୍ମଦ୍ ଗୋଟିଏ ୱିକେଟ ପାଇଥିଲେ।

| ଆଜିର ଆଇପିଏଲ୍ ମ୍ୟାଚ୍ |
| --- |
| ପଞ୍ଜାବ ବନାମ ଦିଲ୍ଲୀ |
| ଭେନ୍ୟୁ-ଧର୍ମଶାଳା |
| ଖେଳ ଆରମ୍ଭ : ରାତି ୭.୩୦ |
| ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର |

**ଆଇପିଏଲ୍ ପଏଣ୍ଟ ଟେବୁଲ୍**

| ଦଳ | ମ୍ୟା. | ବି. | ପ. | ବା. | ପ. | ଏନ୍‌ଆରଆର୍ |
| --- | --- | --- | --- | --- | --- | --- |
| ବେଙ୍ଗାଲୁରୁ | ୧୧ | ୭ | ୪ | ୦ | ୧୪ | +୧.୧୦୩ |
| ହାଇଦରାବାଦ | ୧୧ | ୭ | ୪ | ୦ | ୧୪ | +୦.୭୩୭ |
| ଗୁଜରାଟ | ୧୧ | ୭ | ୪ | ୦ | ୧୪ | +୦.୨୨୮ |
| ପଞ୍ଜାବ | ୧୦ | ୬ | ୩ | ୧ | ୧୩ | +୦.୫୭୧ |
| ଚେନ୍ନଇ | ୧୧ | ୬ | ୫ | ୦ | ୧୨ | +୦.୧୮୫ |
| ରାଜସ୍ଥାନ | ୧୧ | ୬ | ୫ | ୦ | ୧୨ | +୦.୦୮୨ |
| କୋଲକାତା | ୧୦ | ୪ | ୫ | ୧ | ୯ | -୦.୧୬୯ |
| ଦିଲ୍ଲୀ | ୧୧ | ୪ | ୭ | ୦ | ୮ | -୧.୧୫୪ |
| ମୁମ୍ବଇ (ଏ) | ୧୧ | ୩ | ୮ | ୦ | ୬ | -୦.୫୮୫ |
| ଲକ୍ଷ୍ନୌ (ଏ) | ୧୧ | ୩ | ୮ | ୦ | ୬ | -୦.୯୦୭ |

ବି.ଦ୍ର.: ମ୍ୟା-ମ୍ୟାଚ୍, ବି- ବିଜୟ, ପ- ପରାଜୟ, ବା- ବାତିଲ, ପ- ପଏଣ୍ଟ

■ ଭୁବନେଶ୍ୱରଙ୍କ ଘାତକ ବୋଲିଂ, କ୍ରୁନାଲଙ୍କ ଅର୍ଦ୍ଧଶତକ

# ମୁମ୍ବଇକୁ ବିଦା କଲା ବେଙ୍ଗାଲୁରୁ



ରାୟପୁର,୧୦।୫(ଏଜେନ୍ସି): ଭୁବନେଶ୍ୱର କୁମାର (୪/୨୩)ଙ୍କ ଘାତକ ବୋଲିଂ ଏବଂ କ୍ରୁନାଲ ପାଣ୍ଡ୍ୟା (୪୬ବଲ୍‌ରେ ୭୩ରନ୍)ଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଏଠାରେ ରବିବାର ଖେଳାଯାଇଥିବା ଆଇପିଏଲ୍‌ର ୫୪ତମ ଲିଗ୍ ମ୍ୟାଚ୍‌ର ଶେଷ ବଲରେ ମୁମ୍ବଇ ଇଣ୍ଡିଆନ୍ସକୁ ୨ ୱିକେଟରେ ପରାସ୍ତ କରିଛି। ଏହା ଫଳରେ ଏକାଦଶ ମ୍ୟାଚ୍‌ରୁ ୭ମ ବିଜୟ ସହ ବେଙ୍ଗାଲୁରୁ ପଏଣ୍ଟ ଟେବୁଲର ପ୍ରଥମ ସ୍ଥାନ ଅଧିକାର କରିଛି। ଅନ୍ୟ ପକ୍ଷରେ ସମାନ ସଂଖ୍ୟକ ମ୍ୟାଚ୍‌ରୁ ୮ମ ପରାଜୟ ସହ ୫ଥରର ଚାମ୍ପିଅନ ମୁମ୍ବାଇ ଇଣ୍ଡିଆନ୍ସ ପ୍ଲେ ଅଫ୍ ଦୌଡ଼ରୁ ବିଦା ହୋଇଛି। ପୂର୍ବରୁ ଚେନ୍ନଇ ସୁପର କିଙ୍ଗସଠାରୁ ହାରିଥିବା ଲକ୍ଷ୍ନୌ ସୁପର ଜାଏଣ୍ଟସ ପ୍ରଥମ ଦଳ ଭାବେ ପ୍ଲେ ଅଫ୍ ଦୌଡ଼ରୁ ବାଦ୍ ପଡ଼ିଥିଲା। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ମୁମ୍ବଇ ଇଣ୍ଡିଆନ୍ସ ୭ ୱିକେଟରେ କରିଥିଲା ୧୬୬ ରନ୍। ଜବାବରେ ୮ ୱିକେଟ ହରାଇଥିବା ବେଙ୍ଗାଲୁରୁ ଇନିଂସ ଶେଷ ବଲ୍‌ରେ ୨ ରନ୍ ନେଇ ନାଟକୀୟ ପରିସ୍ଥିତିରେ ବିଜୟୀ ହୋଇଥିଲା। ପାଣ୍ଡ୍ୟାଙ୍କ ୭୩ ରନ୍, ଭୁବନେଶ୍ୱର କୁମାରଙ୍କ ଛକା ଏବଂ ଶେଷ ଓଭର ବୋଲିଂ କରିଥିବା ମୁମ୍ବଇ ଇଣ୍ଡିଆନ୍ସର ରାଜ ବାୱା ୪ଟି ଅତିରିକ୍ତ ବଲ ପକାଇବା ଫଳରେ ବେଙ୍ଗାଲୁରୁ ବିଜୟୀ ହୋଇଥିଲା।

## ଦ୍ରୁତତମ ଅର୍ଦ୍ଧଶତକ ରେକର୍ଡ ସହ ସମକକ୍ଷ ହେଲେ ପଟେଲ



ଚେନ୍ନଇ, ୧୦।୫ (ଏଜେନ୍ସି): ସିଏସ୍‌କେର ବିସ୍ଫୋରକ ବ୍ୟାଟର ଉର୍ଭିଲ ପଟେଲ ଏଠାରେ ଏଲ୍‌ଏସ୍‌ଜି ସହ ରବିବାର ଅନୁଷ୍ଠିତ ଆଇପିଏଲ୍ ମ୍ୟାଚ୍‌ରେ ଦ୍ରୁତତମ ଅର୍ଦ୍ଧଶତକର ରେକର୍ଡ ସହ ସମକକ୍ଷ ହୋଇଛନ୍ତି। ସେ ମାତ୍ର ୧୩ଟି ବଲ୍‌ରେ ୫୦ ରନ୍ ପୂରଣ କରି ରାଜସ୍ଥାନର ଯଶସ୍ୱୀ ଜୟସ୍ୱାଲଙ୍କ ସହ ସମକକ୍ଷ ହୋଇଛନ୍ତି। ୨୦୨୩ରେ ସେ କୋଲକାତା ନାଇଟ୍ ରାଇଡର୍ସ ବିପକ୍ଷ ମୁକାବିଲାରେ ୧୩ବଲ୍‌ରୁ ୫୦ ରନ୍ ପୂରଣ କରି ଏହି ରେକର୍ଡର ଅଧିକାରୀ ହୋଇଥିଲେ। ଆଜି ଉର୍ଭିଲ ପଟେଲ ଏହି ରେକର୍ଡ ସହ ସମକକ୍ଷ ହୋଇଛନ୍ତି। ୨୦୧୮ ରେ ପଞ୍ଜାବ କିଙ୍ଗସର ଲୋକେଶ ରାହୁଲ ବନାମ ଦିଲ୍ଲୀ କ୍ୟାପିଟାଲ୍ସ, ୨୦୨୨ରେ କୋଲକାତା ନାଇଟ୍ ରାଇଡର୍ସର ପ୍ୟାଟ କମିନ୍ସ ବନାମ ମୁମ୍ବଇ ଇଣ୍ଡିଆନ୍ସ ଏବଂ ୨୦୨୫ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁର ରୋମାରିଓ ସେଫର୍ଡ ବନାମ ସିଏସ୍‌କେ ବିପକ୍ଷରେ ୧୪ଟି ବଲ୍‌ରୁ ଅର୍ଦ୍ଧଶତକ ହାସଲ କରିଥିଲେ। ଏମାନେ ଆଇପିଏଲ୍‌ରେ ଦ୍ରୁତତମ ଅର୍ଦ୍ଧଶତକ ହାସଲ କରିବା ତାଲିକାରେ ମିଳିତ ଭାବେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଏହି ମ୍ୟାଚ୍‌ରେ ଉର୍ଭିଲ ମଧ୍ୟ ପ୍ରଥମ ୧୦ଟି ବଲ୍‌ରୁ ୪୨ ରନ୍ ସଂଗ୍ରହ କରିଥିଲେ। ଏଭଳି ରେକର୍ଡ କରିବାରେ ସେ ପ୍ରଥମ। ପୂର୍ବରୁ ଆର୍‌ସିବିର ଏବି ଡିଭିଲର୍ସ ୧୦ଟି ବଲ୍‌ରେ ୪୧ ରନ୍ କରି ଏହି ରେକର୍ଡର ଅଧିକାରୀ ହୋଇଥିଲେ।

## ସୂର୍ଯ୍ୟବଂଶୀଙ୍କ ବିଶ୍ୱରେକର୍ଡ

ଜୟପୁର, ୧୦।୫ (ଏଜେନ୍ସି): ରାଜସ୍ଥାନ ରୟାଲ୍ସର ଯୁବ ଓପନର୍ ବୈଭବ ସୂର୍ଯ୍ୟବଂଶୀ ତାଙ୍କ ସଂକ୍ଷିପ୍ତ ଟି-୨୦ କ୍ୟାରିୟରରେ ଆଉ ଏକ ବିଶ୍ୱରେକର୍ଡ କରିଛନ୍ତି। ସର୍ବକନିଷ୍ଠ କ୍ରିକେଟର୍ ଭାବେ ଟି-୨୦ ଫର୍ମାଟ୍‌ରେ ୧୦୦ ଛକା ମାରିବାର ରେକର୍ଡ ଏବେ ତାଙ୍କ ନାମରେ ଲିପିବଦ୍ଧ ହୋଇଛି। ଗତକାଲି ଗୁଜରାଟ ଟାଇଟାନ୍ସ ବିପକ୍ଷ ଆଇପିଏଲ୍‌ର ୫୨ତମ ଲିଗ୍ ମ୍ୟାଚରେ ବୈଭବ ୧୬ଟି ବଲରେ ୩୬ ରନର ଦ୍ରୁତ ପାଳି ଖେଳିଥିଲେ। ଯେଉଁଥିରେ ୩ଟି ଲେଖାଏ ଚୌକା ଓ ଛକା ସାମିଲ ଥିଲା। ଏଥିସହ ଓଭରଅଲ୍ ଟି-୨୦ ଫର୍ମାଟରେ ୧୫ ବର୍ଷୀୟ ସୂର୍ଯ୍ୟବଂଶୀଙ୍କ ଛକା ସଂଖ୍ୟା ୧୦୦ ଛୁଇଁଛି। ଟି-୨୦ କ୍ରିକେଟ୍ ଇତିହାସରେ ସେ ପ୍ରଥମ ବ୍ୟାଟର୍ ଭାବେ ୨୦ ବର୍ଷରୁ କମ୍ ବୟସରେ ୧୦୦ ଛକା ମାଇଲଖୁଣ୍ଟ ଛୁଇଁଛନ୍ତି। ସେହିଭଳି ବଲ୍ ଦୃଷ୍ଟିରୁ ସବୁଠୁ କମ୍ ବଲ୍ ଖେଳି ଟି-୨୦ ଫର୍ମାଟ୍‌ରେ ୧୦୦ ଛକା ମାରିବାର କୀର୍ତ୍ତିମାନ ମଧ୍ୟ ସୂର୍ଯ୍ୟବଂଶୀଙ୍କ ନାମରେ ଲିପିବଦ୍ଧ ହୋଇଛି। ଟି-୨୦ ଫର୍ମାଟ୍‌ରେ ୧୦୦ ଛକା ମାରିବା ଲାଗି ସୂର୍ଯ୍ୟବଂଶୀ ୫୧୫ ବଲ୍‌ର ସହାୟତା ନେଇଥିଲେ। ଏହି ତାଲିକାରେ କରଣବୀର ସିଂହ (୮୧୩ ବଲ୍), କାଇରନ ପୋଲାର୍ଡ (୮୪୩ ବଲ୍), ରୋମାରିଓ ଶେଫର୍ଡ (୮୪୫ ବଲ୍) ଓ ସିକୁଗେ ପ୍ରସନ୍ନା (୮୫୦ ବଲ୍) ଯଥାକ୍ରମେ ତାଲିକାରେ ପଛକୁ ପଛ ରହିଛନ୍ତି।



### ନ୍ୟାସନାଲ ର୍‍ୟାଙ୍କିଙ୍ଗ ଟୁର୍ଣ୍ଣାମେଣ୍ଟ

# ଟାଇଟଲ୍ ଜିତି ଭାରତୀୟ ଦଳରେ ତନ୍ୱୀ

ଭୁବନେଶ୍ୱର, ୧୦।୫ (ସମିସ): ଓଡ଼ିଶାର ଉଦୀୟମାନ ବ୍ୟାଡ୍‌ମିଣ୍ଟନ ଖେଳାଳି ତନ୍ୱୀ ପତ୍ରୀ ତାଙ୍କ କ୍ୟାରିୟରରେ ଆଉ ଏକ ସଫଳତା ହାସଲ କରିଛନ୍ତି। କର୍ଣ୍ଣାଟକରେ ଚାଲିଥିବା ୧୯ ବର୍ଷରୁ କମ୍ ସର୍ବଭାରତୀୟ ନ୍ୟାସନାଲ ର୍‍ୟାଙ୍କିଙ୍ଗ୍ ଟୁର୍ଣ୍ଣାମେଣ୍ଟରେ ତନ୍ୱୀ ଚାମ୍ପିଅନ ହୋଇଛନ୍ତି। ରବିବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ଫାଇନାଲରେ ତନ୍ୱୀ ୨୧-୧୭, ୨୧-୮ ସିଧାସଳଖ ଗେମରେ ଘରୋଇ ଖେଳାଳି ସାଇନା ମନିମୁଥୁଙ୍କୁ ପରାସ୍ତ କରି ଚାମ୍ପିଅନ ହୋଇଥିଲେ। ପୁରସ୍କାର ବାବଦକୁ ତାଙ୍କୁ ଟ୍ରଫି ସହ ୭୮ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଏହି ସଫଳତା ବଳରେ ତନ୍ୱୀ ଭାରତୀୟ ଜୁନିଅର (୧୯ ବର୍ଷରୁ କମ୍) ଦଳରେ ମଧ୍ୟ ସ୍ଥାନ ପାଇଛନ୍ତି। ଆଗାମୀ ଜୁନରେ ଜାପାନରେ ଖେଳାଯିବାକୁ ଥିବା ଏସିଆନ ଚାମ୍ପିଅନସିପ୍‌ରେ ସେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ଉଲ୍ଲେଖଯୋଗ୍ୟ, ବର୍ତ୍ତମାନ ଭୁବନେଶ୍ୱର ନୟାପଲ୍ଲୀରେ ରହୁଥିବା ବାଲେଶ୍ୱର ଜନ୍ମିତ ଏହି ଉଦୀୟମାନ ବ୍ୟାଡ୍‌ମିଣ୍ଟନ ଖେଳାଳି ପୂର୍ବରୁ ଏକାଧିକ ଜାତୀୟ ଓ ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟରେ ପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି।



### ଜାତୀୟ ସିନିଅର ମହିଳା ହକି କ୍ୟାମ୍ପ୍

# ଓଡ଼ିଶାର ମାଧୁରୀ, ସୁନେଲିତା ସାମିଲ

ନୂଆଦିଲ୍ଲୀ, ୧୦।୫ (ଏଜେନ୍ସି)

ହକି ଇଣ୍ଡିଆ ଆନୁକୂଲ୍ୟରେ ଜାତୀୟ ସିନିଅର ମହିଳା ହକି କ୍ୟାମ୍ପ ସୋମବାରଠାରୁ ଆରମ୍ଭ ହେବାକୁ ଯାଉଛି। ଏଥିଲାଗି ୩୧ ଜଣିଆ ସମ୍ଭାବ୍ୟ ଭାରତୀୟ ଦଳ ଘୋଷଣା କରାଯାଇଛି। ଯେଉଁଥିରେ ଓଡ଼ିଶାର ଦୁଇଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଗୋଲ୍‌ରକ୍ଷକ ମାଧୁରୀ କିଣ୍ଡୋ ଓ ମିଡ୍‌ଫିଲ୍ଡର ସୁନେଲିତା ଟପ୍ପୋ। ମୁଖ୍ୟ ପ୍ରଶିକ୍ଷକ ଜୋଏର୍ଡ ମାରିଜନଙ୍କ ପ୍ରଶିକ୍ଷଣରେ ମେ ୨୦ ତାରିଖ ପର୍ଯ୍ୟନ୍ତ ଏହି ଶିବିର ଚାଲିବ। ଏହି ଶିବିରରୁ ଆଗାମୀ ଏଫ୍ଆଇଏଚ୍ ନେସନ୍ସ କପ୍ ଲାଗି ଖେଳାଳି ଚୟନ କରାଯିବ। ଜୁନ ୧୫ରୁ ୨୧ ତାରିଖ ପର୍ଯ୍ୟନ୍ତ ନ୍ୟୁଜିଲାଣ୍ଡର ଅକ୍‌ଲାଣ୍ଡରେ ଏହି ଟୁର୍ଣ୍ଣାମେଣ୍ଟ ଖେଳାଯିବାର କାର୍ଯ୍ୟସୂଚୀ ରହିଛି। ତେବେ ଭାରତ ଏଥିପୂର୍ବରୁ ଅଷ୍ଟ୍ରେଲିଆ ଗସ୍ତ କରି ସେଠାରେ କିଛି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିବ ବୋଲି ଜଣାପଡ଼ିଛି। ସେହିଭଳି ଅଗଷ୍ଟ ୧୫ରୁ ବେଲ୍‌ଜିୟମ ଓ ନେଦରଲାଣ୍ଡସରେ ମିଳିତ ଭାବେ ମହିଳା ହକି ବିଶ୍ୱକପ୍ ଆରମ୍ଭ ହେବାକୁ ଯାଉଛି। ତେଣୁ ଏହି ଶିବିର ଭାରତୀୟ ଖେଳାଳିଙ୍କ ପାଇଁ ବେଶ୍ ଗୁରୁତ୍ୱବହନ କରୁଛି।





## ସର୍ବପ୍ରଥମ ରାଜ୍ୟସ୍ତରୀୟ ସ୍କ୍ୱାଶ୍ ଉଦ୍‌ଯାପିତ: ମେହୁଲ୍ ଚାମ୍ପିଅନ

ଭୁବନେଶ୍ୱର, ୧୦।୫ (ସମିସ): ସର୍ବପ୍ରଥମ 'ଓଡ଼ିଶା ଷ୍ଟେଟ୍ କ୍ଲୋଜଡ୍ ସ୍କ୍ୱାଶ୍ ଚାମ୍ପିଅନସିପ୍' ରବିବାର ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ନୟାପଲ୍ଲୀସ୍ଥିତ ପୁରୁଣା ରାଜ୍ୟ କ୍ରୀଡ଼ା ନିର୍ଦ୍ଦେଶାଳୟ ବିଲ୍ଡିଂରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ମେହୁଲ ରାଠୋର ଚାମ୍ପିଅନ ହୋଇଛନ୍ତି। ପୁରୁଷ ବିଭାଗରେ ମେହୁଏ ୧୧-୪, ୧୧-୮ ରେ ଅଞ୍ଜନ ପଟ୍ଟନାୟକଙ୍କୁ ପରାସ୍ତ କରି ଟ୍ରଫି ଜିତିଥିଲେ। ସେହିଭଳି ମାଷ୍ଟର୍ସ ବର୍ଗର ଫାଇନାଲରେ ମେହୁଲ ୧୨-୧୦, ୧୧-୫ରେ ମଧ୍ୟ ସମାନ ପ୍ରତିଦ୍ୱନ୍ଦ୍ୱୀଙ୍କୁ ହରାଇ ଦ୍ୱିତୀୟ ଟ୍ରଫି ହାସଲ କରିଥିଲେ। ପୁରୁଷ ବର୍ଗର କାଂସ୍ୟ ପଦକ ରୋଶନ ମିଶ୍ର ଜିତିଥିଲେ। ସେହିଭଳି ମାଷ୍ଟର୍ସ ବିଭାଗରେ ଶୁଭେନ୍ଦ୍ର କୁମାର ପୃଷ୍ଟି ୩ୟ ସ୍ଥାନରେ ରହିଥିଲେ। ମହିଳା ବର୍ଗରେ କ୍ଷିତିଜା ଜେନାଙ୍କୁ ହରାଇ ଏଲିନା ସଇଦ ଚାମ୍ପିଅନ ହୋଇଛନ୍ତି।



ଉଦ୍‌ଯାପନୀ ଉତ୍ସବରେ ହକି ଇଣ୍ଡିଆର ସଭାପତି ପଦ୍ମଶ୍ରୀ ଦିଲୀପ ତିର୍କି ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ସିଏମସଏମ୍ ଅଧ୍ୟକ୍ଷ ପ୍ରିୟଦର୍ଶୀ ପାଣି, ଡ. ସଞ୍ଜୟ ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ରହିଥିଲେ। ଓଡ଼ିଶା ସ୍କ୍ୱାଶ୍ ଆସୋସିଏସନ୍ (ଓଏସ୍‌ସି) ଉପସଭାପତି ନଫିସ ସଇଦ, ଟେକନିକାଲ ମୁଖ୍ୟ ଗୌତମ ଦାସ, ଉପଦେଷ୍ଟା ସମ୍ବିତ ମହାପାତ୍ର, ସନୁ କୁମାର ପଣ୍ଡା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### ତୀରନ୍ଦାଜୀ ବିଶ୍ୱକପ୍

# ଭାରତୀୟ ରିକର୍ଭ ଦଳକୁ ସ୍ୱର୍ଣ୍ଣ



ସାଂଘାଇ, ୧୦।୫ (ଏଜେନ୍ସି): ଦୀପିକା କୁମାରୀ, ଅଙ୍କିତା ଭକତ ଓ କୁମ୍‌କୁମ୍ ମୋହୋଦଙ୍କୁ ନେଇ ଗଠିକ ଭାରତୀୟ ରିକର୍ଭ ଦଳ ଚାଇନାରେ ଚାଲିଥିବା ତୀରନ୍ଦାଜୀ ବିଶ୍ୱକପ୍ ଷ୍ଟେଜ-୨ରେ ସ୍ୱର୍ଣ୍ଣିମ ସଫଳତା ପାଇଛି। ରବିବାର ଅନୁଷ୍ଠିତ କଡ଼ା ସଂଘର୍ଷପୂର୍ଣ୍ଣ ମହିଳା ରିକର୍ଭ ଫାଇନାଲରେ ଭାରତୀୟ ଦଳ ଟାଇବ୍ରେକରରେ ୫-୪ (୨୮-୨୬) ଘରୋଇ ଚାଇନାକୁ ହରାଇଥିଲା। ଚାରି ସେଟ୍‌ବିଶିଷ୍ଟ ଫାଇନାଲରେ ଉଭୟ ଦଳ ୪-୪ର ସମାନ ସ୍ଥିତିରେ ରହିଥିଲେ। ଫଳରେ ଟାଇବ୍ରେକର ସହାୟତା ନିଆଯାଇଥିଲା। ଏଥିପୂର୍ବରୁ ସେମିଫାଇନାଲରେ ଭାରତ ଦମ୍‌ଦାର ପ୍ରଦର୍ଶନ କରି ୧୦ଥରର ଅଲିମ୍ପିକ ଚାମ୍ପିଅନ ଦକ୍ଷିଣ କୋରିଆକୁ ପରାସ୍ତ କରିଥିଲା। ୨୦୨୧ ପରେ ତୀରନ୍ଦାଜୀ ବିଶ୍ୱକପ୍‌ରେ ଭାରତୀୟ ରିକର୍ଭ ମହିଳା ଦଳର ଏହା ପ୍ରଥମ ସ୍ୱର୍ଣ୍ଣ ପଦକ ସଫଳତା ଥିଲା।

### ନଳିନୀକାନ୍ତ ସ୍ମାରକୀ ଚେସ୍

# ଓମ୍‌ଆଦିତ୍ୟ ଚାମ୍ପିଅନ, ସାର୍ଥକ ରନର୍ସଅପ୍



ଭୁବନେଶ୍ୱର,୧୦।୫ (ସମିସ): ଭୁବନେଶ୍ୱରର ଓମ୍ ଆଦିତ୍ୟ ଖାଡଙ୍ଗା ଓ ସାର୍ଥକ ମହାନ୍ତି ଏଠାରେ ରବିବାର ଅନୁଷ୍ଠିତ ଚତୁର୍ଥ ନଳିନୀକାନ୍ତ ଆଚାର୍ଯ୍ୟ ସ୍ମାରକୀ ଚେସ୍ ଟୁର୍ଣ୍ଣାମେଣ୍ଟରେ ଯଥାକ୍ରମେ ଚାମ୍ପିଅନ ଓ ରନର୍ସଅପ୍ ହୋଇଛନ୍ତି। ଓଡ଼ିଶା ରାଜ୍ୟ ଚେସ ସଂଘ ଆନୁକୂଲ୍ୟରେ କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ ପରିସରରେ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟରେ ଉଭୟ ଖେଳାଳି ୪.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱରର ନଟବର ଦାସ ତୃତୀୟ, କଟକର ରବୀନ୍ଦ୍ର ଓଝା ଚତୁର୍ଥ ଓ ଭୁବନେଶ୍ୱରର ଆୟୁଷ୍ମାନ ବେହେରା ୫ମ ସ୍ଥାନ ଅଧିକାର କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟକୁ ହାଇଟେକ୍ ମେଡିକାଲ କଲେଜ୍ ସିଇଓ ସୁଶାନ୍ତ ଆଚାର୍ଯ୍ୟ ଉଦ୍‌ଘାଟନ କରିଥିଲାବେଳେ ସ୍କୁଲର ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ, ସାମାଜିକ କର୍ମୀ ସଙ୍ଗୀତା ଷଡଙ୍ଗୀ ଓ ଓଡ଼ିଶା ରାଜ୍ୟ ଚେସ୍ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ।

## ଆଜାନଙ୍କ ଶତକ ସତ୍ତ୍ୱେ ପାକିସ୍ତାନ ପାଳି ପଛୁଆ

ଢାକା, ୧୦।୫ (ଏଜେନ୍ସି): ଘରୋଇ ବାଂଲାଦେଶ ବିପକ୍ଷରେ ଚାଲିଥିବା ପ୍ରଥମ ଟେଷ୍ଟରେ ପାକିସ୍ତାନ ପଦାର୍ପଣକାରୀ ଆଜାନ ଆୱେସଙ୍କ ଶତକ ସତ୍ତ୍ୱେ ପାଳି ପଛୁଆ ହୋଇଛି। ବାଂଲାଦେଶର ପ୍ରଥମ ପାଳି ସ୍କୋର ୪୧୩ ରନ ଜବାବରେ ପାକିସ୍ତାନ ରବିବାର ତୃତୀୟ ଦିବସରେ ୩୮୬ ରନରେ ସୀମିତ ରହିଛି। ୨୧ ବର୍ଷୀୟ ପଦାର୍ପଣକାରୀ ବାମହାତୀ ବ୍ୟାଟର ଆଜାନ ୧୬୫ ବଲରେ ସର୍ବାଧିକ ୧୦୩ ରନ କରିଥିଲେ। ଏଥିସହ ୧୭ ବର୍ଷ ପରେ ପାକିସ୍ତାନର ପ୍ରଥମ ପଦାର୍ପଣକାରୀ ବ୍ୟାଟର ଭାବେ ଆଜାନ ବିଦେଶ ମାଟିରେ ଶତକ ହାସଲ କରିବାର ସୌଭାଗ୍ୟ ଲାଭ କରିଛନ୍ତି। ସେହିଭଳି ପଦାର୍ପଣ ଟେଷ୍ଟରେ ଶତକ ମାରିବାରେ ସେ ୧୪ତମ ପାକିସ୍ତାନ ବ୍ୟାଟର୍ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସଲମାନ ଅଲି ଆଘା ୫୮, ମହମ୍ମଦ ରିଜୱାନ ୫୯, ଅବଦୁଲ୍ଲା ଫଜଲ ୬୦ ଓ ଇମାମ ଉଲ୍-ହକ ୪୫ ରନ କରିଥିଲେ। ବାଂଲାଦେଶ ପକ୍ଷରୁ ମେହେଦୀ ହାସନ ମିରାଜ ସବୁଠୁ ସଫଳ ବୋଲର ରହିଥିଲେ।

### କିଟ୍ ଅନ୍ତର୍ଜାତୀୟ ଚେସ୍ ମହୋତ୍ସବ ୨୩ରୁ

# ପୁରସ୍କାର ୧.୩୧ କୋଟି, ଭାଗନେବେ ୩୦ ଗ୍ରାଣ୍ଡମାଷ୍ଟର

ଭୁବନେଶ୍ୱର, ୧୦।୫ (ସମିସ)

କିଟ୍ ଅନ୍ତର୍ଜାତୀୟ ଚେସ୍ ମହୋତ୍ସବର ଆଉ ଏକ ସଂସ୍କରଣ ଚଳିତମାସ ୨୩ରୁ ୩୦ ତାରିଖ ଯାଏ ଆୟୋଜକ କିଟ୍ ୟୁନିଭର୍ସିଟି ପରିସରରେ ଥିବା ବିଶ୍ୱନାଥନ ଆନନ୍ଦ ଚେସ୍ ହଲ୍ ପରିସରରେ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାକୁ ଅନ୍ତର୍ଜାତୀୟ ଚେସ୍ ଫେଡେରେସନ (ଫିଡେ) ଓ ଅଲ୍ ଇଣ୍ଡିଆ ଚେସ୍ ଫେଡେରେସନ (ଏଆଇସିଏଫ୍) ଦ୍ୱାରା ସ୍ୱୀକୃତିପ୍ରାପ୍ତ ଏହି ଟୁର୍ଣ୍ଣାମେଣ୍ଟରେ ରେକର୍ଡ ୧.୩୧ କୋଟି ଟଙ୍କାର ପୁରସ୍କାର ପ୍ରଦାନ କରାଯିବ। ଏହି ଟୁର୍ଣ୍ଣାମେଣ୍ଟ ୫ଟି କାଟାଗୋରୀରେ ଖେଳାଯାଉଥିଲା ବେଳେ କାଟାଗୋରୀ-ଏ'ରେ ୩୦ଜଣ ଗ୍ରାଣ୍ଡମାଷ୍ଟର ଅଂଶଗ୍ରହଣ କରୁଛନ୍ତି। କାଟାଗୋରୀ-ଏ'ରେ ୫୧ ଲକ୍ଷ, କାଟାଗୋରୀ-ବି' ଓ ସି'ରେ ୩୬ ଲକ୍ଷ ଲେଖାଏଁ ୭୨ ଲକ୍ଷ, ଓପନ ବ୍ଲିଜ୍ ୧ ଓ ୨ରେ ୪ ଲକ୍ଷ ଲେଖାଏଁ ୮ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରାଯିବ। ଟୁର୍ଣ୍ଣାମେଣ୍ଟରେ ମୋଟ ୪୦ଟି ଦେଶରୁ ୮୫ଜଣ ଅନ୍ତର୍ଜାତୀୟ ରେଟେଡ ଖେଳାଳି ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି ବୋଲି କିଟ୍ କ୍ରୀଡ଼ା ନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ଜଣାଇଛନ୍ତି।

ଟୁର୍ଣ୍ଣାମେଣ୍ଟର କାଟାଗୋରୀ-ଏ'ରେ ୨୬୫୦ ରେଟିଂପ୍ରାପ୍ତ ମେକ୍ସିକୋର ଜିଏମ୍ ଆଲକାଣ୍ଟାରା ଜୋଜ୍ ଏଡୁଆର୍ଡୋନ-୧ସିଡ ରହିଛନ୍ତି। ତାଙ୍କ ପଛକୁ ୮ଜଣ ଖେଳାଳି ୨୫୦୦ କିମ୍ବା ତାଠାରୁ ଅଧିକ ରେଟିଂପ୍ରାପ୍ତ ଖେଳାଳି ରହିଛନ୍ତି। ଓଡ଼ିଶାରୁ କୌଣସି ଗ୍ରାଣ୍ଡମାଷ୍ଟର ଏଡି ଟୁର୍ଣ୍ଣାମେଣ୍ଟରେ ଖେଳୁ ନ ଥିଲାବେଳେ ଦୁଇ ଶୀର୍ଷ ମହିଳା ଖେଳାଳି ଆଇଏମ୍ ପଦ୍ମିନୀ ରାଉତ ଓ ମହିଳା ଜିଏମ୍ କିରଣ ମନୀଷା ମହାନ୍ତି ଅଂଶଗ୍ରହଣ କରୁଛନ୍ତି। କାଟାଗୋରୀ-ଏ'ରେ ୧୯୦୦ ତଥା ତା'ଠାରୁ ଅଧିକ ମାନ୍ୟତାପ୍ରାପ୍ତ ଖେଳିବେ ବୋଲି ନିୟମ ରହିଛି। କିନ୍ତୁ ୧୯୦୦ ରେଟିଂରୁ କମ୍ ମାନ୍ୟତାପ୍ରାପ୍ତ ୧୦୬ ଜଣ ଖେଳାଳି ଏହି ଟୁର୍ଣ୍ଣାମେଣ୍ଟରେ ଭାଗନେବାକୁ ପଞ୍ଜିକୃତ ହୋଇଥିବାରୁ କାଟାଗୋରୀ-ଏ'ରେ ହାରାହାରି ରେଟିଂ ୨୦୧୮ ରହିଛି। ରାଜ୍ୟ ତଥା ଓଡ଼ିଶା ଚେସ୍‌ର ଉନ୍ନତିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବାରୁ କିଟ୍ ୟୁନିଭର୍ସିଟିକୁ ଏଆଇସିଏଫ୍ ପକ୍ଷରୁ ସିଧାସଳଖ ସ୍ୱୀକୃତି ପ୍ରଦାନ କରାଯାଇଛି।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS